# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ମାର୍ଚ୍ଚ ୧୮ /୨୦୧୯ (୧୬ ପୃଷ୍ଠା) Rayagada, Monday, March 18 / 2019 ★

୯ମ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





**ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ: ସ୍ୱରା ଭାସ୍କର**

ଫିଲ୍ମ ନିର୍ମାଣ ପାଇଁ ଉଦ୍ୟମ କରୁଛି। କିନ୍ତୁ ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ପ୍ରକାଶ କରିଛନ୍ତି।

୦୪

୧୪

**ଇର୍ଫାନଙ୍କୁ ଅଲିମ୍ପିକ ଯୋଗ୍ୟତା**

ଭାରତୀୟ ରେସ୍ ୱାକର ଇର୍ଫାନ କେ.ଟି. ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।




# ପରପାରିରେ ପାରିକର

ନୂଆଦିଲ୍ଲୀ,୧୭।୩



ଆବିର୍ଭାବ- ୧୩ ଡିସେମ୍ବର, ୧୯୫୫
ପରଲୋକ- ୧୭ ମାର୍ଚ୍ଚ, ୨୦୧୯

ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କର ରବିବାର ସନ୍ଧ୍ୟା ୬ଟା ୪୦ ମିନିଟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କର ଦୁଇ ପୁଅ ଅଛନ୍ତି। ସେ ବର୍ଷେ ହେଲା କ୍ୟାନ୍‌ସରରେ ପୀଡିତ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେବାରୁ ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ରବିବାର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡିଥିଲା।

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାରିକରଙ୍କୁ ପାନ୍‌କ୍ରିଆଟିକ୍ କ୍ୟାନ୍‌ସର ହୋଇଥିବା ଗତବର୍ଷ ଫେବୃୟାରୀରେ ଜଣାପଡିଥିଲା। ଏହାପରେ ଆମେରିକାର ନ୍ୟୁୟର୍କ ଏବଂ ଦିଲ୍ଲୀସ୍ଥିତ ଏମ୍ସରେ ତାଙ୍କର ଚିକିତ୍ସା କରାଯାଇଥିଲା। ଏହା ବ୍ୟତୀତ ମୁମ୍ବାଇ ଓ ଗୋଆ ହସ୍ପିଟାଲରେ ମଧ୍ୟ ସେ ଚିକିତ୍ସିତ ହୋଇଥିଲେ। ଅସୁସ୍ଥତା ସତ୍ତ୍ୱେ ଗତ ଡିସେମ୍ବରରେ ସେ କାର୍ଯ୍ୟରେ ଯୋଗଦେଇଥିଲେ ☞ପୃଷ୍ଠା–୪

# ପି.ସି. ଘୋଷ ହେବେ ପ୍ରଥମ ଲୋକପାଳ

ନୂଆଦିଲ୍ଲୀ,୧୭।୩(ପି.ଟି.)

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ଦେଶର ପ୍ରଥମ ଲୋକପାଳ ହୋଇପାରନ୍ତି। ୨୦୧୭ ମେ'ରେ ସୁପ୍ରିମକୋର୍ଟରୁ ଅବସର ନେଇଥିବା ଜଷ୍ଟିସ୍ ଘୋଷ ଏବେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)ର ସଦସ୍ୟ ଅଛନ୍ତି। ୨ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଲୋକପାଳ ଚୟନ କମିଟି ଘୋଷଙ୍କ ନାମ ସୁପାରିସ କରିଥିବା ଜଣାପଡିଛି। ସୋମବାର ଏ ସମ୍ପର୍କରେ ବିଧିବଦ୍ଧ ଘୋଷଣା ହୋଇପାରେ। ଲୋକପାଳର ଅନ୍ୟ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ହାଇକୋର୍ଟର ପୂର୍ବତନ ବିଚାରପତି ହେବାକୁ ଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ମହିଳା ବିଚାରପତି ରହିବେ। ଅନ୍ୟ ୪ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ମଧ୍ୟ ଲୋକପାଳ କମିଟିକୁ ମନୋନୀତ ହେବେ। ଫେବୃୟାରୀ ଶେଷ ସୁଦ୍ଧା ଲୋକପାଳ ଚୟନ କରିବା ଲାଗି ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ।



ପିନାକୀ ଚନ୍ଦ୍ର ଘୋଷ

ପ୍ରଧାନମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମେତ ନିର୍ଦ୍ଦିଷ୍ଟ ବର୍ଗର ଉଚ୍ଚ ପଦାଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ ଲାଗି କେନ୍ଦ୍ରରେ ଲୋକପାଳ ଏବଂ ରାଜ୍ୟଗୁଡିକରେ ଲୋକାୟୁକ୍ତ ନିଯୁକ୍ତି ଲାଗି ୨୦୧୩ରେ ଲୋକପାଳ ଆଇନ ଗୃହୀତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଲୋକପାଳ ଚୟନ କମିଟିରେ ଲୋକ ସଭା ବାଚସ୍ପତି, ଲୋକ ସଭାରେ ବିରୋଧୀ ଦଳ ନେତା, ପ୍ରଧାନ ବିଚାରପତି କିମ୍ବା ତାଙ୍କ ଦ୍ୱାରା ମନୋନୀତ ସୁପ୍ରିମକୋର୍ଟର ଅନ୍ୟ କୌଣସି ବିଚାରପତି, ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ଜଣେ ଖ୍ୟାତନାମା ଆଇନଜ୍ଞ ସଦସ୍ୟ ରହିପାରିବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉକ୍ତ କମିଟିକୁ ମୁକୁଲ ରୋହତଗୀଙ୍କୁ ମନୋନୀତ କରିଥିଲେ। ତେବେ କମିଟିରେ କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ରଖାଯାଇଥିବାରୁ ସେ ଏହାର କୌଣସି ବୈଠକରେ ଯୋଗଦେଉ ନାହାନ୍ତି।

ଜଷ୍ଟିସ୍ ଘୋଷଙ୍କୁ ଲୋକପାଳ ନିଯୁକ୍ତି ଲାଗି ସରକାର ବିଚାର କରୁଥିବା ଖବର ପାଇବା ପରେ ସାମାଜିକ କର୍ମୀ ଆନ୍ନା ହାଜାରେ ଏହାକୁ ସ୍ୱାଗତ କରିଛନ୍ତି। ଲୋକପାଳ ନିଯୁକ୍ତି ଲାଗି ଦୀର୍ଘ ୪୮ ବର୍ଷ ଧରି ଚାଲିଥିବା ଆନ୍ଦୋଳନର ବିଜୟ ହେଲା ବୋଲି ସେ କହିଛନ୍ତି। ଲୋକପାଳ ନିଯୁକ୍ତି ଦାବିରେ ଆନ୍ନା ଅନେକ ଥର ଆନ୍ଦୋଳନ ଓ ଅନଶନ କରିଛନ୍ତି। ସେ ଗତ ଫେବୃୟାରୀ ମାସରେ ତାଙ୍କ ନିଜ ଗାଁ ରାଲେଗାଓଁ ସିଦ୍ଧିରେ ଅନଶନରେ ବସିଥିଲେ।

# ଭାଜପାରେ ପ୍ରକାଶ

■ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ବିଶ୍ୱାସ

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ବିଜେଡି ଓ କଂଗ୍ରେସର ବହୁ ହେଭିୱେଟ୍ ଏବେ ଭାଜପାମୁହାଁ ହେବା ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ପୂର୍ବରୁ ଯାହା ହୋଇ ନ ଥିଲା ବର୍ତ୍ତମାନ ତାହା ସମ୍ଭବ ହୋଇପାରିଛି। କଂଗ୍ରେସରୁ ଇସ୍ତଫା ଦେଇଥିବା ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ରବିବାର ଭାଜପାରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। କଂଗ୍ରେସ ତାଙ୍କୁ ଗତବର୍ଷେ ହେଲା ଅବହେଳା କରି ଆସୁଥିବା ଦର୍ଶାଇ ପ୍ରକାଶ ଦଳରୁ ଇସ୍ତଫା ଦେଇଥିବା କହିଥିଲେ। ଅନ୍ୟପଟେ ତାଙ୍କୁ କଟକ ଜିଲା ସଭାପତି ପଦରୁ ହଟାଇ ଦିଆଯିବା କାରଣରୁ ମଧ୍ୟ ସେ ଅସନ୍ତୁଷ୍ଟ ଥିବା କହିଥିଲେ। ଏହାପରେ ପ୍ରକାଶ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ଏବଂ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ପ୍ରକାଶ ଦଳରେ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ଅନ୍ୟ ବରିଷ୍ଠ ନେତୃବୃନ୍ଦମାନେ ପ୍ରକାଶଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଭାଜପାରେ ସ୍ୱାଗତ କରିଛନ୍ତି। ଭାଜପାରେ ଯୋଗଦାନ ପରେ ସେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିଥିଲେ। ☞ପୃଷ୍ଠା–୪

# ପଶ୍ଚିମ ଓଡ଼ିଶାରୁ ଲଢ଼ିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ଯେ କୌଣସି ଆସନରୁ ନିର୍ବାଚନ ଲଢ଼ନ୍ତୁ। ଏ ସମ୍ପର୍କିତ ଏକ ପ୍ରସ୍ତାବ ପଶ୍ଚିମ ଓଡ଼ିଶାର ବିଜେଡି ବିଧାୟକ, ଏମ୍‌ପି ଏବଂ ବୁଦ୍ଧିଜୀବୀ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦେଇଛନ୍ତି। ଦଳୀୟ ନେତାଙ୍କ ଏହି ପ୍ରସ୍ତାବକୁ ସେ ଗୁରୁତର ସହ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ନବୀନ ପଶ୍ଚିମ ଓଡ଼ିଶା କେଉଁ ସ୍ଥାନରୁ ପ୍ରାର୍ଥୀ ହେବେ, ସେ ନେଇ ଘୋଷଣା କରିପାରନ୍ତି। ଦଳର କିଛି ବରିଷ୍ଠ ନେତାଙ୍କ ମତ ଅନୁଯାୟୀ ମୁଖ୍ୟମନ୍ତ୍ରୀ ବରଗଡ ଲୋକ ସଭା ଅନ୍ତର୍ଗତ ବିଜେପୁର କିମ୍ବା ବରଗଡ, ସମ୍ବଲପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଢାଖୋଲ ଅଥବା ସୁନ୍ଦରଗଡ ଲୋକ ସଭା ଅଧୀନରେ ଆସୁଥିବା ରାଉରକେଲା ବିଧାନସଭା ଆସନରୁ ଲଢି ପାରନ୍ତି। ଗତବର୍ଷ ବିଜେପୁର ଉପନିର୍ବାଚନ ପ୍ରଚାର ସମୟରେ ବିଜେପୁରକୁ ନିଜ ନିର୍ବାଚନମଣ୍ଡଳୀ କହିଥିବାରୁ ସେହି ଆସନରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରୁ ଲଢିବା ଏବଂ କେଉଁ ଆସନରୁ ଲଢିବା ପାଇଁ ସ୍ଥିର କରୁଛନ୍ତି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି।



ପଶ୍ଚିମ ଓଡ଼ିଶାର ନେତା ଓ ବୁଦ୍ଧିଜୀବୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ବିଜେପୁର ଆସନକୁ ନେଇ ସର୍ବାଧିକ ଚର୍ଚ୍ଚା

■ ୪୮ ଘଣ୍ଟା ମଧ୍ୟରେ ଆସନ ସ୍ପଷ୍ଟ ହେବ

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ବିଜେଡି ପ୍ରାର୍ଥୀ ନେଇ ଚୂଡାନ୍ତ ନିଷ୍ପତ୍ତି ହୋଇନାହିଁ। କେତେକ ଆସନରେ ଏବେ ମଧ୍ୟ କେଁ ରହିଛି। ପଶ୍ଚିମ ଓଡ଼ିଶାରେ ଭାଜପା ପଞ୍ଚାୟତ ନିର୍ବାଚନରେ ଭଲ ଫଳାଫଳ କରିଥିଲା। ସେହିପରି ଛତିଶଗଡରେ କଂଗ୍ରେସ ସରକାର ଗଠନ କରିବା ପରେ ତା'ର ପ୍ରଭାବ ମଧ୍ୟ ପଶ୍ଚିମ ଓଡ଼ିଶାରେ ପଡିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେଲେ ଏହାର ପ୍ରଭାବ ୫ ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭା ଆସନଗୁଡିକରେ ପଡିବ। ତେଣୁ ପଶ୍ଚିମ ଓଡ଼ିଶା ବିଜେଡି ନେତାଙ୍କ ପ୍ରସ୍ତାବକୁ ନବୀନ ସମ୍ମତି ପ୍ରଦାନ କରିପାରନ୍ତି। ୨୦୦୦ରୁ ମୁଖ୍ୟମନ୍ତ୍ରୀ ରହି ଆସିଥିଲେ ବି ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀ ଛାଡି ନବୀନ ଅନ୍ୟA କେଉଁଠି ଲଢିନାହାନ୍ତି। ତେଣୁ ନବୀନ ପ୍ରଥମ ଥର ଦୁଇଟି ଆସନରେ ଲଢିବା ସମ୍ଭାବନା ସୃଷ୍ଟି ହୋଇଛି। ସଂଯୋଗବଶତଃ ନବୀନଙ୍କ ପ୍ରାର୍ଥିତ୍ୱ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିବା ବିଜେପୁର ଏବଂ ପାରମ୍ପରିକ ନିର୍ବାଚନମଣ୍ଡଳୀ ☞ପୃଷ୍ଠା–୪

# କୋମ୍ବିଂ ଅପରେଶନ ବେଳେ ଟିଫିନ୍ ବୋମା ଠାବ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା–ତୋରାଣିପାଣି ରାସ୍ତା ପାର୍ଶ୍ୱସ୍ଥ ଜଙ୍ଗଲରୁ ପୋଲିସ କୋମ୍ବିଂ ଅପରେଶନ ସମୟରେ ଏକ ଟିଫିନ୍ ବୋମା ଓ ଦେଶୀ ବନ୍ଧୁକ ଜବତ କରିଛି । ଆଗକୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଜପତି ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ନିର୍ଦ୍ଦେଶରେ ମାଓବାଦୀ ପ୍ରବଣ ଅଡବା ମୋହନା ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ରବିବାର କୋମ୍ବିଂ ଅପରେଶନ ବେଳେ ଟିଫିନ୍ ବୋମା ଓ ଏକ ଦେଶୀ ବନ୍ଧୁକ ମିଳିଛି । ଟିଫିନ୍ ବୋମାଟି ପ୍ରାୟ ☞ପୃଷ୍ଠା–୪

## ଆଜିର ସମ୍ପାଦକୀୟ


**ଆତଙ୍କର ସିଧା ପ୍ରସାରଣ**


## କିଛି ତଥ୍ୟ

ଏପ୍ରିଲ–ଫେବୃୟାରୀ ସମୟ ମଧ୍ୟରେ ଦେଶର ରପ୍ତାନି ପ୍ରାୟ ୮.୮% ବୃଦ୍ଧି ଘଟି ୨୯୮.୫ ବିଲିୟନ ଡଲାର ଛୁଇଁଛି।

–ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ମନ୍ତବ୍ୟ

" ଆଗାମୀ ସାଧାରଣ ନିର୍ବାଚନରେ ଲୋକେ ସ୍ଥିର ସରକାର ଆଣିବା ଲାଗି ଠିକ୍ ନିଷ୍ପତ୍ତି ନେବେ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ


AMITY-JEE 2019
EXAM DATES: 8th April to 5th May, 2019 At Test Centres across India
PREPARE TODAY FOR TOMORROW'S TECHNOLOGIES
AMITY B.TECH 4.0
at Kolkata, Noida, Gurugram, Greater Noida, Gwalior, Jaipur, Lucknow, Mumbai, Patna, Raipur and Ranchi
Today, the advancements in technology are causing major paradigm shifts. That's why the Amity B.Tech 4.0 Programmes have been designed to help brilliant young minds stay at the forefront of disruptive technologies.
B.TECH DEGREES
• Aerospace • Artificial Intelligence • Avionics • Biotechnology • Bioinformatics • Biomedical • Chemical Engg. • Civil Engg. • Computer Sc. & Engg. • Electrical & Electronics Engg. • Electrical Engg. • Electronics & Communication • Electronics & Instrumentation • Electronics & Telecom • Food Tech. • Information Tech. • Internet of Things • Mech. Engg./Mech. & Automation • Nanotech. • Nuclear Sc. & Tech. • Solar & Alternate Energy
B.TECH PROGRAMMES WITH TATA TECHNOLOGIES
• Aeronautical Engg. • Automobile Engg. • Industrial Heavy Machinery
B.TECH DUAL/INTEGRATED DEGREES
• B.Tech + MBA • B.Tech + M.Tech • Integrated M.Tech (Converging Technologies)
B.TECH - 3 CONTINENT (INDIA, UK & USA) PROGRAMMES
Study in India at Amity University and one semester in UK and USA
B.TECH INTERNATIONAL PROGRAMMES
Study first 2 years at Amity and last 2 years at partner university of UK/Australia and earn a globally recognised degree from partner university.
AMITY UNIVERSITY
To apply, visit www.amity.edu/amityjee
For more information, you can also contact Amity Information Centres at:
Bhubaneswar: 0674-2973576 | Rourkela: 0661-2470110 | Sambhalpur: 0663-2540135





Join Career Oriented KLiC Courses
MKCL KLiC Tally with GST
Gateway to Knowledge Lit Careers
Learn Tally with GST and Advanced Inventory Management
MKCL KLiC Advanced Excel
Gateway to Knowledge Lit Careers
Learn Data Analysis, Expense & Accounts Management
For Admissions please contact nearest OS-CIT Center Today!
0674-3026700, 6676767
www.okcl.org/klic





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.
Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of KWID & DUSTER of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. ^^0 % Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ^Benefits of ₹65,000 include Insurance at ₹1 & Exchange bonus of ₹20,000. Exchange at the sole discretion of Renault Selection only. ##Benefits up to ₹2,00,000 include cash benefits of ₹2,00,000 on select variants. All benefits of CAPTUR applicable only to versions of 2018 year of manufacturing. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.
SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.
L&K | SAATCHI & SAATCHI



"ନିର୍ବାଚନୀ ଫାଇଦା ପାଇଁ ନୁହେଁ, ଗରିବଙ୍କ ବିକାଶ ଲାଗି ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି।
-ଥାୱର ଚନ୍ଦ୍ ଗେହଲଟ, କେନ୍ଦ୍ରମନ୍ତ୍ରୀ

### ୭ ପର୍ଯ୍ୟାୟରେ ୪୦ ଆସନ ପାଇଁ ମତଦାନ

# ବଦଳୁଛି ବିହାର ସମୀକରଣ

**ପାଟନା/ନୂଆଦିଲ୍ଲୀ,୧୭।୩**



ନୀତୀଶ କୁମାର



ତେଜସ୍ୱୀ ଯାଦବ

ଉତ୍ତରପ୍ରଦେଶ ଭଳି ବିହାର ହେଉଛି ଜାତିଗତ ସମୀକରଣ ଆଧାରରେ ମତଦାନ ହେଉଥିବା ରାଜ୍ୟ। ବିହାରର ଜନତା କେତେବେଳେ କେଉଁ ଆଡ଼କୁ ଢଳିବେ ତାହା ଆକଳନ କରିବା ସେତେଟା ସହଜ ହୋଇ ନ ଥାଏ। ଏଥିଲାଗି ସବୁ ଜାତିର ପ୍ରାର୍ଥୀଙ୍କୁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଟିକେଟ ଦେଇ ଜନସମର୍ଥନ ହାସଲ କରିବା ପାଇଁ ଉଦ୍ୟମ କରନ୍ତି। ଏହି ପରିପ୍ରେକ୍ଷୀରେ ଏଥର ସାଧାରଣ ନିର୍ବାଚନରେ ଉତ୍ତରପ୍ରଦେଶର କ୍ଷତିଭରଣା କରିବା ପାଇଁ ବିହାର ଉପରେ ଅଧିକ ଗୁରୁତ୍ୱ ଦେଇଛି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)। ବିହାରର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏନ୍‌ଡିଏ କେନ୍ଦ୍ରରେ ଶକ୍ତି ବୃଦ୍ଧି କରିବାକୁ ପ୍ରୟାସ ଚଳାଇଥିବାବେଳେ ଏହାକୁ ମାତ୍ ଦେବା ପାଇଁ ଅଣ୍ଟା ଭିଡ଼ିଛି ବିରୋଧୀ ମହାମେଣ୍ଟ। ତେବେ ୨୦୧୪ ପରଠାରୁ ଲଗାତର ରାଜନୈତିକ ସମୀକରଣ ବଦଳୁଥିବାରୁ ପରିଣାମ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇ ନ ପାରେ। ଜାତୀୟ ରାଜନୀତିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଶର ଅନ୍ୟତମ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ବିହାରରେ ସମସ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟ ମତଦାନ ଏପ୍ରିଲ ୧୧ରେ ଆରମ୍ଭ ହେବାକୁ ଥିବାବେଳେ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ ମେ ୧୮ରେ ହେବ। ଏଥିଲାଗି ରାଜ୍ୟର ୭୨,୭୨୩ ପୋଲିଂ ଷ୍ଟେଶନରେ ୭.୦୬ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୧୫.୫୦ ଲକ୍ଷ ହେଉଛନ୍ତି ପ୍ରଥମଥର ମତଦାତା। ବିହାରରେ ଲୋକ ସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ରବିବାର ଆସନ ବୁଝାମଣା ନେଇ ଘୋଷଣା କରାଯାଇଛି। ପାଟନାସ୍ଥିତ ସଂଯୁକ୍ତ ଜନତା ଦଳ(ଜେଡିୟୁ) କାର୍ଯ୍ୟାଳୟରେ ଭାଜପାର ରାଜ୍ୟ ସଭାପତି ନିତ୍ୟାନନ୍ଦ ରାୟ, ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ରାଜ୍ୟ ସଭାପତି ପଶୁପତି କୁମାର ପାରସ ଏବଂ ଜେଡିୟୁ ରାଜ୍ୟ ସଭାପତି ବଶିଷ୍ଠ ନାରାୟଣ ସିଂ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା କରିଛନ୍ତି। ବୁଝାମଣା ଅନୁସାରେ ଜେଡିୟୁ ଏବଂ ଭାଜପା ୧୭ଟି ଲେଖାଏ ଆସନରେ ଲଢ଼ିବେ। ଅବଶିଷ୍ଟ ୬ ଆସନ ରାମବିଳାସ ପାଶ୍ୱାନଙ୍କ ଏଲ୍‌ଜେପି ପାଇଁ ଛାଡ଼ି ଦିଆଯାଇଛି। ଜେଡିୟୁ ଭାଗରେ ପଡ଼ିଥିବା ୧୭ ଆସନ ମଧ୍ୟରୁ ୫ (ବାଲ୍ମୀକିନଗର, ଗୟା, ସିୱାନ, ଗୋପାଳଗଞ୍ଜ ଓ ଝାଞ୍ଜରପୁର) ଆସନ ୨୦୧୪ରେ ଭାଜପା ଦଖଲ କରିଥିଲା। ଗତ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦ରୁ ୩୧ ଆସନରେ ବିଜୟୀ ହୋଇଥିଲା। ତନ୍ମଧ୍ୟରୁ କେବଳ ୨୨ଟିରେ ଭାଜପା ଜିତିଥିବାବେଳେ ଏଲ୍‌ଜେପିକୁ ୬ ଏବଂ ଉପେନ୍ଦ୍ର କୁଶୱାହଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି)କୁ ୩ ଆସନରେ ସଫଳତା ମିଳିଥିଲା। ଆର୍‌ଏଲ୍‌ଏସ୍‌ପି ଏଥର ବିରୋଧୀ ମହାମେଣ୍ଟରେ ଯୋଗଦେଇ ନିର୍ବାଚନ ଲଢ଼ୁଛି। ୨୦୧୪ରେ ଜେଡିୟୁ ଏନ୍‌ଡିଏର ଅଂଶୀଦାର ନ ଥିଲା। ଏହାକୁ ମାତ୍ର ୨ଟି ଆସନ (ପୂର୍ଣ୍ଣିଆ ଓ ନଓ୍ୱାଦା)ରେ ସଫଳତା ମିଳିଥିଲା। ସେପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), କଂଗ୍ରେସ, ଆର୍‌ଏଲ୍‌ଏସ୍‌ପି, ଜିତନ୍ ରାମ ମାଞ୍ଝିଙ୍କ ହିନ୍ଦୁସ୍ଥାନ ଆୱାମ୍ ମୋର୍ଚ୍ଚା (ଏସ୍), ଶରଦ ଯାଦବଙ୍କ ଲୋକତାନ୍ତ୍ରିକ ଜନତା ଦଳ (ଏଲ୍‌ଜେଡି) ଏବଂ ବଲିଉଡ୍ ସେଟ୍ ଡିଜାଇନର ମୁକେଶ ସାହନୀଙ୍କ ବିକାଶଶୀଲ୍ ଇନ୍‌ଶାନ ପାର୍ଟିକୁ ନେଇ ଏଥର ମହାମେଣ୍ଟ ଗଠନ ହୋଇଛି। ଏହି ମହାମେଣ୍ଟ ପକ୍ଷରୁ ସୋମବାର ଆସନ ବୁଝାମଣା ନେଇ ଘୋଷଣା ହେବ ବୋଲି ଜଣାପଡ଼ିଛି। ତେବେ କଂଗ୍ରେସ ୧୧ ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିବା ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଅଖିଳେଶ ସିଂ ସୂଚନା ଦେଇଛନ୍ତି। ଜିତନ ରାମ ମାଞ୍ଝିଙ୍କୁ ୩ ଓ ଉପେନ୍ଦ୍ର କୁଶୱାହଙ୍କୁ ୫ ଆସନ ଦେବା ପାଇଁ ମହାମେଣ୍ଟରେ ବିଚାର ହୋଇଥିବାବେଳେ ଅନ୍ୟ ସହଯୋଗୀମାନଙ୍କୁ ଗୋଟିଏ ଲେଖାଏ ଆସନ ଦିଆଯାଇପାରେ। ସେହିପରି ସିପିଆଇ ଏବଂ ସିପିଏମ୍‌ଏଲ୍‌କୁ ୨ଟି ଲେଖାଏ ଆସନ ମିଳିପାରେ। ଆସନ ବୁଝାମଣାକୁ ନେଇ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ଅନ୍ୟ ସହଯୋଗୀ ଦଳ ନେତାମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।




| ପର୍ଯ୍ୟାୟ | ତାରିଖ | ଆସନ |
|---|---|---|
| ପ୍ରଥମ | ଏପ୍ରିଲ ୧୧ | ୪ |
| ଦ୍ୱିତୀୟ | ଏପ୍ରିଲ ୧୮ | ୫ |
| ତୃତୀୟ | ଏପ୍ରିଲ ୨୩ | ୫ |
| ଚତୁର୍ଥ | ଏପ୍ରିଲ ୨୯ | ୫ |
| ପଞ୍ଚମ | ମେ ୬ | ୫ |
| ଷଷ୍ଠ | ମେ ୧୨ | ୮ |
| ସପ୍ତମ | ମେ ୧୯ | ୮ |

**୨୦୧୪ର ସ୍ଥିତି**

| ଦଳ | ଆସନ |
|---|---|
| ଭାଜପା | ୨୨ |
| ଏଲ୍‌ଜେପି | ୬ |
| ଆର୍‌ଏସ୍‌ଏଲ୍‌ପି | ୩ |
| ଆର୍‌ଜେଡି | ୪ |
| ଜେଡିୟୁ | ୨ |
| କଂଗ୍ରେସ | ୨ |
| ଏନ୍‌ସିପି | ୧ |

## ଶତ୍ରୁଘ୍ନଙ୍କୁ ମିଳିବନି ଭାଜପା ଟିକେଟ

### ପାଟନା ସାହିବରୁ ଲଢ଼ିବେ ରବିଶଙ୍କର

**ନୂଆଦିଲ୍ଲୀ,୧୭।୩(ପି.ଟି.)**



ବିହାରର ପାଟନା ସହିବ ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କୁ ଏଥର ଭାଜପା ଟିକେଟ ମିଳିବ ନାହିଁ। ଏହି ଆସନରୁ ଦଳ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବ ବୋଲି ଜଣାପଡ଼ିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ରବିଶଙ୍କରଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଶତ୍ରୁଘ୍ନ ଅତୀତରେ ବିଭିନ୍ନ ପ୍ରସଙ୍ଗ ଓ ଅବସରରେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିବାରୁ ତାଙ୍କୁ ଟିକେଟ ଦିଆଯିବ ନାହିଁ ବୋଲି ଦୁଇଦିନ ତଳେ ବରିଷ୍ଠ ନେତା ସି.ପି. ଠାକୁର କହିଥିଲେ।




## ଆଧୁନିକ ଗୋଆର ନିର୍ମାତା

**ପଣଜୀ,୧୭।୩(ପି.ଟି.)**

ମନୋହର ପାରିକର ଆରଏସ୍‌ଏସ୍ ପ୍ରଚାରକ ଭାବେ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ଜୀବନରେ ଦେଶର ପ୍ରତିରକ୍ଷାମନ୍ତ୍ରୀ ଏବଂ ଗୋଆ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଆଧୁନିକ ଗୋଆର ନିର୍ମାତା ପାରିକର ୪ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ପ୍ରତିରକ୍ଷାମନ୍ତ୍ରୀ ହୋଇଥିଲେ। ଭାଜପାର ସବୁ ବିଚାରଧାରାର ଲୋକଙ୍କ ପାଇଁ ସେ ଗ୍ରହଣୀୟ ହୋଇପାରିଥିଲେ। ଗୋଆରେ ଭାଜପାକୁ ଶକ୍ତିଶାଳୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୫୫ ଡିସେମ୍ବର ୧୩ରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ପାରିକର ଆରଏସ୍‌ଏସ୍ ପ୍ରଚାରକ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ପ୍ରତିରକ୍ଷାମନ୍ତ୍ରୀ ଥିବାବେଳେ ପାକିସ୍ତାନ ଅଧିକୃତ କଶ୍ମୀରରେ ଭାରତୀୟ ସେନା ଦ୍ୱାରା ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ଏବଂ ଏହାର ଶ୍ରେୟ ତାଙ୍କୁ ହିଁ ଦିଆଯାଇଥିଲା। ପାରିକର ୧୯୯୪ରେ ନିର୍ବାଚନରେ ଭାଗନେଇ ଭାଜପା ଟିକେଟରେ ପଣଜୀ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ସେ ୧୯୯୯ରେ ଜୁନ୍‌ରୁ ନଭେମ୍ବର ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଥିଲେ ଏବଂ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ସରକାର ବିରୋଧରେ ଓଜସ୍ୱିନୀ ବକ୍ତୃତା ଦେଇ ଚର୍ଚ୍ଚିତ ଥିଲେ। ୨୦୦୦ ଅକ୍ଟୋବର ୨୪ରେ ପ୍ରଥମଥର ପାଇଁ ସେ ଗୋଆର ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କର କାର୍ଯ୍ୟକାଳ ମାତ୍ର ୨୦୦୨ ଫେବୃୟାରୀ ୨୭ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା। ସେହିବର୍ଷ ଜୁନ୍ ୫ରେ ପୁନଃ ନିର୍ବାଚିତ ହୋଇ ଆଉ ଏକ ଅବଧି ପୂରଣ କରିଥିଲେ। ୨୦୦୫ ଜାନୁୟାରୀ ୨୯ରେ ୪ ଭାଜପା ବିଧାୟକ ଇସ୍ତଫା ଦେବା ପରେ ତାଙ୍କ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ପାରିକରଙ୍କ ବଦଳରେ କଂଗ୍ରେସର ପ୍ରତାପ ସିଂ ରାଣେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୭ରେ ପାରିକରଙ୍କ ନେତୃତ୍ୱାଧୀନ ଭାଜପା ପରାଜିତ ହେବା ସହିତ କଂଗ୍ରେସ ନେତୃତ୍ୱାଧୀନ ଦିଗମ୍ବର କାମାତ୍ ସରକାର ଗଢ଼ିଥିଲେ। କିନ୍ତୁ ୨୦୧୨ରେ ରାଜ୍ୟରେ ପାରିକରଙ୍କ ଲୋକପ୍ରିୟତା ବୃଦ୍ଧିପାଇଥିଲା। ତାଙ୍କ ଦଳ ୪୦ଟି ଆସନରୁ ୨୧ଟିରେ ବିଜୟୀ ହୋଇ ସେ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ମଧ୍ୟ ସେ ଗୋଆର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ।



ଜମ୍ମୁ-କଶ୍ମୀର ସଂଲଗ୍ନ ପୁଞ୍ଚ୍ ସୀମାରେ ଯବାନଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକର।

**କ୍ୟାରିୟର**

| ଗୋଆ ମୁଖ୍ୟମନ୍ତ୍ରୀ | ପ୍ରତିରକ୍ଷାମନ୍ତ୍ରୀ |
|---|---|
| ୨୦୦୦ ଅକ୍ଟୋବର ୨-୨୦୦୨ ଫେବୃୟାରୀ ୨୭<br>୨୦୦୨ ଜୁନ୍ ୩-୨୦୦୫ ଫେବୃୟାରୀ ୨<br>୨୦୧୨ ମାର୍ଚ୍ଚ ୯-୨୦୧୪ ନଭେମ୍ବର ୮<br>୨୦୧୭ ମାର୍ଚ୍ଚ ୧୪-୨୦୧୯ ମାର୍ଚ୍ଚ ୧୭ | ୨୦୧୪ ନଭେମ୍ବର ୯-୨୦୧୭ ମାର୍ଚ୍ଚ ୧୩ |



ଗୋଆ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମନୋହର ପାରିକର।




## ୨୨ ଆଫଗାନ ସୈନ୍ୟଙ୍କୁ ହତ୍ୟା କଲା ତାଲିବାନ

**କାବୁଲ,୧୭।୩:** ଉତ୍ତର ଆଫଗାନିସ୍ତାନରେ ଥିବା ଏକ ଚେକ୍‌ପଏଣ୍ଟରେ ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣରେ ୨୨ ସୈନ୍ୟ ନିହତ ଓ ୨୦ ଜଣ ଆହତ ହୋଇଛନ୍ତି। ଗତ କିଛିଦିନ ହେଲା ତାଲିବାନ ଆତଙ୍କବାଦୀମାନେ ଦେଶର ସୈନ୍ୟବାହିନୀ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଛନ୍ତି। ଗତ ସପ୍ତାହରେ ଦେଶର ପଶ୍ଚିମ ଭାଗରେ ତାଲିବାନଙ୍କ ଆକ୍ରମଣରେ ଶତାଧିକ ଆଫଗାନ ସୈନ୍ୟ ଛତ୍ରଭଙ୍ଗ ଦେଇ ପଡୋଶୀ ତୁର୍କମେନିସ୍ତାନ ପଳାଇଯାଇଥିଲେ। ଗୋଟିଏ ପଟେ ତାଲିବାନ ଆମେରିକା ସହ ଆଲୋଚନା ଚଳାଇଥିବାବେଳେ ସେପଟେ ସୈନ୍ୟବାହିନୀକୁ ଟାର୍ଗେଟ କରିଆସୁଛି। ଫରୟାବ୍ ପ୍ରଦେଶର କୈସର ଜିଲାରେ ଥିବା ଏକ ଚେକ୍‌ପଏଣ୍ଟ ଉପରେ ଶନିବାର ରାତିରେ ତାଲିବାନ ଆକ୍ରମଣ କରିବା ପରେ ସେଠାକୁ ଅଧିକ ସୈନ୍ୟ ପଠାଯାଇଥିଲା। ରବିବାର ସକାଳ ପର୍ଯ୍ୟନ୍ତ ଜୋରଦାର ଗୁଳିବିନିମୟ ଜାରି ରହିଥିଲା।

## ମଦୁରାଇ କଲେଜରେ ର୍‍ୟାଗିଂ ୨ ଛାତ୍ରଙ୍କ ଆତ୍ମହତ୍ୟା

**ମଦୁରାଇ,୧୭।୩ (ପି.ଟି.):** ମଦୁରାଇସ୍ଥିତ ଏକ ଘରୋଇ କଲେଜରେ ସିନିୟର ଛାତ୍ରଙ୍କ ର୍‍ୟାଗିଂରେ ଅତିଷ୍ଠ ହୋଇ ଦୁଇଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। ବିଏ ପ୍ରଥମ ବର୍ଷର ଏହି ଦୁଇ ଛାତ୍ର ଗତ ୨ ତାରିଖରେ ବିଷ ପିଇଥିଲେ। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୪ ଦିନ ତଳେ ଜଣେ ଏବଂ ଶନିବାର ଅନ୍ୟ ଜଣକର ମୃତ୍ୟୁ ଘଟିଥିବା ପୋଲିସ କହିଛି। ର୍‍ୟାଗିଂକୁ ସହ୍ୟ କରି ନ ପାରି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ମୃତ୍ୟୁ ପୂର୍ବରୁ ସେମାନେ ପୋଲିସକୁ କହିଛନ୍ତି। ର୍‍ୟାଗିଂ କରିଥିବା ଜୟଶକ୍ତିଙ୍କୁ ପୋଲିସ ଖୋଜୁଛି।

### ଇତିହାସର ଆଇନାରେ
### ମାର୍ଚ୍ଚ ୧୮ର ପ୍ରମୁଖ ଘଟଣା

୧୯୭୬ ମାର୍ଚ୍ଚ ୧୮ରେ କୁଏଜନ୍ ସିଟିସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଯୋଗୁ ୧୬୨ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି କ୍ଲବ୍ ମାତ୍ର ୩୫ ଜଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲେ ହେଁ ଏହାଠାରୁ ଢେର ଲୋକ ଉପସ୍ଥିତ ଥିଲେ। ଅଧିକାଂଶ ଗେଷ୍ଟ ହାଇସ୍କୁଲ୍ ଓ କଲେଜ ଛାତ୍ର ଥିଲେ। ବୈଦ୍ୟୁତିକ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଅଗ୍ନି ସ୍ଫୁଲିଙ୍ଗ ସୃଷ୍ଟି ହୋଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ।

୨୦୧୫ ମାର୍ଚ୍ଚ ୧୮ରେ ଟ୍ୟୁନିସିଆର ବାର୍ଡୋ ନ୍ୟାଶନାଲ ମ୍ୟୁଜିୟମ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆକ୍ରମଣ ଯୋଗୁ ୨୩ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ଏବଂ ୫୦ଜଣ ଆହତ ହୋଇଥିଲେ। ଟ୍ୟୁନିସିଆକୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ଟ୍ୟୁନିସିଆ କୁହାଯାଏ। ଉତ୍ତର ଆଫ୍ରିକାର ମାଗରେବ୍ ରିଜିୟନ୍‌ରେ ଅବସ୍ଥିତ ଏହି ଅଞ୍ଚଳର କ୍ଷେତ୍ରଫଳ ୧୬୫,୦୦୦ ବର୍ଗ କିଲୋମିଟର।

## ଭାରତରେ ୨୨୯୩ ଦଳ

### ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ପଞ୍ଜୀକୃତ ହୋଇଛି ୧୪୯

**ନୂଆଦିଲ୍ଲୀ,୧୭।୩(ପି.ଟି.)**

ଭରୋସା ପାର୍ଟି, ସବ୍‌ସେ ବଡ଼ି ପାର୍ଟି ଓ ରାଷ୍ଟ୍ରୀୟ ସାଫ୍ ନୀତି ପାର୍ଟି ହେଉଛି ଦେଶର ପ୍ରାୟ ୨,୩୦୦ ଦଳ ମଧ୍ୟରୁ ଅନ୍ୟତମ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି କେତେକ ଦଳ ଗଢ଼ିଉଠିଛି। ସାଧାରଣ ନିର୍ବାଚନ ପାଇଁ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ସୂତ୍ରରୁ ହସ୍ତଗତ ତଥ୍ୟାନୁସାରେ ଏହାର ଦିନେ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୯ ସୁଦ୍ଧା ଦେଶର ୨,୨୯୩ ରାଜନୈତିକ ଦଳ ପଞ୍ଜୀକୃତ ହୋଇଥିଲେ। ସେଗୁଡ଼ିକ ମଧ୍ୟରୁ ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ୭ ଏବଂ ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ଦଳ ସଂଖ୍ୟା ୫୯। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଗତ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ୧୪୯ ଦଳ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜୀକୃତ ହୋଇଛନ୍ତି। ଫେବୃୟାରୀ ସୁଦ୍ଧା ଦେଶରେ ୨,୧୪୩ ରାଜନୈତିକ ଦଳ ପଞ୍ଜୀକୃତ ହୋଇଥିଲେ। ସେଗୁଡ଼ିକ ମଧ୍ୟରୁ ୫୮ଟି ଦଳ ଗତବର୍ଷ ନଭେମ୍ବର-ଡିସେମ୍ବରରେ ଅନୁଷ୍ଠିତ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ମିଜୋରାମ ଓ ଛତିଶଗଡ଼ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜୀକୃତ ହୋଇଥିଲେ। ନିକଟରେ ପଞ୍ଜୀକୃତ ୧୪୯ ଦଳ ମଧ୍ୟରୁ କେତେଗୁଡ଼ିଏର ନାମ ହେଉଛି ବହୁଜନ ଆଜାଦ ପାର୍ଟି (ସୀତାମଢ଼ି, ବିହାର), ସାମୂହିକ ଏକତା ପାର୍ଟି (କାନପୁର, ଉତ୍ତରପ୍ରଦେଶ), ରାଷ୍ଟ୍ରୀୟ ସାଫ୍ ନୀତି ପାର୍ଟି (ଜୟପୁର, ରାଜସ୍ଥାନ), ସବ୍‌ସେ ବଡ଼ି ପାର୍ଟି (ଦିଲ୍ଲୀ), ଭରୋସା ପାର୍ଟି (ତେଲେଙ୍ଗାନା) ଏବଂ ନ୍ୟୁ ଜେନେରେଶନ୍ ପିପୁଲ୍ସ ପାର୍ଟି (କୋଏମ୍ବାଟୁର, ତାମିଲନାଡୁ)। ଏଭଳି ପଞ୍ଜୀକୃତ କିନ୍ତୁ ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଚିହ୍ନରେ ନିର୍ବାଚନ ଲଢ଼ିବା ପାଇଁ ଅଧିକାର ଦିଆଯାଏ ନାହିଁ। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କେତେକ 'ଫ୍ରି ସିମ୍ବଲ' ମଧ୍ୟରୁ ଏହି ଦଳଗୁଡ଼ିକୁ ନିଜ ପାଇଁ ଚିହ୍ନ ବାଛିବାକୁ ପଡ଼ିଥାଏ। ନିର୍ବାଚନ କମିଶନଙ୍କ ସଦ୍ୟ ସର୍କୁଲାର ଅନୁସାରେ ବର୍ତ୍ତମାନ ଏପରି ୮୪ଟି 'ମୁକ୍ତ ଚିହ୍ନ' ରହିଛି।




# ଆନ୍ତଃ ରାଜ୍ୟ ୩ ଚୋରା କଇଁଛ ବେପାରୀ ଗିରଫ

**ବାଲେଶ୍ୱର ଅଫିସ, ୧୭।୩**

ବାଲେଶ୍ୱର ରେଲୱେ ପୋଲିସ ଶନିବାର ରାତି ୨ଟାରେ ପୁରୀ-ସାନ୍ତରାଗାଛି ପାସେଞ୍ଜର ଟ୍ରେନ୍‌ରୁ ରୂପ୍‌ସା ନିକଟରେ ୪୫ଟି କଇଁଛ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୩ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି। ରବିବାର ପୂର୍ବାହ୍ନରେ ସେମାନଙ୍କୁ ବନବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାନ୍ଦିପୁର ବନବିଭାଗ ରେଞ୍ଜର ଦେବେନ୍ଦ୍ର ପାତ୍ର ସେମାନଙ୍କ ନାମରେ ମାମଲା (ନଂ. ୧୧୩/୧୮-୧୯) ରୁଜୁ କରି କୋର୍ଟଚାଲାଣ କରିଛନ୍ତି।

ଆନ୍ତଃ ରାଜ୍ୟ କଇଁଛ ବେପାରୀମାନେ ଦୀର୍ଘଦିନ ହେଲା ଏହି ବେପାର କରିଆସୁଥିଲେ ମଧ୍ୟ ପୋଲିସ ହାତରେ ଧରାପଡୁ ନ ଥିଲେ। ବିଶେଷ ସୂତ୍ରରୁ

## ସାକ୍ଷୀଗୋପାଳରୁ କୋଲକାତା ଟେର

ଖବରପାଇ ରେଲୱେ ପୋଲିସ ଚଢାଉ କରି ସଫଳ ହୋଇଛି। ଗିରଫ ଯୁବକମାନେ ହେଲେ ପଶ୍ଚିମବଙ୍ଗ ଦାନ୍ତୁନ ଥାନା ଅଧୀନ ଚାଉଳିଆ ଗ୍ରାମର ଉତ୍ତମ ମଣ୍ଡଳ(୧୯), ଅଶୋକ ପରିଆ(୨୭), ଅନାଦି ସାସମଲ (୨୪)। ସେମାନେ ଓଡ଼ିଶାର ପୁରୀ ଜିଲା ସାକ୍ଷୀଗୋପାଳଠାରୁ କଇଁଛ କିଣି ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ଟ୍ରେନ୍‌ଯୋଗେ କୋଲକାତା ବଜାରରେ ବିକ୍ରି ପାଇଁ ନେଉଥିଲେ। ଏମାନେ ଦୀର୍ଘଦିନ ଧରି ଏହି ବେପାର କରିଆସୁଥିବା ପୋଲିସ ପାଖରେ ସ୍ୱୀକାର କରିଛନ୍ତି। ଜବତ କଇଁଛକୁ ବୁଢ଼ାବଳଙ୍ଗ ନଦୀରେ ଛଡ଼ା ଯିବ ବୋଲି ବନବିଭାଗ ରେଞ୍ଜର ପାତ୍ର ପ୍ରକାଶ କରିଛନ୍ତି।


ଉଦ୍ଧାର କଇଁଛ ଓ ଗିରଫ ୩ ବେପାରୀ।

# ଝଡ଼ତୋଫାନ ସହ କୁଆପଥର ବର୍ଷା

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

## ୨୧ ତାରିଖ ଯାଏ ଲାଗିରହିବ କାଳବୈଶାଖୀ

ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବାଲେଶ୍ୱରରେ ସନ୍ଧ୍ୟାରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ବେଗରେ ପବନ ବହିଥିଲା। ଫଳରେ କେତେକ ଅଞ୍ଚଳରେ ଗଛ ଭାଙ୍ଗିପଡ଼ିବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହିପରି ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଅଧିକ ରହିଛି। ଅପରାହ୍ନ ୩ରୁ ୪ଟା ମଧ୍ୟରେ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ମଧ୍ୟ କୁଆପଥର ବର୍ଷା ହୋଇଛି। ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଥିଲା। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିବ। କାଳବୈଶାଖୀ ପ୍ରଭାବରେ ପାଗରେ କୌଣସି ପରିବର୍ତ୍ତନ ଆସିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୮ ତାରିଖ ଦିନ ଉତ୍ତର ଉପକୂଳ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ଆଶଙ୍କା କରାଯାଇଛି। ସୋମବାର ରାଜ୍ୟର ୮ ଜିଲା ବାଲେଶ୍ୱର, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ଓ ବିଜୁଳି ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ତେବେ ୨୨ତାରିଖରୁ ପାଗରେ ପରିବର୍ତ୍ତନ ଆସିବ। ୨୨ ତାରିଖ ଦିନ ବର୍ଷା କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ବର୍ଷା ପ୍ରଭାବରେ ତାପମାତ୍ରା କମିଥିଲେ ମଧ୍ୟ ସୋମବାର ମାଲକାନଗିରିରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସୋନପୁରରେ ୩୮.୨ ଡିଗ୍ରୀ ତାପମାତ୍ରା ଥିବାବେଳେ ଭବାନୀପାଟଣାରେ ୩୮ଡିଗ୍ରୀ ରହିଥିଲା। ଭୁବନେଶ୍ୱର ରାଜ୍ୟର ଚତୁର୍ଥ ଉତ୍ତପ୍ତ ସହର ଭାବେ ୩୭.୩ଡିଗ୍ରୀ ତାପମାତ୍ରାରେ ରହିଥିଲା। ବଲାଙ୍ଗୀରରେ ୩୭, ଅନୁଗୋଳରେ ୩୬.୭ ଓ ଚାନ୍ଦବାଲିରେ ୩୬.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ତାପମାତ୍ରା ୩୨ଡିଗ୍ରୀ ଉପରେ ରହିଛି।

# ସିବିଏସ୍‌ଇ ସ୍କୁଲରେ ଏଚ୍‌ପିଇ ପିରିୟଡ୍ ବାଧ୍ୟତାମୂଳକ ହେବ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ସମସ୍ତ ସ୍କୁଲରେ ଏବେ ପ୍ରତିଦିନ ସ୍ୱାସ୍ଥ୍ୟ ଓ ଶାରୀରିକ ସମ୍ବନ୍ଧୀୟ ଶିକ୍ଷା ବା ହେଲ୍‌ଥ ଆଣ୍ଡ ଫିଜିକାଲ୍ ଏଜୁକେଶନ(ଏଚ୍‌ପିଇ) ପିରିୟଡ୍ ବାଧ୍ୟତାମୂଳକ ହେବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ପିରିୟଡ୍‌କୁ ବାଧ୍ୟତାମୂଳକ କରାଯିବ। ଆସନ୍ତା ଶିକ୍ଷାବର୍ଷ ଅର୍ଥାତ୍ ୨୦୧୯ ଏପ୍ରିଲ ମାସରୁ ଏହା ଲାଗୁ ହେବ। ତେବେ ଗତବର୍ଷ ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ଏହି ପିରିୟଡ୍ ବାଧ୍ୟତାମୂଳକ କରାଯାଇଥିଲା। ଚଳିତବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହାକୁ ସାମିଲ କରାଯାଇଛି। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ସମସ୍ତ ସିବିଏସ୍‌ଇ ପରିଚାଳିତ ସ୍କୁଲରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏଚ୍‌ପିଇ ପିରିୟଡ୍ ବାଧ୍ୟତାମୂଳକ ରହିବ।

NECC NATIONAL EGG CO-ORDINATION COMMITTEE 17.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 83 | 136 | 146 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 85 | 139 | 149 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers

# କୋଲକାତାରେ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ

**ଭୁବନେଶ୍ୱର, ୧୭।୩(ବ୍ୟୁରୋ)**

ପାଗ ଖରାପ ଯୋଗୁ ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନ କୋଲକାତାରେ ଜରୁରୀ ଅବତରଣ କରିଥିଲା। ଇଣ୍ଡିଗୋ ୬ଇ୨୨୧୧ ବିମାନଟି ରବିବାର ଦିଲ୍ଲୀରୁ ଅପରାହ୍ନ ୪ଟାରୁ ଉଡ଼ାଣ କରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସନ୍ଧ୍ୟା ୬ଟାରେ ଅବତରଣ କରିବାର ଥିଲା। କିନ୍ତୁ ଭୁବନେଶ୍ୱରରେ ପାଗ ଖରାପ ଯୋଗୁ ବିମାନଟି ଅବତରଣ କରିବାକୁ ଅସମର୍ଥ ହୋଇଥିଲା। ତେଣୁ କୋଲକାତାକୁ ଦିଗ ପରିବର୍ତ୍ତନ କରିବା ପାଇଁ ପାଇଲଟ୍ ଭୁବନେଶ୍ୱର ବିମାନବନ୍ଦର ଏଟିସିଙ୍କ ଅନୁମତି ଲୋଡ଼ିଥିଲେ। ପରେ ବିମାନ କୋଲକାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ନିଖିଲ୍ ପରିବାରବର୍ଗ


ଶିବାଂଶ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



**SALE**

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

## LOST

On 11.03.2019 HDFC Bank identity card No. 343189 is lost. If the said identity card found, please return to GP Combines Pvt. Ltd, 155 Bapuji Nagar, Bhubaneswar, Ph no. 0674-6677777. D-62168

### ଜନ୍ମଦିନ ଶୁଭେଚ୍ଛା



**ସୌମ୍ୟପ୍ରକାଶ (ବୁବୁ)**
ଇବି/୩୩, ବଡଗଡ ବ୍ରିଟ କଲୋନି, ବଡଗଡ, ଭୁବନେଶ୍ୱର
ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ଓ ଶୁଭକାମନା ସହ:** ବଡ଼ବାପା, ବଡ଼ମା, ବାପା ଓ ମାମା, ଦାଦା ଓ ଖୁଡ଼ୀ, ମାମୁଁ ଓ ମାଇଁ, ମଉସା ଓ ମାଉସୀ, ପିଉସା ଓ ପିଉସୀ, ବାବୁଲା ଭାଇ, ବାପିଭାଇ, ଜିତୁ ଭାଇ, ଅରୁଣଭାଇ, ଜଗାଭାଇ, ଅମୁଭାଇ, ଚନ୍ଦନ ଭାଇ, ଶିଶୁ ଭାଇ, ଗୁଡୁଭାଇ, ମାନୀନାନୀ, ଲିତୁନାନୀ, ଶିଖାନାନୀ, ସୁପ୍ରି, ଶୃତି ଓ ସ୍ମାଇଲ୍। ଧ-୧୧୬୬୬

Now Matrimonial ads. only on Wednesday & Sunday
Book 1 Get 1 FREE

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶିବାଂଶ
**କପିଳ ପ୍ରସାଦ, ଭୁବନେଶ୍ୱର**
ପ୍ରଥମ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଭବିଷ୍ୟତ ମଙ୍ଗଳମୟ ହେଉ, ତୁ ଦୀର୍ଘାୟୁ ହୋଇ ସମାଜରେ ଆଦରଣୀୟ ହୁଅ। ଶୁଭେଚ୍ଛା ସହ: ବାପା- ରାଜେଶ, ବୋଉ-ଶୁଭଶ୍ରୀ, ଜେଜେବାପା-ବୃନ୍ଦାବନ, ଅଜା-ଜଗଦା ପ୍ରସାଦ ସାବୁତ୍। ଧ-୬୫୮୫୮

### ସପ୍ତମ ଜନ୍ମଦିନ ଶୁଭେଚ୍ଛା



(ତୁତୁନ୍)
**ରାଜେନ୍ଦ୍ର କୁମାର ସାହୁ**
ହରିଦାସପୁର, ଭୁବନେଶ୍ୱର
ଆଜି ତୋର ସପ୍ତମ ଜନ୍ମବାର୍ଷିକରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା ସେ ତୋର ଚଲାପଥ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ ଏବଂ ନୀରୋଗ କରନ୍ତୁ। **ଶୁଭେଚ୍ଛା ସହ: ବାପା, ବୋଉ, ବଡ଼ବାପା, ବଡ଼ମା, ଜେଜେମା, ମାମୁ, ମାଇଁ, ଅଜା, ଆଈ, ଭାଇ ଭଉଣୀ, ଦାଦା ଓ ବନ୍ଧୁବର୍ଗ।** ଧ-୧୧୭୧୫

### ଜନ୍ମଦିନ ଶୁଭେଚ୍ଛା



(Kandhei)
**Priyadarshini Biswal**
*Happy Birthday*
ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ଆଈ, ଦାଦା, ଖୁଡ଼ୀ, ମାମୁଁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ସାରଦା, ବାବୁ, ତପୁ, ଦୀପକ, ଲିଟୁ, ପିଣ୍ଟୁ, ଚିଣ୍ଟୁ, ଗୁଟୁ, କିଟୁ, ଟିକି, ମାମା, ସୀମା, ଡ଼ଡ଼ ସାଇ, ଗୁଡ୍ଡୁ, ମାମାଲି, ଚିଙ୍କି, ସ୍ୱାମିଜୀ ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଆତ୍ମୀୟସ୍ୱଜନ। ଧ-୬୬୪୧୪

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମନୋରମା ମହାପାତ୍ର**
ସ୍ୱର୍ଗତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ପତ୍ନୀ
26-A-Madhusudan Nagar
ଆବିର୍ଭାବ: ୦୧।୦୪।୧୯୩୩
ତିରୋଧାନ: ୦୮।୦୩।୨୦୧୯
ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୮୦୬୪

### 17th Death Anniversary



**Late Khetramani Patnaik**
DOB: 13.10.1932
DOD: 26.03.2002
Saddened again on your day BOU as you have been long-lost for all of us. Days spent with you is the best trip down the memory lane. You are alive in our heart and soul. Miss you.
All family members & Relatives.
D-11708

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଦେବଦତ୍ତ ଶର୍ମା**
ଦତ୍ତତୋଟା, ପୁରୀ
ଆବିର୍ଭାବ: ୯।୬।୧୯୩୯
ତିରୋଧାନ: ୯।୩।୨୦୧୯
ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ଗୌରୀଶଙ୍କର, ରାମହରି, ଉମାଶଙ୍କର, ପୁରୁଷୋତ୍ତମ, ଝିଅ-ରେଣୁବାଳା, ରେବତୀବାଳା ଓ ପରିବାରବର୍ଗ।
ଧ-୬୩୭୬୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭଗବାନ ଆଚାର୍ଯ୍ୟ**
ଗଜରାଜପୁର, ନାଉଗାଁ, ଜଗତସିଂହପୁର
ତିରୋଧାନ: ଫାଲଗୁନ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି
ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ଲିଟୁ, ଟିଟୁ, ମିଟୁ, ବୁଟୁ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ।
ଧ-୧୧୭୨୦


# ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ: ସ୍ୱରା ଭାସ୍କର



ନୂଆଦିଲ୍ଲୀ: ଫିଲ୍ମ ନିର୍ମାଣ ପାଇଁ ଉଦ୍ୟମ କରୁଛି। କିନ୍ତୁ ନିର୍ଦ୍ଦେଶନା ଦେବାକୁ ଲକ୍ଷ୍ୟ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ପ୍ରକାଶ କରିଛନ୍ତି। ଜଣେ ନିର୍ଦ୍ଦେଶିକା ହେବାକୁ ତାଙ୍କର ଦକ୍ଷତା କିମ୍ବା ଉଦ୍ଦେଶ୍ୟ ନ ଥିବା ସେ ସ୍ପଷ୍ଟ କରିଛନ୍ତି। 'ଲୋଟସ୍ ମେକ୍-ଅପ୍ ଇଣ୍ଡିଆ ଫ୍ୟାଶନ ୱିକ୍'ରେ ଯୋଗଦେବା ଅବସରରେ ସ୍ୱରା କହିଲେ, ଜଣେ ନିର୍ଦ୍ଦେଶିକା ହେବାକୁ ମୋର ଦକ୍ଷତା ଅଛି ବୋଲି ଭାବୁନାହିଁ। ଅଭିନେତ୍ରୀ ଭାବରେ ଖୁବ୍ ସନ୍ତୁଷ୍ଟ। ବର୍ତ୍ତମାନ ସ୍ୱରା ତାଙ୍କର ପ୍ରଡକ୍ସନ୍ ବ୍ୟାନର କହାନିୱାଲୀ ଦ୍ୱାରା କ୍ରିଷ୍ଣା ସେନ୍‌ଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରୁଛନ୍ତି। ଏହା କ୍ରିଷ୍ଣା ସେନ୍ ଓରଫ ସୁଇଟି ସେନ୍‌ଙ୍କ ବାସ୍ତବ କାହାଣୀ ଉପରେ ଆଧାରିତ। ଏ ପର୍ଯ୍ୟନ୍ତ ଏହାର ଟାଇଟଲ୍ ଦିଆଯାଇ ନ ଥିଲେ ମଧ୍ୟ ଏହି ବାୟୋପିକ୍ ଜଣେ ମହିଳାଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି। ଏଥିରେ ମହିଳା ଜଣକ ପୁରୁଷ ବେଶରେ ବଞ୍ଚିବାକୁ ପସନ୍ଦ କରିବା ସହିତ ଦୁଇଜଣ ମହିଳାଙ୍କୁ ବିବାହ କରିଛନ୍ତି। ଏଥିରେ ସ୍ୱରାଙ୍କର ସର୍ବାଧିକ ଚାହିଦାନୁରୂପ ଭୂମିକା ରହିଛି। ୨୦୧୭ରେ 'ଅନାରକଲି ଅଫ୍ ଆରା' ଫିଲ୍ମରେ ସ୍ୱରା ପ୍ରମୁଖ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଥିଲେ।

## ରାଜଧାନୀରୁ ରେଳ ବିଦ୍ୟୁତୀକରଣ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ଇସିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ)**

ନିର୍ବାଚନ ସମୟରେ ଭୁବନେଶ୍ୱରରୁ ରେଳ ବିଦ୍ୟୁତୀକରଣ ୟୁନିଟ୍ କାର୍ଯ୍ୟାଳୟ ବେଙ୍ଗାଲୁରୁ ସ୍ଥାନାନ୍ତର ନିଷ୍ପତ୍ତି ନିର୍ବାଚନ ଆଚରଣବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି। ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ଉକ୍ତ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ଜରିଆରେ ନିର୍ବାଚନ କମିଶନ(ଇସି)ଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

ବିଜେଡି ପକ୍ଷରୁ କୁହାଯାଇଛି ଯେ, ଗତ ୧୦ତାରିଖରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିଲା। ନିର୍ବାଚନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରୁଟିନ୍ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଆଦର୍ଶ ଆଚରଣବିଧିରେ ସ୍ପଷ୍ଟ କୁହାଯାଇଛି। ମାତ୍ର ତାରିଖ ଘୋଷଣାର ୩ଦିନ ପରେ କେନ୍ଦ୍ର ରେଳ ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରି ଭୁବନେଶ୍ୱରଠାରେ ଥିବା ରେଳ ବିଦ୍ୟୁତୀକରଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି। କର୍ଣ୍ଣାଟକ ଭୋଟରଙ୍କୁ ହାତେଇବା ପାଇଁ ଭାଜପା ଏହି ଷଡ଼ଯନ୍ତ୍ର କରିଛି, ଯାହାର ପରିଣାମ ରାଜ୍ୟବାସୀଙ୍କୁ ଭୋଗିବାକୁ ପଡିବ। ଏହାଦ୍ୱାରା ଓଡିଶାରେ ରେଳ ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପୂର୍ଣ୍ଣ ଠପ୍ ହୋଇଯିବ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ଓଡିଶା ଭାଜପାର ଆଉ ଏକ ହୀନ ଷଡ଼ଯନ୍ତ୍ରର ଶିକାର ହୋଇଛି। ପୂର୍ବତଟ ରେଳବାଇ ଡିଭିଜନକୁ ବିଭାଜନ କରି ଦକ୍ଷିଣତଟ ରେଳବାଇ ନାଁରେ ଏକ ନୂଆ ଡିଭିଜନ ସୃଷ୍ଟି କରିଥିଲେ। ଆନ୍ଧ୍ରପ୍ରଦେଶ ଭୋଟରଙ୍କୁ ମନାଇବାକୁ ଭାଜପାର ସେହି ଷଡ଼ଯନ୍ତ୍ର ଥିଲା। ଏବର ନିଷ୍ପତ୍ତି ଦ୍ୱାରା କର୍ଣ୍ଣାଟକରେ ମଧ୍ୟ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ହୋଇଛି। ଭାଜପା ବାରମ୍ବାର ଆଚରଣବିଧି ଉଲ୍ଲଂଘନ କରୁଥିବାରୁ ନିର୍ବାଚନ କମିଶନ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

**ପ୍ରଥମ ପୃଷ୍ଠାରୁ...**

## ଭାଜପାରେ ...

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରକାଶଙ୍କ ଯୋଗଦାନ ଓଡିଶା ରାଜନୀତିକୁ ପ୍ରଭାବିତ କରିବ। ଏହାସହ କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀକୁ ମଧ୍ୟ ପ୍ରଭାବିତ କରିବା ସହ ଉପକୂଳରେ ଭାଜପା ମଜଭୁତ ହେବ। ପ୍ରକାଶ ପ୍ରଦେଶ କଂଗ୍ରେସର ଜଣେ ଟାଣୁଆ ନେତା ଥିଲେ। କଟକ ଭଳି ରାଜନୈତିକ ଜିଲାରେ ସେ କଂଗ୍ରେସ ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅନେକ ଥର ଓଡିଶା ଗସ୍ତରେ ଆସୁଛନ୍ତି। ଗତଥର ଓଡିଶା ଗସ୍ତର ଦିନକ ପରେ ପ୍ରକାଶ ଭାଜପାରେ ଯୋଗଦେଇଛନ୍ତି। ରାହୁଲଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସର ଭରସା ନ ଥିବା ପ୍ରକାଶଙ୍କ ଯୋଗଦାନ ପ୍ରମାଣିତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସ୍ୱୀକାର କରି ସେ ଭାଜପାରେ ସାମିଲ ହୋଇଛନ୍ତି। ଓଡିଶାରେ ଭାଜପାକୁ ବଡ କରିବାରେ ସକ୍ରିୟ ଭୂମିକା ପ୍ରକାଶଙ୍କ ରହିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପାରେ ସାମିଲ ହୋଇ ପ୍ରକାଶ କହିଛନ୍ତି, କଂଗ୍ରେସରେ ଚାଲିଥିବା ଗୋଷ୍ଠୀ କନ୍ଦଳ ପାଇଁ ଆମେ ବିକାଶଠାରୁ ପଛରେ ରହିଗଲୁଣି। ଦେଶ ଓ ରାଜ୍ୟର ଉନ୍ନତି କଥା ଭୁଲିଗଲୁଣି। ବର୍ତ୍ତମାନ ଯେତେବେଳେ ସାରା ଦେଶରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ହେଉଛି, ରାଜ୍ୟରେ ସେହି ବିକାଶ ଧାରାକୁ ଅଧିକ ମଜଭୁତ କରିବା ପାଇଁ ବିଶ୍ୱାସ ଓ ଭରସା ରଖି ଭାଜପାରେ ସାମିଲ ହୋଇଛି। ଗତ ୫ବର୍ଷରେ ଦେଶରେ ଏବଂ କେନ୍ଦ୍ର ସରକାରଙ୍କ ନେତୃତ୍ୱରେ ଅନେକ ପ୍ରଗତି ହୋଇଛି। ଆଗାମୀ ଦିନରେ ଭାଜପା ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରିବି। ରାଜ୍ୟର ଏବଂ ମୋ ନିଜ ନିର୍ବାଚନମଣ୍ଡଳୀର ବହୁ ଯୁବଗୋଷ୍ଠୀ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁ ବିକାଶ ଚାଲିଛି ସେଥିରେ ସାମିଲ ହୋଇ କାର୍ଯ୍ୟ କରିଲେ ଭଲ ହେବ ବୋଲି ପ୍ରକାଶ କହିଛନ୍ତି।

## ପଶ୍ଚିମ ଓଡ଼ିଶାରୁ ଲଢ଼ିବେ...

ହିଞ୍ଜିଳିରେ ଦ୍ୱିତୀୟ ପର୍ଯ୍ୟାୟ(୧୮ ଏପ୍ରିଲ)ରେ ଭୋଟ ଗ୍ରହଣ ହେବ। ଓଡ଼ିଶାରେ ହେବାକୁ ଥିବା ୪ଟି ଯାକ ପର୍ଯ୍ୟାୟ ନିର୍ବାଚନରେ ସାରା ବିଜେଡି ସପକ୍ଷ ହାୱା ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଲଢିପାରନ୍ତି। ତେଣୁ ସମ୍ବଲପୁର ଜିଲାର ରେଢାଖୋଲରୁ ମଧ୍ୟ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ରହିଛି।

ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏମ୍‌ପି କଳିକେଶ ସିଂ ଦେଓ, ପ୍ରଭାସ ସିଂ, ନଗେନ୍ଦ୍ର ପ୍ରଧାନ, ମନ୍ତ୍ରୀ ସୁଶାନ୍ତ ସିଂ, ବରିଷ୍ଠ ନେତା ମଙ୍ଗଳା କିଷାନ, ବିଧାୟକ ଦେବେଶ ଆଚାର୍ଯ୍ୟ, ନବ ଦାସ, ଟୁକୁନି ସାହୁ, ସୁବ୍ରତ ତରାଇ ଏବଂ ରୋହିତ ପୂଜାରୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଶ୍ଚିମ ଓଡ଼ିଶାରେ ଲଢିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏ ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ପଶ୍ଚିମ ଓଡ଼ିଶାର ଯେ କୌଣସି ଆସନରୁ ଲଢିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଦଳୀୟ କର୍ମକର୍ତ୍ତାଙ୍କ ସମେତ ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ, କଳାକାର, ଚାଷୀ, ଯୁବତୀଯୁବକଙ୍କ ପକ୍ଷରୁ ମଧ୍ୟ ଦିଆଯାଇଛି। ପ୍ରସ୍ତାବ ଶୁଣି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡିଥିଲେ। ସେହିପରି ଆସନ ବାଛିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ମୁଖ୍ୟମନ୍ତ୍ରୀଙ୍କ ଉପରେ ଛାଡି ଦିଅଯାଇଛି। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କବି ହଳଧର ନାଗଙ୍କୁ ମଧ୍ୟ ରବିବାର ନବୀନ ନିବାସରେ ଦେଖିବାକୁ ମିଳିଛି। ସେ ମଧ୍ୟ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳ ସହ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେବା ପାଇଁ ଅନୁରୋଧ କରିଛନ୍ତି।


## ପରପାରିରେ...

ଏବଂ ଜାନୁୟାରୀ ୩୦ରେ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ। ଗତ ମାସରେ ତାଙ୍କୁ ପଣଜୀସ୍ଥିତ ଗୋଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ୨୬ରେ ସେ ବାସଭବନକୁ ଫେରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ପ୍ରଚାରକରୁ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଓ ୪ ଥର ଗୋଆ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଭାଜପାର ସବୁ ଗୋଷ୍ଠୀ ଏପରିକି ଅନ୍ୟ ଦଳରେ ମଧ୍ୟ ତାଙ୍କର ଆଦୃତି ରହିଥିଲା। ଗୋଆରେ ଭାଜପାକୁ କ୍ଷମତାକୁ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ଭାରତୀୟ ବାୟୁସେନା ପାକ୍ ଅଧିକୃତ କଶ୍ମୀରରେ ପ୍ରବେଶ କରି ସର୍ଜିକାଲ ଷ୍ଟ୍ରାଇକ କରିଥିଲା।

ପରଲୋକ ଖବର ଆସିବା ପରେ ତାଙ୍କ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟ ସ୍ୱଜନଙ୍କ ସୁଅ ଛୁଟିଛି। ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ପାରିକରଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପାରିକର ସାଧୁତା ଓ ତ୍ୟାଗର ପ୍ରତୀକ ଥିଲେ। ଗୋଆ ଏବଂ ସାରା ଦେଶ ପାଇଁ ତାଙ୍କର ସେବା ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି ପାରିକର ଜଣେ ଅତୁଳନୀୟ ନେତା ଥିଲେ। ସେ ପ୍ରକୃତ ଦେଶଭକ୍ତ ଏବଂ ଜଣେ ଅସାଧାରଣ ପ୍ରଶାସକ। ତାଙ୍କର ଦେଶସେବା ବହୁ ପିଢ଼ି ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଗୋଆର ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଭାଜପା ବିଧାୟକ ଦଳର ବୈଠକ ଡକାଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର ସୋମବାରକୁ ରାଷ୍ଟ୍ରୀୟ ଶୋକ ଦିବସ ଘୋଷଣା କରିଛନ୍ତି।

## କୋମ୍ବିଂ ଅପରେଶନ ...

୩୫ରୁ ୪୦ କେଜି ଓଜନ ହେବ। ତେବେ ପାରଳାଖେମୁଣ୍ଡିରୁ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଟିଫିନ୍ ବୋମାକୁ ନିଷ୍କ୍ରିୟ କରିଥିବା ଜଣାପଡିଛି। ନିର୍ବାଚନକୁ ଦୃଷ୍ଟିରେ ଆଗକୁ ମଧ୍ୟ ପୋଲିସ ପକ୍ଷରୁ ଏପରି କୋମ୍ବିଂ ଅପରେଶନ ଜାରି ରହିବ। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।



ଠାବ ହୋଇଥିବା ଟିଫିନ ବୋମା ଓ ବନ୍ଧୁକ।

# ୫ଦିନ ବନ୍ଦ ରହିବ କ୍ୟାଟ

କଟକ ଅଫିସ, ୧୭।୩- ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (କ୍ୟାଟ) ଆସନ୍ତା ୨୦ ଏବଂ ୨୧ ତାରିଖ ହୋଲି ଉପଲକ୍ଷେ ବନ୍ଦ ରହିବ। ପର ଦୁଇଦିନ ଶୁକ୍ର ଓ ଶନିବାର ସରକାରୀ ଛୁଟି ଏବଂ ଏହାପରଦିନ ରବିବାର ପଡୁଥିବାରୁ ଆସନ୍ତା ୨୫ ତାରିଖ ସୋମବାର ଟ୍ରିବ୍ୟୁନାଲ ଖୋଲିବ। ତେବେ ଏହି ଛୁଟି ଦିନଗୁଡ଼ିକରେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜରୁରୀକାଳୀନ ସେବା ମିଳିବ। ଏ ନେଇ ଟ୍ରିବ୍ୟୁନାଲ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

# ମୋଦି, ଶାହ ଟୁଇଟର ହ୍ୟାଣ୍ଡଲ୍‌ରେ ଚୌକିଦାର ଯୋଡ଼ିଲେ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ଦଳର ବରିଷ୍ଠ ନେତାମାନେ ସେମାନଙ୍କ ଟ୍ୱିଟର ହ୍ୟାଣ୍ଡଲ୍‌ରେ ନାଁ ପୂର୍ବରୁ ଚୌକିଦାର ଶବ୍ଦ ଯୋଡିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଟୁଇଟର ହ୍ୟାଣ୍ଡଲ୍ 'ଚୌକିଦାର ନରେନ୍ଦ୍ର ମୋଦି'କୁ ପରିବର୍ତ୍ତନ ହୋଇଥିବାବେଳେ ଭାଜପା ଅଧ୍ୟକ୍ଷଙ୍କର 'ଚୌକିଦାର ଅମିତ ଶାହ' ହୋଇଛି। ଦଳ ପକ୍ଷରୁ ଶନିବାର 'ମେ ଭି ଚୌକିଦାର ହୁଁ' ପ୍ରଚାର ଅଭିଯାନ ଆରମ୍ଭ ହୋଇଥିଲା। ରାଫାଲ ଯୁଦ୍ଧବିମାନ କିଣାରେ ଦୁର୍ନୀତିକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରି 'ଚୌକିଦାର ଚୋର ହେ' କହିବା ପରେ ଏହାକୁ ପ୍ରତିହତ କରିବା ଲାଗି ଭାଜପା ପକ୍ଷରୁ ଏଭଳି ପ୍ରୟାସ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣଙ୍କ ଚିନ୍ତାନୁଯାୟୀ ଆଜିର କାମଗୁଡ଼ିକ ସହଜରେ ସମ୍ପନ୍ନ ହୋଇଯିବ। ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ଯୋଗୁ ମାନସିକ ଅସୁସ୍ଥତା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁଙ୍କ ସହଯୋଗରେ କାମ ହାସଲ କରି ଖୁସି ମନାଇପାରନ୍ତି।

**ବୃଷ**
ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ଆପଣଙ୍କ ଜୀବନଯାତ୍ରାକୁ ସରଳୀକୃତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ, ଯାନବାହନ, ଦୋକାନବାଡି, ସଭାସମିତିରୁ ଉପକୃତ ହେବେ। କୃତ୍ତିକା ନକ୍ଷତ୍ରର ପରିବାରରେ ଏମିତି କେତେକ କଥା ଘଟିପାରେ, ଯାହାକି ଅନ୍ତର୍ଦାହ ସୃଷ୍ଟି କରିପାରେ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ରହିବ।

**ମିଥୁନ**
ଅର୍ଥସଙ୍କଟ ମଧ୍ୟରେ ଗତି କଲେ ମଧ୍ୟ କର୍ମକ୍ଷେତ୍ରରେ ଉନ୍ନତି କାରଣରୁ ଖୁସି ରହିବେ। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସିପ୍, କଳା, ସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କର୍କଟ**
ପାପଗ୍ରହଯୁକ୍ତ ଜନ୍ମ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଅସୁବିଧା ଅନୁଭବରୁ ଟେନ୍‌ସନ ମଧ୍ୟରେ ରହିବାକୁ ପଡ଼ିପାରେ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ବ୍ୟସ୍ତତା ବଢ଼ିପାରେ। ଟଙ୍କା ପଇସା ନେଣଦେଣ କ୍ଷେତ୍ରରେ ସତର୍କ ରହିବା ଭଲ ହେବ। ଅଶ୍ଳେଷା ନକ୍ଷତ୍ରର କୌଣସି ଆତ୍ମୀୟଙ୍କ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**
ବ୍ୟୟଭାବସ୍ଥ ଚନ୍ଦ୍ର ଅନାବଶ୍ୟକ ଖର୍ଚ୍ଚ ଓ ଭ୍ରମଣଜନିତ ମନସ୍ତାପର କାରଣ ହୋଇପାରେ। ନିଜ ଲୋକମାନଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତିତ ରହିବାର ସୂଚନା ରହିଛି। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ। ମଘା ନକ୍ଷତ୍ରର ଜମିଜମା ସମ୍ପର୍କିତ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କନ୍ୟା**
ରାଶ୍ୟାଧିପଙ୍କ ମିତ୍ର ପରିବାର ସ୍ଥାନରେ ରହି ବନ୍ଧୁଙ୍କ ସହଯୋଗରେ ସମସ୍ୟା ସମାଧାନରେ ସାହାଯ୍ୟ କରିବେ। ଚିତ୍ରା ନକ୍ଷତ୍ରର କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ପ୍ରଶାସନ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ ଓ ରାଜନୈତିକ ଆଲୋଚନା ସକାଶେ ଦିନଟି ମନ୍ଦ ହେବନାହିଁ।

**ତୁଳା**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଗୁରୁତ୍ୱପୂର୍ଣ୍ଣ ଥିବା କୌଣସି କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛ। କଳା, କାରିଗରି, ପ୍ରଶାସନିକ କାର୍ଯ୍ୟ, ଆଇନ, ସଭାସମିତି ରେ ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ର ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ।

**ବିଛା**
ଗୁରୁଦୃଷ୍ଟ କର୍ମାଧିପତି ଯୋଗୁ ନିଜର କାର୍ଯ୍ୟପଦ୍ଧତି ପରିବର୍ତ୍ତନ କରିବେ। ଯୋଜନା ବଦଳିଯିବା ସାଙ୍ଗକୁ ଗସ୍ତ ମଧ୍ୟ ସ୍ଥଗିତ ରହିଯାଇପାରେ। ଯାନବାହନ, ଗୃହସୀମା, ସଭାସମିତି, ଜମିଜମା, ନିକଟ ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଅନୁରାଧା ନକ୍ଷତ୍ର, ଯାହାକୁ ବେଶି ବିଶ୍ୱାସ କରୁଛନ୍ତି ସେହି ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ**
ଭାଗ୍ୟାଧୀପ ଅଷ୍ଟମସ୍ଥ ଯୋଗୁ ଯାହା କରିବାକୁ ଚାହୁଁଛନ୍ତି, ତାହା ସମ୍ପନ୍ନ କରିବା ସହଜସାଧ୍ୟ ହେବନାହିଁ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ସକାଳର ଖୁସି ଅପରାହ୍ନକୁ ରହି ନ ପାରେ। ଉତ୍ତରାଷାଢ଼ା ନକ୍ଷତ୍ର ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇପାରିବେ।

**ମକର**
ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମଧ୍ୟରେ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ଅଭାବ ଅସୁବିଧା ନ ଥିଲେ ମଧ୍ୟ ବନ୍ଧୁ, ପରିଜନଙ୍କ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆଇନ ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ସପ୍ତମସ୍ଥ ରାହୁ ଓ ଚନ୍ଦ୍ରଙ୍କ ଯୋଗୁ ଶ୍ରବଣା ନକ୍ଷତ୍ରର ବ୍ୟବସାୟରେ ଝଗଡ଼ା ଓ ଯାତ୍ରାରେ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆକସ୍ମିକ କେତେକ ସମସ୍ୟା କାରଣରୁ ପୂର୍ବ ସ୍ଥିରୀକୃତ କାର୍ଯ୍ୟ ସ୍ଥଗିତ ରହିପାରେ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗର ଅଭାବ ନ ଥିଲେ ମଧ୍ୟ ପାରିବାରିକ ମନାନ୍ତର କାମକୁ ବିଗାଡ଼ି ଦେଇପାରେ। ଶତଭିଷା ନକ୍ଷତ୍ରର ଆରୋଗ୍ୟଲାଭ, ରାଜନୀତିରେ ନୈତିକ ସମର୍ଥନ ସାଙ୍ଗକୁ ଦୃଢ଼ ସାଂଗଠନିକ ସ୍ଥିତି ଶନିଙ୍କ ପ୍ରଭାବରେ ହାସଲ କରିପାରିବେ।

**ମୀନ**
ଆଜିର କର୍ମକ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ସହକର୍ମୀଙ୍କ ଯୋଗୁ ହୁଏତ କର୍ମକ୍ଷେତ୍ରର ଗତି ମନ୍ଥର ରହିବ। ସଭାସମିତି, ଗବେଷଣା କ୍ଷେତ୍ର, ଆଇନ ଅଦାଲତରେ ସଫଳତା ହାସଲ କରିବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପଡ଼ୋଶୀଙ୍କ ସହ ସମ୍ପର୍କ ହାନି କାରଣରୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ସୋମବାର, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ମାର୍ଚ୍ଚ ୧୮ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ.୫।୫୬ମି. ଗତେ ଘ.୭।୨୬ମି. ମଧ୍ୟେ, ଘ.୧୦।୪୩ମି. ଗତେ ଘ.୧।୦୬ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ.୩।୩୦ମି. ଗତେ ଘ.୫।୦୬ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୫।୨୬ମି. ଗତେ ଘ.୮।୫୫ମି. ମଧ୍ୟେ ରାହୁକାଳ।

## ନବୀନ ନିବାସରେ ଭିଡ଼

ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ରବିବାର ନବୀନ ନିବାସରେ ଆଶାୟୀ ଓ ନେତାମାନଙ୍କ ଭିଡ଼।
























## ୧ ଲୋକ ସଭା, ୫ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ସିପିଆଇଏମ୍

ଭୁବନେଶ୍ୱର, ୧୭।୩(ବ୍ୟୁରୋ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ (ସିପିଆଇଏମ୍) ରାଜ୍ୟରେ ଗୋଟିଏ ଲୋକ ସଭା ଏବଂ ୫ଟି ବିଧାନସଭା ଆସନରେ ଲଢିବ। ଲୋକ ସଭାରୁ ଜନାର୍ଦ୍ଦନ ପତି ପ୍ରାର୍ଥୀ ହେବା ନେଇ ଶନିବାରରୁ ସ୍ପଷ୍ଟ ହୋଇସାରିଛି। ଦଳର ରାଜ୍ୟ କମିଟି ପକ୍ଷରୁ ବିଧାନସଭା ଆସନଗୁଡିକ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ସୁନ୍ଦରଗଡ ଜିଲା ବଣାଇରୁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ପୁନର୍ବାର ଟିକେଟ୍ ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲା ନୀଳଗିରିରୁ ଯୋଗାନନ୍ଦ ଦାଶ, ନୟାଗଡ ଜିଲା ରଣପୁରରୁ ନିତ୍ୟାନନ୍ଦ ପରିଡା, ମୟୂରଭଞ୍ଜ ଜିଲା ମୋରଡାରୁ ଗିରେନ୍ଦ୍ର ଗୋସ୍ୱାମୀ ଏବଂ ଅନୁଗୋଳର ପାଲଲହଡାରୁ ମୀନା ପ୍ରଧାନଙ୍କ ନାମ ସୁପାରିସ କରାଯାଇଛି। ଏହି ନାମଗୁଡିକ ଆନୁଷ୍ଠାନିକ ଘୋଷଣା ପୂର୍ବରୁ କେନ୍ଦ୍ରୀୟ ନିର୍ବାଚନ କମିଟିକୁ ପଠାଯାଇଛି। ଏନେଇ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ରବିବାର ଗଣମାଧ୍ୟମକୁ ଅବଗତ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ପରେ କେଉଁ ସ୍ଥାନରେ ଆସନ ବୁଝାମଣା ହୋଇଛି, କେଉଁ ସ୍ଥାନରେ ହୋଇନାହିଁ ସେନେଇ ସ୍ପଷ୍ଟ ସୂଚନା ମିଳିବ। ଉପରୋକ୍ତ କେତୋଟି ଆସନରେ କଂଗ୍ରେସ-ସିପିଆଇଏମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଲଢେଇ ଦେଖିବାକୁ ମିଳିପାରେ।

ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ରୁ ରାମକୃଷ୍ଣ ପଣ୍ଡା ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ ହେବେ। ସେଠାରେ କଂଗ୍ରେସ ପ୍ରାର୍ଥୀ ଦେବ ନାହିଁ। ଗଞ୍ଜାମ ଜିଲାର ହିଞ୍ଜିଳି ଆସନ କଂଗ୍ରେସ ପକ୍ଷରୁ ସିପିଆଇକୁ ଦିଆଯିବାର ସମ୍ଭାବନା ରହିଛି। ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ସେଠାରେ ମିଳିତ ବିରୋଧୀ ମେଣ୍ଟର ବିଧାୟକ ପ୍ରାର୍ଥୀ ହୋଇପାରନ୍ତି। ସେହିପରି ଛତ୍ରପୁରରୁ ପ୍ରଦୀପ ସେଠୀ ଏବଂ ବୌଦ୍ଧରୁ ଅବକାଶ ସାହୁଙ୍କୁ ପ୍ରାର୍ଥୀ କରାଯାଇପାରେ। ସେହିପରି ବ୍ରଜରାଜନଗର ଆସନରୁ ସିପିଆଇ ନୂଆମୁହଁ ଦେବା ପାଇଁ ଚିନ୍ତା କରୁଛି। ମୟୂରଭଞ୍ଜ ଲୋକ ସଭା ସମେତ ୪ଟି ବିଧାନସଭା ଆସନରେ ଜେଏମ୍ଏମ୍ ପ୍ରାର୍ଥୀ ଦେବ। ମୟୂରଭଞ୍ଜ ଲୋକ ସଭାରୁ ଅଞ୍ଜଳି ସୋରେନ୍ ପ୍ରାର୍ଥୀ ହେବେ। ସେହିପରି ରାଇରଙ୍ଗପୁର, ସାରସକଣା, ମୋରଡା ଏବଂ ବାଙ୍ଗିରିପୋଷୀ ବିଧାନସଭା ଆସନରେ ମଧ୍ୟ ଜେଏମ୍ଏମ୍ ପ୍ରାର୍ଥୀ ଦେବ। ସିପିଆଇ ପ୍ରାର୍ଥୀମାନଙ୍କ ପ୍ରଚାରର ମଙ୍ଗ ଧରିବା ପାଇଁ ନେତା ସୁଧାକର ରେଡ୍ଡି, ଡି. ରାଜା ଏବଂ ଅମରଜିତ କୌର ଓଡ଼ିଶା ଆସିବେ। ସିପିଆଇଏମ୍ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସୀତାରାମ ୟେଚୁରୀ, ଜେଏମ୍ଏମ୍ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଶିବୁ ସୋରେନ୍ ଏବଂ ହେମନ୍ତ ସୋରେନ ଓଡ଼ିଶା ଆସିବେ। ବାଲିକୁଦା-ଏରସମା ଆସନ କଂଗ୍ରେସ ପକ୍ଷରୁ ସିପିଆଇକୁ ଛଡାଯିବାର ସମ୍ଭାବନା ନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। କେତେଜଣ ସିପିଆଇ କାର୍ଯ୍ୟକର୍ତ୍ତା ଏହି କାରଣରୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦରୁ କୁସୁମଙ୍କ ଇସ୍ତଫା

**ସୁନ୍ଦରଗଡ଼, ୧୭।୩ (ଡି.ଏନ.ଏ.):** ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦରୁ କୁସୁମ ଟେଟେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରବିବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ଏ ସମ୍ପର୍କରେ କୁସୁମଙ୍କୁ ପଚାରିବାରୁ ସେ କହିଲେ, ବିଜେଡ଼ି ଟିକେଟରେ ବିଧାୟକ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତା ପାଇଁ ଆଗ୍ରହୀ ଅଛନ୍ତି। ଦୀର୍ଘ ୫ବର୍ଷ ଧରି ସେ ବିଜେଡ଼ି ସଙ୍ଗଠନକୁ ଦୃଢ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ଲୋକେ କିପରି ଯୋଜନାର ସୁଫଳ ପାଇବେ ସେଥିପାଇଁ ଉଦ୍ୟମ କରିଆସିଛନ୍ତି। ସେ ବିଜେଡ଼ି ସହିତ ଅଛନ୍ତି। ଦଳର ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ କହିଛନ୍ତି। ପ୍ରକାଶ ଯେ, କୁସୁମ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ଥିଲେ। ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ବିଜେଡିରେ ମିଶିବା ପରେ କୁସୁମ ଅସନ୍ତୁଷ୍ଟ ଥିଲେ। ପରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆପୋସ ଆଲୋଚନା ହୋଇଥିଲା। କୁସୁମଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦବୀରେ ଅବସ୍ଥାପିତ କରାଯାଇଥିଲା। ସେତେବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦବୀ ଖାଲିଥିଲା।

## ଝୁଲେଇ ରଖିଲେ ବିଜୟ

**ଭୁବନେଶ୍ୱର, ୧୭।୩ (ବ୍ୟୁରୋ):** ରାଜ୍ୟ ରାଜନୀତିର ଦୁଇ ଚର୍ଚ୍ଚିତ ଚେହେରା ଦିଲୀପ ରାୟ ଏବଂ ବିଜୟ ମହାପାତ୍ରଙ୍କ ଆଗାମୀ ରାଜନୈତିକ ପଦକ୍ଷେପ କ'ଣ ହେବ ତାକୁ ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା ରହିଛି। ଏହି ଦୁଇ ନେତା ୩ମାସ ତଳୁ ଭାଜପାରୁ ଇସ୍ତଫା ଦେବାପରେ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଛି। ଶନିବାର ବିଳମ୍ବିତ ରାତିରେ ଦିଲୀପ ରାୟ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ୍ କରିବା ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଥିଲା। ମାତ୍ର ବିଜୟ ମହାପାତ୍ରଙ୍କ ବିଜେଡିରେ ଯୋଗଦାନ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କିଛିଦିନ ତଳେ ବିଜୟ ଓ ଦିଲୀପଙ୍କୁ ନେଇ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଥିଲେ, ଆମକୁ କେହି ଛାଡ଼ି ଯାଇନାହାନ୍ତି। ସମସ୍ତେ ଆମ ସହ ରହିଛନ୍ତି। ଅରୁଣଙ୍କ ଏହି କଥା ପରେ ଦୁଇ ନେତା ଭାଜପାକୁ ଫେରିପାରନ୍ତି ବୋଲି ଆଲୋଚନା ଜୋର୍ ଧରିଥିଲା। ରବିବାର ଗଣମାଧ୍ୟମ ଆଗରେ ବିଜୟ କହିଛନ୍ତି ଯେ, ୩ମାସ ତଳୁ କହିଥିଲେ ଏଥରର ନିର୍ବାଚନ ବହୁ ଜଟିଳ ହେବ। ପୂର୍ବରୁ ରାଜ୍ୟବାସୀ କେବେହେଲେ ଏମିତି ନିର୍ବାଚନ ଦେଖି ନ ଥିବେ। ଆଗାମୀ ରଣନୀତି ନେଇ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇନାହାଁନ୍ତି। ନିର୍ବାଚନମଣ୍ଡଳୀର ଲୋକ ଏବଂ ରାଜ୍ୟର ବହୁ ଶୁଭେଚ୍ଛୁ ଆସି ଆଲୋଚନା କରୁଛନ୍ତି। ନିଷ୍ପତ୍ତି ନେଲେ ଜଣାଇବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦିଲୀପ ରାୟ ଭେଟିବା ନେଇ ସେ କହିଛନ୍ତି, ସମସ୍ତଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ନେବାର ଅଧିକାର ରହିଛି। ଏନେଇ ଦିଲୀପ ତାଙ୍କ ସହ କିଛି ଆଲୋଚନା କରିନାହାନ୍ତି। ବିଜେଡିର କେହି ମଧ୍ୟ ତାଙ୍କ ସହ ଏପର୍ଯ୍ୟନ୍ତ ଯୋଗାଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି। ଭାଜପା ଫେରିବା କଥାରେ ବିଜୟ କହିଛନ୍ତି, କିଛି ନିଷ୍ପତ୍ତି ନେଇନାହାଁନ୍ତି, ଦଳର ବହୁ ନେତୃବୃନ୍ଦ ବ୍ୟକ୍ତିଗତ ଭାବେ ଭେଟିଛନ୍ତି।

### ଭାଜପା କହିଲା ଇସ୍ତଫାପତ୍ର ଗ୍ରହଣ ହୋଇନାହିଁ

ଅନ୍ୟପକ୍ଷରେ ବିଜୟଙ୍କ ଇସ୍ତଫା ପରେ ପୂର୍ବରୁ ବିରୋଧ କରୁଥିବା ଭାଜପା ଏବେ ନିଜ ଆଭିମୁଖ୍ୟ ବଦଳାଇଛି। ଅରୁଣଙ୍କ ଭିନ୍ନ ଇଙ୍ଗିତ ପରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବିଜୟ ଦଳରୁ ଇସ୍ତଫା ଦେଇଛନ୍ତି। ହେଲେ ତାଙ୍କ ଇସ୍ତଫାପତ୍ର ଏପର୍ଯ୍ୟନ୍ତ ଗ୍ରହଣ କରାଯାଇନାହିଁ। ଇସ୍ତଫା ଅନୁମୋଦନ ହୋଇ ବିଜୟଙ୍କ ପାଖକୁ ପୁନର୍ବାର ଚିଠିଯାଇଛି କି ବୋଲି ଗୋଲକ ପ୍ରଶ୍ନ କରିଛନ୍ତି।


saiinternational.edu.in



SAI INTERNATIONAL SCHOOL

3rd BEST SCHOOL IN INDIA

ODISHA'S NO.1 SCHOOL

EducationWorld India School Rankings 2018

SAI ENTRANCE TEST (SET) 2019 FOR CLASS XI

SCIENCE, COMMERCE & HUMANITIES ON MARCH 30, APRIL 1 & 7

Excellence That Inspires To Aim Higher

AWARDS

3rd Best School of India by EducationWorld India School Rankings 2018

ELITE Award, 2018 Emerging Leaders in Innovation, Technology & Education by Edfinity, USA

World Education Award 2018 Innovation in Global Collaborative Learning

D L Shah Quality Gold Award 2017 Quality Council of India

105 SAIoneers have made it to Stanford, Georgia Tech, MIT, UPenn, British Columbia & other top Global Universities

330 SAIoneers have made it to AIIMS, JIPMER, AFMC & other top Medical Colleges in India and abroad

530 SAIoneers have made it to IIT, NIT & other top Engineering Colleges in India and abroad

210 SAIoneers have made it to NLU, ICAI, IIM & other top management & Law Universities in India and abroad



NEET Topper, All India Rank (AIR), 30th & AIIMS, New Delhi

SAMEER PATRO

SAI International School is a leading day-cum-boarding, CBSE - affiliated, co-educational, K-12 school of the country that enables, encourages and endows each child to initiate a lifelong pursuit of learning.The school aims at creating future-ready global citizens, equipped to build a better society through creativity, entrepreneurship, leadership and social innovations. It provides students and parents endless opportunities to fulfil their dreams and aspirations of embarking on a journey of happiness to achieve bigger goals in life.



SIBASIS NAYAK

State Topper in JEE(Main)NTA-2019 99.98%

GLOBAL SAIONEERS



UDAY SHARMA, TANMOY PANIGRAHI, ISHA AYESHA, ARNAV MISHRA

OUR TOPPERS (CBSE XII BOARD EXAM)



PRANAV MANIE, ASHWINI ACHARYA, UDAY SHARMA, PARTHABI KANUNGO

UDAY SHARMA, National University of Singapore. TANMOY PANIGRAHI, Georgia Institute of Technology, USA. ISHA AYESHA, Seton Hall University, New Jersey. ARNAV MISHRA, University of British Columbia, Vancouver.

PRANAV MANIE, Commerce 98%, Hans Raj College, Delhi University. ASHWINI ACHARYA, Science 97.4%, SCB Medical College. UDAY SHARMA, Science 97.4%, National University of Singapore PARTHABI KANUNGO, Humanities 96.6%, Maastricht University, The Netherlands.

100% RESULT IN CBSE X BOARD EXAM



SOUMYA SUDATTA NANDA 97.8%, ADITI ROUT 97.6%, ANANYA MAHAPATRA 97.6%, SHRUTI MISHRA 97.4%

PLACEMENT OF STUDENTS OF SAI INTERNATIONAL SCHOOL

2018 Batch



- JEE Adv (IIT) - 5%
- JEE Main (NIT) - 13%
- BITSAT - 2%
- NISER/IISER - 2%
- AIIMS/JIPMER - 2%
- NEET - 20%
- NEET - 6% (Top colleges)
- SRM/VIT/Manipal - 15%
- CLAT/NLU - 5%
- CPT - 5%
- NIFT/NATA - 2%
- SRCC/LSR - 2%
- St. Xavier Kolkata - 2%
- DU - 5%
- SICC - 3%
- Symbiosis/Christ/Xaviers Bangalore - 8%
- Foreign Universities - 3%

NTSE Achievers 2018 - 17 students, KVPY Achievers 2018-19 - 27 students*

*1st level

Co-Scholastic Achievements

- Student-led 100 Library Project has been nominated to represent India in the DFC Global Be the Change Conference (BTC), 2018
- SAIoneers received the Dada Saheb Phalke Film Festival Award 2018 in two categories
- International Recognition in the Breakthrough Junior Challenge 2018
- 1580 out of 1600 record score in SAT Examination, 2018
- Created CBSE National Record in U-14 Shotput at the CBSE National Athletic Competition, 2018
- Gold Medal in the CBSE National Chess Championship 2018 in both individual and team category
- Gold Medal for securing International Rank 1 in the National Cyber Olympiad 2017-18
- Gold medal in the CBSE East Zone Rifle Shooting Competition, 2018
- First position in the Schools Games Federation of India (SGFI) State level Swimming competition, 2018
- Runners-up in State level quiz competition by TCS IT Wiz

CBSE XII Board 2018 Results

Science:

| Number of Students | 1st Division | Above 75% |
|---|---|---|
| 292 | 98.6% | 88.7% |

Commerce:

| Number of Students | 1st Division | Above 75% |
|---|---|---|
| 165 | 98.2% | 89.7% |

Humanities:

| Number of Students | 1st Division | Above 75% |
|---|---|---|
| 27 | 100% | 96.3% |

ADMISSIONS OPEN FROM PLAYGROUP TO CLASS XI

sai angan India's largest play school

SICC SAI International College of Commerce

SAI International Residential School

Air conditioned hostel for boys & girls

Sushila Devi Scholarship to be provided for meritorious students

SAI INTERNATIONAL SCHOOL

Plot -5A, Chandrasekharpur, Infocity Road, Bhubaneswar - 751024, Odisha, INDIA

T: +91-674-7100200 M: +91-9338169966 / 9338336699 F: +91-674-7100222 E: admissions@saiinternational.edu.in

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ।

–ଶ୍ରୀମା

# ଆତଙ୍କର ସିଧା ପ୍ରସାରଣ

ଆତଙ୍କବାଦ କାର୍ଯ୍ୟକଳାପକୁ ବର୍ଣ୍ଣଭିତ୍ତିକ ଘୃଣା ପୁନଶ୍ଚ ଖୋରାକ ଯୋଗାଇଲାଣି। ୧୫ ମାର୍ଚ୍ଚ ୨୦୧୯ରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ସହରର ଦୁଇଟି ମସ୍‌ଜିଦ୍‌ରେ ଘଟିଥିବା ଗଣହତ୍ୟା ଏହାର ସଦ୍ୟ ଦୃଷ୍ଟାନ୍ତ। ଏଥିରେ ୫ଜଣ ଭାରତୀୟଙ୍କ ସମେତ ପ୍ରାୟ ୫୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ଏହି ଅପରାଧ ଭିଆଇଥିବା ବ୍ୟକ୍ତି ସମ୍ପୂର୍ଣ୍ଣ କାଣ୍ଡ ସୋସିଆଲ ମିଡିଆରେ ଲାଇଭ୍ ଷ୍ଟ୍ରିମିଂ କରିଥିଲେ। ଯେଉଁ ପ୍ରଯୁକ୍ତିବିଦ୍ୟା ଯୋଗୁ ସାଧାରଣ ବ୍ୟକ୍ତି ଇଣ୍ଟରନେଟ୍ ସାହାଯ୍ୟରେ ଦେଶ ଦୁନିଆ ସହ ଯୋଡ଼ି ହୋଇପାରୁଛି, ସେହିଭଳି ଆଜି ଆତଙ୍କବାଦୀମାନେ ମଧ୍ୟ କାଣ୍ଡ ଘଟାଇ ମୁହୂର୍ତ୍ତ ମଧ୍ୟରେ ତାହାକୁ ସିଧା ପ୍ରସାରଣ କରିପାରୁଛନ୍ତି। ଖ୍ରୀଷ୍ଟଚର୍ଚ୍ଚ ଘଟଣାରେ ଅସଂଖ୍ୟ ଲୋକ ହତ୍ୟାକାରୀଙ୍କ ପ୍ରତ୍ୟେକ ପଦକ୍ଷେପକୁ ଫେସ୍‌ବୁକ୍‌ରେ ଦେଖିଥିଲେ। ଏପରିକି ସୋସିଆଲ ମିଡିଆରେ ଗଣହତ୍ୟା କରିବା ଲାଗି ଇସ୍ତାହାର ପ୍ରକାଶ କରାଯାଇ ଯେପରି ନରସଂହାର ରଚାଗଲା, ସେଥିରୁ ଆମେ କେଉଁଭଳି ଏକ ଭୟଙ୍କର ସମୟ ଦେଇ ଗତି କରୁଛେ ବୁଝାପଡ଼ିଯାଉଛି। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ସିଧାସଳଖ ଏଭଳି ଦୃଶ୍ୟ ଦେଖୁଥିବା ଅସଂଖ୍ୟ ବ୍ୟକ୍ତିଙ୍କ ମଧ୍ୟରୁ କେହି ପୋଲିସକୁ ଜଣାଇବାକୁ ଚିନ୍ତା କରି ନ ଥିଲେ। ଅପରାଧୀ ସହଜରେ ନିଜ ଗାଡ଼ି ପାଖକୁ ଫେରି ସେଥିରୁ ଅଧିକ ଅସ୍ତ୍ର ନେଇ ପୁଣି ହତ୍ୟା କରିବା କାମରେ ଲାଗି ଯାଇଥିବା ଦୃଶ୍ୟ ଅନେକଙ୍କୁ ଚକିତ କରିଛି। ଘଟଣା ଘଟିସାରିବା ପରେ ପୋଲିସ ସେଠାରେ ପହଞ୍ଚି ହତ୍ୟାକାରୀ ଓ ସହ ଅପରାଧୀଙ୍କୁ ଧରିଥିଲା। ପରିସ୍ଥିତିକୁ ଆୟତ୍ତ କରିବାକୁ ଯାଇ ସରକାର ଓ ନିରାପତ୍ତା ସଂସ୍ଥାଗୁଡ଼ିକ ସମ୍ପୃକ୍ତ ନରସଂହାରର ଭିଡିଓ ଏବଂ ଲିଙ୍କ୍ ହଟାଇ ଦେବାକୁ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ସଂସ୍ଥାଗୁଡ଼ିକୁ ଯୋଗାଯୋଗ କରିଥିଲେ। କିନ୍ତୁ ସେତେବେଳକୁ ହତ୍ୟାକାରୀର ବାର୍ତ୍ତା ସବୁଆଡ଼କୁ ପଠାଯିବା ସହ ଭିଡିଓ ବିଶ୍ୱସ୍ତରରେ ବ୍ୟାପି ଯାଇଥିଲା।

ନ୍ୟୁଜିଲାଣ୍ଡରେ ଯାହା ଘଟିଲା, ତାହା ପାଶ୍ଚାତ୍ୟରେ ପ୍ରସାରଲାଭ କରିଥିବା ଇସ୍‌ଲାମୀୟ ବିରୋଧୀ ଘୃଣା ଅପରାଧର ଏକ ଅଂଶବିଶେଷ। ଏହାକୁ ଇସ୍‌ଲାମଫୋବିୟା ବା ଇସ୍‌ଲାମୀୟ ଭୟ ଆଖ୍ୟା ଦିଆଯାଇଛି। ସମାଜ ବିଜ୍ଞାନୀ ସାମୁଏଲ ହଟିଙ୍ଗଟନ୍‌ଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଭବିଷ୍ୟତର ବିବାଦ ସାଂସ୍କୃତିକ ଫାଟ ଯୋଗୁ ସଭ୍ୟତାକୁ ଅଲଗା କରିବ। ଏଥିରେ ବର୍ଣ୍ଣ, ଧର୍ମ ଓ ସଂସ୍କୃତି ପ୍ରମୁଖ ଭୂମିକା ନେବ, ଯାହା ପ୍ରମାଣିତ ହେବାକୁ ଯାଉଛି। କେବଳ ଇସ୍‌ଲାମୀୟ ଚିନ୍ତାଧାରା ନୁହେଁ, ଏବେ ଆତଙ୍କବାଦ ବିଭିନ୍ନ ପ୍ରକାର ରୂପ ନେବାରେ ଲାଗିଛି। ନ୍ୟୁଜିଲାଣ୍ଡରେ ଗଣହତ୍ୟା କରିଥିବା ବ୍ୟକ୍ତି ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତାଧାରା, ମୁସଲମାନ୍ ଓ ଆପ୍ରବାସୀ ବିରୋଧୀ ଜଣେ ଶ୍ୱେତାଙ୍ଗ।

ନ୍ୟୁଜିଲାଣ୍ଡର ଯେଉଁ ଅଞ୍ଚଳରେ ଏହି କାଣ୍ଡ ଘଟିଲା, ତାହା ସଂଖ୍ୟାଗରିଷ୍ଠ ଶ୍ୱେତାଙ୍ଗମାନଙ୍କର ଥିଲା। ସମୟ କ୍ରମେ ବାହାରୁ ଆସି ବସତି ସ୍ଥାପନ କରିଥିବା ଦେଶାନ୍ତରୀଙ୍କୁ ଆକ୍ରମଣକାରୀ ଇନ୍‌ଭେଡର ବା ଦଖଲକାରୀର ଆଖ୍ୟା ଦେଇଛନ୍ତି। ଏସିଆ ଓ ଆଫ୍ରିକାରୁ ବହୁ ଦେଶାନ୍ତରୀ ସେଠାରେ ଆସି ରହିଯିବା ହତ୍ୟାକାରୀଙ୍କ ପାଇଁ ଉଦ୍‌ବେଗ ସୃଷ୍ଟି କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୧୧ରେ ଖ୍ରୀଷ୍ଟଚର୍ଚ୍ଚ ଅଞ୍ଚଳରେ ଭୂମିକମ୍ପ ଯୋଗୁ ପ୍ରାୟ ୨୦୦ ଲୋକଙ୍କ ପ୍ରାଣହାନି ଘଟିବା ସହ ବହୁ ଲୋକଙ୍କ ଘରଦ୍ୱାର ଛାରଖାର ହେବାରୁ ଗଣପଳାୟନ ଘଟିଥିଲା। ତେବେ ଉକ୍ତ ସହରକୁ ଗଢ଼ିବା ଦିଗରେ ପ୍ରବାସୀମାନଙ୍କ ଦ୍ୱାରା ଯେଉଁ ସକାରାତ୍ମକ ପଦକ୍ଷେପ ନିଆଯାଇଥିଲା, ତାହା ସଂକୀର୍ଣ୍ଣମନା ଆକ୍ରମଣକାରୀଙ୍କ ମନକୁ ଛୁଇଁ ନ ଥିବା ଭଳି ମନେହେଉଛି। ଘୃଣା ଅପରାଧର ବଶବର୍ତ୍ତୀ ହୋଇ ଜଣେ ବ୍ୟକ୍ତି ଏକାକୀ ହିସାବ କରି ଯେଭଳି କ୍ଷତି ଘଟାଇଲେ, ତାହା ସଭ୍ୟ ସମାଜ ପାଇଁ ଏକ ସତର୍କଘଣ୍ଟି।

ଖ୍ରୀଷ୍ଟଚର୍ଚ୍ଚ ଗଣହତ୍ୟାର ଲାଇଭ୍ ଷ୍ଟ୍ରିମିଂ ପ୍ରସାର ରୋକିବାରେ ଫେସ୍‌ବୁକ୍ ଓ ଟୁଇଟର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଶ୍ୱ ସୋସିଆଲ ମିଡିଆ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବା ଦିଗରେ ପ୍ରଯୁକ୍ତିବିଦ୍ୟା ଆକ୍ରମଣକାରୀଙ୍କୁ ପୂରା ସହଯୋଗ କରିଥିଲା। ଆକ୍ରମଣ ପୂର୍ବରୁ ଆପ୍ରବାସୀ ଓ ମୁସଲମାନ୍‌ଙ୍କ ବିରୋଧରେ ଘୃଣା ପ୍ରଚାର ଦିଗରେ ଏକ ଅନାମ ପ୍ରଚାର ବୋର୍ଡ ଫେସ୍‌ବୁକ୍ ଜରିଆରେ ଦର୍ଶକଙ୍କୁ ଲିଙ୍କ୍ କରାଯାଇଥିଲା। ସାଧାରଣତଃ ଅନ୍‌ଲାଇନରେ ଉପଲବ୍ଧ ଅଟୋମେଟେଡ୍ ସଫ୍ଟୱେର ଆପତ୍ତିଜନକ ବିଷୟବସ୍ତୁ ରୋକିବାରେ ସଫଳ ହୋଇପାରୁ ନାହିଁ। କାରଣ ରୋବୋ ପରିଚାଳିତ ସଫ୍ଟୱେର ଆତଙ୍କ ସୃଷ୍ଟିକାରୀ ଭିଡିଓ ଏବଂ ଗେମ୍ ଭିଡିଓ ମଧ୍ୟରେ ପାର୍ଥକ୍ୟ ଜାଣିପାରି ନ ଥାଏ।

ଅନ୍ୟ ବର୍ଣ୍ଣଠାରୁ ନିଜକୁ ଉଚ୍ଚ ଭାବୁଥିବା ଶ୍ୱେତାଙ୍ଗ 'ହ୍ୱାଇଟ୍ ସୁପ୍ରିମାସିଷ୍ଟ' ଏବେ ଅନ୍‌ଲାଇନ୍‌ରେ ଘୃଣା ବିସ୍ତାର କରିବାରେ ଚେଷ୍ଟିତ। ସେପଟେ ଇସ୍‌ଲାମୀୟ ଆତଙ୍କବାଦୀ ମଧ୍ୟ ଇଣ୍ଟରନେଟ୍‌କୁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ନ୍ୟୁଜିଲାଣ୍ଡରେ ଯେଭଳି ଘଟଣା ଘଟିଲା, ତାହାର ପ୍ରତିଫଳନ ଅନ୍ୟ କେଉଁଠାରେ ମଧ୍ୟ ଦେଖାଦେଇପାରେ। ସମାନ ଆତଙ୍କୀ ପ୍ରବୃତ୍ତିଧାରୀ ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣ ତରିକାରୁ ପ୍ରେରଣା ପାଇବା ସହଜ। ଅନ୍ୟପକ୍ଷେ ଆକ୍ରମଣ ଶୈଳୀରୁ ଜଣାପଡୁଛି ଯେ, ଆକ୍ରମଣକାରୀ ଅନ୍‌ଲାଇନ ଗେମ୍ସରୁ ପ୍ରଭାବିତ ହୋଇଥାଇପାରନ୍ତି।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଦେଶ ନ୍ୟୁଜିଲାଣ୍ଡରେ ସର୍ବଦା ଲୋକେ ଶାନ୍ତିରେ ବାସ କରୁଥିବା କୁହାଯାଏ। ଅଷ୍ଟ୍ରେଲୀୟ ଜନ୍ମିତ ଆକ୍ରମଣକାରୀ ନ୍ୟୁଜିଲାଣ୍ଡକୁ ତାହାର କୋହଳ ବନ୍ଧୁକ ନିୟମ ଯୋଗୁ ବାଛିଥିଲେ ବୋଲି କୁହାଯାଉଛି। ପରିସ୍ଥିତି ଅଣାୟତ୍ତ ହେବା ପରେ ହିଁ ଚେତା ପଶୁଛି।

ସବୁଠାରୁ ଚିନ୍ତାର ବିଷୟ ହେଲା, ସୋସିଆଲ ମିଡିଆର ପ୍ରାବଲ୍ୟ ଯୋଗୁ ଏବେ ତାହାକୁ ହିଂସାର ମାଧ୍ୟମ ମଧ୍ୟ କରାଯାଇପାରୁଛି। ଯେଉଁ ଆୟୁଧ ଜରିଆରେ ମଣିଷ ସଶକ୍ତ ହୋଇପାରୁଛି, ତାହା ଧ୍ୱଂସ କରିବାର କ୍ଷମତା ମଧ୍ୟ ରଖିଛି। ଭାରତ ସମେତ ବିଶ୍ୱରେ ଧର୍ମୀୟ ଅସହିଷ୍ଣୁତା ବଢ଼ୁଥିବାରୁ ଏଭଳି ଶୈଳୀର ଆକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

# ପାନପିକର କାହାଣୀ

ଡ. ରମେଶ ଚନ୍ଦ୍ର ପରିଡ଼ା

ରାସ୍ତାରେ ଯାଉ ଯାଉ ଆମ ଆଗରେ ଚାଲୁଥିବା ଲୋକଟି ହଠାତ୍ ପାନପିକ ଲଣ୍ଡାଏ ଛାଡିଦେବା ଏବଂ ତହିଁରୁ କିଛି ପବନରେ ଉଡିଆସି ଆମ ଦେହ ବା ମୁହଁରେ ପଡିବା ଏକ ବିରଳ ଅନୁଭୂତି ନୁହେଁ। ସେହିପରି ଅଫିସ, ବସ୍‌ଷ୍ଟାଣ୍ଡ ଏବଂ ଏପରି କି ଅନେକ ଶିକ୍ଷାନୁଷ୍ଠାନର କାନ୍ଥ ଓ କବାଟର ସ୍ଥାନେ ସ୍ଥାନେ ପାନପିକର ବହଳ ଆସ୍ତରଣମାନ ଦେଖିବାକୁ ମିଳେ। ଏଭଳି କାର୍ଯ୍ୟ କରିବାକୁ ଖୁବ୍ କମ୍ ଲୋକ ଦ୍ୱିଧା ପ୍ରକଟ କରନ୍ତି। କାରଣ, ଧୂମପାନ ବା ମଦ୍ୟପାନ ଭଳି ପାନ ଖାଇବାକୁ ଆମ ସମାଜରେ ଅଶୋଭନୀୟ ବୋଲି ବିଚାର କରାଯାଏ ନାହିଁ। ଏପରି କି ଆମେ ପୂଜ୍ୟ ରୂପେ ଗ୍ରହଣ କରୁଥିବା ଦେବୀଦେବମାନେ ମଧ୍ୟ ଏହା କରନ୍ତି ବୋଲି ପୌରାଣିକ ଉପାଖ୍ୟାନମାନ ରହିଛି। ସେଥିପାଇଁ କେତେକ ସ୍ଥଳେ ସେମାନଙ୍କ ପୂଜାରେ ଏହା ଅର୍ପଣ କରାଯାଏ। ଅତଏବ ତାହାକୁ ମିଳେ ଏକ ଧାର୍ମିକ ଏବଂ ସାଂସ୍କୃତିକ ସ୍ୱୀକୃତି। ଏହାକୁ ନେଇ ରହିଛି ଏକ ଚିତ୍ତାକର୍ଷକ କାହାଣୀ–

ଏକଦା ଦେବରାଜ ଇନ୍ଦ୍ର ଅପ୍‌ସରୀ ରମ୍ଭାଙ୍କ ସହିତ ବିମାନରେ ବସି ପରିଭ୍ରମଣ କରୁଥାନ୍ତି। ଆକାଶମାର୍ଗରୁ ରମ୍ଭା ହଠାତ୍ ଛାଡିଦେଲେ ମେଞ୍ଚାଏ ପାନପିକ, ଯେପରି କରିଥାନ୍ତି ଆମ ଗାଡି ଚାଳକମାନେ। ଦୁର୍ଯୋଗକୁ ସେତେବେଳେ ମହାକୋପୀ ଦୁର୍ବାସା ମୁନି ସ୍ନାନ ସାରି ଜଳ ତର୍ପଣ କରୁଥାନ୍ତି। ତାହା ସିଧା ଯାଇ ପଡିଲା ତାଙ୍କ ହାତ ଭିତରେ। ମୁନି ଆଖି ଖୋଲି ଦେଖିଲେ ଯେ ଆକାଶମାର୍ଗରେ ଯାଉଛନ୍ତି ଇନ୍ଦ୍ର। ଏ କର୍ମ ସେ କରିଥିବେ ବୋଲି ତାଙ୍କର ମନେ ହେଲା। ତେଣୁ କ୍ରୋଧିତ ହୋଇ ସେ ତାଙ୍କୁ ଏବଂ ତାଙ୍କ ସହିତ ସମଗ୍ର ଦେବକୁଳକୁ ଅଭିଶାପ ଦେବାକୁ ଉଦ୍ୟତ ହେଲେ। ଏହା ଦେଖି ଇନ୍ଦ୍ର ଡରିଗଲେ ଏବଂ ତଳକୁ ଓହ୍ଲାଇ ବହୁ କାକୁତି ମିନତି ହୋଇ ତାଙ୍କୁ ସେଥିରୁ ନିବୃତ୍ତ କରିବାକୁ ଚେଷ୍ଟା କଲେ। ସେ ତାଙ୍କୁ ସୂଚାଇଦେଲେ ଯେ ଏ ଦୋଷ କରିଛନ୍ତି ରମ୍ଭା। ଏଣୁ ଏଥିପାଇଁ ଦେବକୁଳକୁ ଅଭିଶାପ ଦେବା ଯଥାର୍ଥ ନୁହେଁ। ଅନ୍ୟପକ୍ଷରେ ରମ୍ଭା ଜଣେ ନାରୀ। ଏଣୁ ସେ ମଧ୍ୟ ତାଙ୍କ ଭଳି ଜଣେ ମହାନ୍ ଯୋଗୀଙ୍କର ଅଭିଶାପ ପାଇଁ ଯୋଗ୍ୟା ନୁହନ୍ତି। କଥାଟା ଦୁର୍ବାସାଙ୍କ ମନକୁ ପାଇଲା। ମାତୃଜାତି ପ୍ରତି ଥିଲା ତାଙ୍କର ପ୍ରଗାଢ଼ ଶ୍ରଦ୍ଧା ଓ ସମ୍ମାନ। ତେଣୁ ସେ ଅଭିଶାପ ଦେବାରୁ ନିବୃତ୍ତ ହେଲେ ଏବଂ ସମସ୍ୟାଟି ଟଳିଗଲା।

ଏ କାହାଣୀଟିର ପ୍ରକୃତରେ ପୌରାଣିକ ଭିତ୍ତିଭୂମି ଅଛି କି ନାହିଁ କିମ୍ବା ଏହାକୁ କେହି ପାନ ପ୍ରତି ଆସକ୍ତ ବାବା ରଚନା କରିଛନ୍ତି ତାହା କହିହେବ ନାହିଁ। ସମ୍ଭବତଃ ଦାୟିତ୍ୱହୀନ ଭାବେ ଏଣେତେଣେ ପାନପିକ ପକାଇବା ଦେବତାମାନେ ବି କରିପାରନ୍ତି ଏବଂ ସେଥିପାଇଁ ସାଧାରଣ ମଣିଷ ତାହା କରିବା ଏମିତି କିଛି ଗୁରୁତର ଅପରାଧ ନୁହେଁ ବୋଲି ପ୍ରମାଣିତ କରିବା ଏହାର ଉଦ୍ଦେଶ୍ୟ ହୋଇପାରେ। ତେବେ, ପାନ ସହିତ ଆମର ନିବିଡ଼ ସଂପୃକ୍ତିକୁ ଏହା ସ୍ପଷ୍ଟ କରୁଛି।

ଆମ ଦେଶରେ, ବିଶେଷକରି ପୂର୍ବ ଓ ଉତ୍ତର ଭାରତରେ ପାନ ସେବନ ଅତି ଜନପ୍ରିୟ। ଏହା ଆମ ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନ–ପ୍ରଦାନ ତଥା ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡିତ। ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହା ଅନନ୍ୟ ପ୍ରଭାବ ବିସ୍ତାର କରିପାରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବିଚ୍ଛିନ୍ନ ଅଙ୍ଗ ରୂପେ ଖାଦ୍ୟ ଓ ପାନୀୟ ଭଳି। ଏଣୁ ଘରେ ଘରେ ରହୁଥିଲା ଏଥିରେ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନଡାଲା। ଅନେକ ଲୋକ ପାନ ପ୍ରତି ଏଭଳି ଆସକ୍ତ ଥିଲେ ଯେ ସେମାନେ ସବୁବେଳେ ପାଖରେ ରଖୁଥିଲେ ଏହିସବୁ ଦ୍ରବ୍ୟ ଥିବା ଛୋଟ ଛୋଟ ମୁଣା, ଯାହାକୁ ବଟୁଆ ବୋଲି କୁହାଯାଉଥିଲା। ଏଥିରେ ମଧ୍ୟ ରହୁଥିଲା କିଛି କିଛି ଟୁଣୁକା ଟୁଣୁକି ଔଷଧ ସମେତ କେତେକ ଅତ୍ୟାବଶ୍ୟକ ସାମଗ୍ରୀ। ପ୍ରାତଃସ୍ମରଣୀୟ ସାହିତ୍ୟିକ ଗୋପାଳଚନ୍ଦ୍ର ପ୍ରହରାଜ ଏହାର ଉପାଦେୟତା ନେଇ ଏହି ଶୀର୍ଷକରେ ଚମତ୍କାର ଲଳିତ ନିବନ୍ଧଟିଏ ରଚନା କରିଥିଲେ।

ତେବେ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାରେ ଏପରି ଉଚ୍ଚସ୍ଥାନ ଅଧିକାର କରିଥିବା ପାନ ବୈଜ୍ଞାନିକମାନଙ୍କ ଦୃଷ୍ଟିରେ ଏକ ସ୍ୱାସ୍ଥ୍ୟହାନିକାରକ ତଥା ଅନ୍ୟସବୁ ନିଶାକାରୀ ଦ୍ରବ୍ୟ ଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ। କାରଣ, ଏହାର ଅନ୍ୟତମ ମୁଖ୍ୟ ଉପାଦାନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ ସମେତ ଶତାଧିକ ଏବଂ ଗୁଆରେ ଏରିକୋଲିନ ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ। ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟନଳୀର ସୂକ୍ଷ୍ମ ଝିଲ୍ଲୀ ଉପରେ କୁପ୍ରଭାବ ରହିଛି। ଅତଏବ ସେଗୁଡିକ ମୁଖଗହ୍ୱର କର୍କଟଠାରୁ ଆରମ୍ଭ କରି ନାନାଦି ଅସାଧ୍ୟ ରୋଗର କାରଣ ହୋଇପାରନ୍ତି। ଏଥିସହିତ ପାନ ମସଲା ଯୋଗ ହେଲେ ତାହାର ଭୟାବହତା ବଢିଯାଏ। ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ। ଏଣୁ ଏହାର ସଂସ୍ପର୍ଶରେ ଆସିବା ପରୋକ୍ଷ ଧୂମପାନ ଭଳି କ୍ଷତିକାରକ। ପୁନଶ୍ଚ ସେଥି ସହିତ ମଧ୍ୟ ଥାଏ ତାହା ଖାଉଥିବା ଲୋକ ସଂକ୍ରମିତ ହୋଇଥିବା ବିବିଧ ରୋଗର ଜୀବାଣୁ ଓ ଭୂତାଣୁ। ମୁମ୍ବାଇଠାରେ ୨୦୧୬ ମସିହାରେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡିଥିଲା।

ସେଥିପାଇଁ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ପାଇଁ ଆମ ଦେଶର କେତେକ ସ୍ଥାନରେ ଆଇନମାନ ରହିଛି। ଉଦାହରଣ ସ୍ୱରୂପ, ଦିଲ୍ଲୀରେ ଏଥିପାଇଁ ୨୫୦ ଟଙ୍କା ଜରିମାନାର ବ୍ୟବସ୍ଥା ଥିଲାବେଳେ ମୁମ୍ବାଇରେ ତାହା ୧୦୦୦ ଟଙ୍କା। ଏପରି କି ବିହାରର ଅନେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ। ଆମ ରାଜ୍ୟ ଓଡିଶାରେ ଏ ଦିଗରେ ଏକ ବିଚିତ୍ର ପଦକ୍ଷେପ ସ୍ୱରୂପ ସଚିବାଳୟଠାରୁ ଆରମ୍ଭ କରି ଅନେକ ବଡ ବଡ ଅଫିସ ପର୍ଯ୍ୟନ୍ତ ସ୍ଥାନକୁ ସ୍ଥାନ ସ୍ଥାପନ କରାଯାଇଛି ଦେବୀଦେବଙ୍କ ମୂର୍ତ୍ତି। ସରକାର ଆଶା କରୁଛନ୍ତି ଯେ ସେମାନଙ୍କ ପ୍ରତି ଭକ୍ତିଭାବ ହେତୁ ଲୋକେ ସେସବୁ ସ୍ଥାନରେ ପାନପିକ ପକାଇବାରୁ ବିରତ ହେବେ। ମାତ୍ର ଅନେକସ୍ଥଳେ ସେଗୁଡିକ ମଧ୍ୟ ଏଥିରେ ରଙ୍ଗିନ ହେବାର ଦେଖାଯାଉଛି।

ଏ ସମ୍ପର୍କରେ ରାଜ୍ୟ ସଭାରେ ପ୍ରଶ୍ନଟିଏ ଉଠାଇଥିଲେ ସାଂସଦ କେ.ଟି.ଏସ. ତୁଳସୀ। ଏଣେତେଣେ ପାନପିକ ପକାଇବା ବିବିଧ ରୋଗର କାରଣ ହେବାର ସମ୍ଭାବନା ଥିବାରୁ ଏହାର ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସେ ତଦାନୀନ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଅନୁରୋଧ କରିଥିଲେ। ଦଳମତ ନିର୍ବିଶେଷରେ ଏହାକୁ ସମର୍ଥନ କରିଥିଲେ ଆହୁରି ଅନେକ ସାଂସଦ। ତୁଳସୀ ଏଥିରେ ଦର୍ଶାଇଥିଲେ ଯେ ଏଭଳି ଏକ ଅସ୍ୱାସ୍ଥ୍ୟକର କୁଅଭ୍ୟାସକୁ ହାଲୁକାଭାବେ ଗ୍ରହଣ କରିବା ଉଚିତ ନୁହେଁ। ପୁନଶ୍ଚ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶ ପୃଥିବୀରେ ପ୍ରଥମ। ଏହାର ଏକତୃତୀୟାଂଶ ଏଠାରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପିକ ପକାଇଥାନ୍ତି। ଅତଏବ ଏ ରୋଗର ବିସ୍ତାରରେ ଏହାର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ। ଏହା ବ୍ୟତୀତ ଅନ୍ୟାନ୍ୟ ସଂକ୍ରାମକ ରୋଗର ରୋଗୀଙ୍କ ପାନପିକ ମଧ୍ୟ ସେହିସବୁ ରୋଗ ବ୍ୟାପିବାର ମାଧ୍ୟମରୂପେ କାମ କରୁଥିବ।

ମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ତାହା କେବଳ ସେତିକି ମଧ୍ୟରେ ସୀମିତ ରହିଛି।

ଅବଶ୍ୟ ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ବଦଭ୍ୟାସକୁ ରୋକିବା ସହଜ ନୁହେଁ। କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏଣୁ ଏହାକୁ ସ୍ୱଚ୍ଛ ଭାରତ ଅଭିଯାନର ଏକ ପ୍ରମୁଖ ଅଙ୍ଗ ରୂପେ ଗ୍ରହଣ କରି ସେହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲେ ହୁଏତ ଏ ସମ୍ପର୍କରେ ସଚେତନତାର ପ୍ରସାର ଘଟନ୍ତା। ଅତଏବ ତହିଁରୁ ମୁକ୍ତ ହେବାର ସମ୍ଭାବନା ଉଜ୍ଜ୍ୱଳ ହୁଅନ୍ତା।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

# ଖୋଇଲେ ମନ ପୂରେ

ଅଲେଖ ଚନ୍ଦ୍ର ମିଶ୍ର

କୃଷ୍ଣସୁଦାମା ଚରିତ କିଏ ବା ନ ଜାଣେ? ଯାହା ସୁଦାମାଙ୍କୁ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତିଦେଇ ସକଳ ଐଶ୍ୱର୍ଯ୍ୟର ଅଧିକାରୀ କରିଥିଲା, ସ୍ଥୂଳ ଦୃଷ୍ଟିରେ ତାହା ଥିଲା ମୁଠାଏ ଖୁଦଭଜା। କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ତାହା ଥିଲା ସୁଦାମାଙ୍କର କୃତକର୍ମର ପ୍ରାୟଶ୍ଚିତ୍ତ ଏବଂ ଋଣ ପରିଶୋଧର ନିଦର୍ଶନ। ତାଙ୍କ ପିଲାଦିନର କଥା। ଗୁରୁକୁଳରେ ଥିବାବେଳେ ପ୍ରଭୁ ଶ୍ରୀକୃଷ୍ଣ ଓ ଅନ୍ୟ ସାଥୀମାନଙ୍କ ସହ ଜାଳେଣି କାଠ ସଂଗ୍ରହ ପାଇଁ ସେ ବଣକୁ ଯାଇଥିଲେ। ହଠାତ୍ ଭୀଷଣ ବର୍ଷା ମାଡ଼ିଆସିଲା। ଆଶ୍ରୟ ପାଇଁ ଯିଏ ଯୁଆଡ଼େ ଧାଇଁଲେ। ସୁଦାମା ଏକ ଛୋଟ ପାହାଡ଼ ଖୋଲ ଭିତରକୁ ପଶିଗଲେ। ବର୍ଷା ଅନେକ ସମୟ ପର୍ଯ୍ୟନ୍ତ ଲାଗି ରହିଲା। ଭୋକରେ ସମସ୍ତେ ଆଉଟୁପାଉଟୁ ହେଲେ। କିନ୍ତୁ କାହାରି ପାଖରେ କିଛି ଖାଇବାକୁ ନ ଥିଲା। କେବଳ ସୁଦାମାଙ୍କ ପାଖରେ ଥିଲା କିଛି ଖୁଦଭଜା, ଯାହାକୁ ଗୁରୁପତ୍ନୀ ତାଙ୍କ ହାତରେ ଦେଇ କହିଥିଲେ, ''ବଣରେ ଭୋକ ଲାଗିଲେ ଏତକ ସମସ୍ତେ ବାଣ୍ଟିକୁଣ୍ଟି ଖାଇବ।'' କିନ୍ତୁ ଲୋଭର ବଶବର୍ତ୍ତୀ ହୋଇ ସୁଦାମା ସେ ସବୁତକ ଖୁଦଭଜା ଏକୁଟିଆ ଖାଇଦେଲେ। ତାହା ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ଉତ୍କଟ ଦାରିଦ୍ର୍ୟର କାରଣ ହୋଇଥିଲା, ଯାହାର ପରିଣାମ ସ୍ୱରୂପ ଦିନ ଦିନ ଧରି ତାଙ୍କୁ ମୁଠାଏ ଖାଇବାକୁ ମିଳୁ ନ ଥିଲା। ଶେଷରେ ପତ୍ନୀ ପ୍ରଦତ୍ତ ଭଜା ଖୁଦମୁଠାକୁ ଅତିଯତ୍ନରେ ଗାମୁଛାରେ ବାନ୍ଧି, ବାଟରେ ପ୍ରବଳ କ୍ଷୁଧା ସତ୍ତ୍ୱେ ସେଥିରୁ କାଣିଚାଏ ବି ନ ଖାଇ ଗଭୀର ଶ୍ରଦ୍ଧା ଓ ଭକ୍ତିରେ ସଖା ଦ୍ୱାରିକାଧୀଶଙ୍କୁ ଅର୍ପଣ କଲାପରେ ଯାଇ ହୋଇଥିଲା ପିଲାଦିନେ ସେ କରିଥିବା ତ୍ରୁଟିର ସଂଶୋଧନ ଏବଂ ଋଣଭାରରୁ ମୁକ୍ତି।

ଏହି ଆଖ୍ୟାୟିକାଟି ଆମକୁ ଯେଉଁ ମହାନ୍ ଶିକ୍ଷା ପ୍ରଦାନ କରେ, ତାହା ହେଲା କୌଣସି ଖାଦ୍ୟ ସାମଗ୍ରୀକୁ ଏକାକୀ ଖାଇବ ନାହିଁ। ଶାସ୍ତ୍ର କହେ, ''ଏକଃ ସ୍ୱାଦୁ ନ ଭୁଞ୍ଜିତ, ଏକଶ୍ଚାର୍ଥାନ୍ ନ ଚିନ୍ତୟେତ୍, ଏକୋ ନ ଗଚ୍ଛେଦଧ୍ୱାନଂ ନୈକଃ ସୁପ୍ତେଷୁ ଜାଗୃୟାତ୍।'' (ଏକାକୀ ସୁଆଦିଆ ଜିନିଷଟିଏ ଖାଇବନି, ଏକାକୀ ଅର୍ଥଚିନ୍ତା କରିବନି, ଏକାକୀ ବାଟ ଚାଲିବନି ଓ ଅନ୍ୟମାନେ ଶୋଇଥିବା ବେଳେ ଏକା ଜାଗ୍ରତ ରହିବନି।) ପାଶ୍ଚାତ୍ୟ ସଂସ୍କୃତିରେ ବି ଅଛି, 'ଏ ହ୍ୟାଣ୍ଡ୍ ଦ୍ୟାଟ୍ ଫିଡ୍‌ସ୍ ଇଜ୍ ନୋବ୍‌ଲର ଦାନ୍ ଏ ଲିପ୍ ଦ୍ୟାଟ୍ ପ୍ରେଜେସ୍।' (ପ୍ରାର୍ଥନା କରୁଥିବା ଓଠଠାରୁ ଖାଇବାକୁ ଦେଉଥିବା ହାତ ମହାନ୍)।

ସୌଭାଗ୍ୟର କଥା, ଆମ ସଂସ୍କୃତିରେ ଏଭଳି ପରମ୍ପରା ଯୁଗ ଯୁଗ ଧରି ଅନୁସୃତ ହୋଇ ଆସିଛି। କେହି କେହି ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସକାଳୁ ବିଭିନ୍ନ ପ୍ରକାର ଦାନା ବିଞ୍ଚନ୍ତି ତ କିଛି ଲୋକ ଖାଇବା ପୂର୍ବରୁ ଖାଦ୍ୟର କିଛି ଅଂଶ ବାହାରେ ରଖିଦିଅନ୍ତି। କେଉଁଠି ଖାଇବା ପୂର୍ବରୁ ଭଗବାନଙ୍କୁ ସମର୍ପଣ (ଚଳୁ ପ୍ରଥା) କରାଯାଏ ତ କେହି ପ୍ରଭୁଙ୍କୁ ସ୍ମରଣ ନ କରି ଖାଆନ୍ତିନି। ରୋଷେଇ ସରିଲା ପରେ ସବୁ ପ୍ରକାର ରନ୍ଧା ସାମଗ୍ରୀରୁ ସାମାନ୍ୟ ଅଗ୍ନିଙ୍କୁ ପ୍ରଦାନ କରିବା ବିଧି। ଶ୍ରାଦ୍ଧ ଭଳି ଏକ ପବିତ୍ର କର୍ମରେ ବି 'କାକବଳି' (''କାକୋଽସି ଯମଦୂତୋଽସି) ରୂପରେ କିଛି ଖାଦ୍ୟପଦାର୍ଥ ପତ୍ରରେ ରଖି ବାହାରେ ଉତ୍ସର୍ଗ କରାଯାଏ। ଠାକୁର/ଠାକୁରାଣୀଙ୍କୁ ପୂଜା କଲାବେଳେ ପ୍ରସାଦର କିଛି ଅଂଶ ଚଣ୍ଡ ଭାବରେ ଅର୍ପଣ କରାଯାଏ (ଚଣ୍ଡ ନୈବେଦ୍ୟଂ ସ୍ୱାହା')। ମଠମନ୍ଦିରରେ ଅତିଥି–ଅଭ୍ୟାଗତଙ୍କ ପାଇଁ ଭୋଜନର ବ୍ୟବସ୍ଥା ଥାଏ। ଏ ମହାନ୍ ପରମ୍ପରାରେ ନିହିତ ସତ୍ୟ ହେଲା ଯିଏ ଅନ୍ୟର ପେଟ ଚିହ୍ନେ ତା' ପେଟକୁ ଈଶ୍ୱର ଚିହ୍ନନ୍ତି। ବାସ୍ତବିକ ଖାଇବା ଅପେକ୍ଷା ଖୋଇବାରେ ହିଁ ଅଧିକ ଆନନ୍ଦ ମିଳେ। ଖାଇବାରେ ସିନା ପେଟ ପୂରେ, ଖୋଇଲେ ମନ ପୂରେ।

କିନ୍ତୁ ଦୁଃଖର କଥା, ଏ ସବୁ ଜାଣିଥିଲେ ବି କିଛି ଲୋକ ତାକୁ ହେୟଜ୍ଞାନ କରି ଭୁଲ୍ କରିବସନ୍ତି। ରାସ୍ତାକଡ଼ର ଦୋକାନରେ ଖାଉଥିବା ବେଳେ ବିକଳରେ ଜିଭ ଚାଟୁଥିବା ମାଗନ୍ତାଟିକୁ ଚାହାନ୍ତିନି। ଏପରି କି ଏକଧ୍ୟାନରେ ଚାହିଁ ରହିଥିବା କୁକୁରଟି ପ୍ରତି ବି ଦୃଷ୍ଟି ଦିଅନ୍ତିନି କି ଟିକେ ତା' ଆଡ଼କୁ ପକେଇ ଦିଅନ୍ତିନି। ମଧ୍ୟାହ୍ନ ବିରତିରେ ଜଳଖିଆ ଆଣୁଥିବା ଅଧସ୍ତନ କର୍ମଚାରୀକୁ ଟିକେ ଯାଚନ୍ତିନି। ଭୋଜିଭାତରେ ଖାଇବାକୁ ମାଗୁଥିବା ଭିକାରିକୁ ଭଗେଇ ଦିଅନ୍ତି। ସୁଆଦିଆ ଖାଦ୍ୟପଦାର୍ଥ ଘରକୁ ଆଣିଲେ ପରିବାରର ଅନ୍ୟ ସଦସ୍ୟଙ୍କୁ (ବୃଦ୍ଧ ମାତାପିତାଙ୍କୁ ବି) ଲୁଚେଇ ପତ୍ନୀ ଓ ପିଲାଙ୍କୁ ଖୁଆନ୍ତି। ଘରେ ରୋଷେଇ କରୁଥିବା ରୋଷେୟାକୁ ଚାଖିବାକୁ ବି ଯାଚନ୍ତିନି। ଖାଇବା ଏକ ଛୋଟ କଥା, ପୁଣି ବଡ଼ କଥା। ଅନ୍ୟର ମନ ବୁଝି ଖାଇବାକୁ ଦେବା ଏକ ଐଶ୍ୱରିକ ଗୁଣ, ଯାହାର ସୁଫଳ ଅବଶ୍ୟ ମିଳେ।

ଅନେକ ସମୟରେ କିଛି ଲୋକ ଏକ ସାଂଘାତିକ ଭୁଲ କରନ୍ତି, ଯାହାର ପରିଣାମ ବିଷମୟ ହୋଇଥାଏ। ତାହା ହେଲା, ବାହାରୁ ରନ୍ଧାସାମଗ୍ରୀ ଘରକୁ ଆଣିବା ବେଳେ ତା'ର ମହକରେ କିଛି ଅଦୃଷ୍ଟ ଅଶରୀରୀ ଆତ୍ମା ଅନୁଧାବନ କରିଥାନ୍ତି। ତେଣୁ ସେ ଖାଦ୍ୟ ଖାଇବା ପୂର୍ବରୁ ସବୁଥିରୁ ସାମାନ୍ୟ ମାତ୍ର କାଢି ବାହାରେ ଥୋଇଦେଲେ ସେମାନେ ତାକୁ ପାଆନ୍ତି ଏବଂ ସନ୍ତୁଷ୍ଟ ହୋଇ ଫେରିଯାଆନ୍ତି। ନଚେତ୍ ସେମାନଙ୍କର ଦୃଷ୍ଟି ସେଇ ଖାଦ୍ୟ ସହ ମିଶି ଅନେକ ଅନିଷ୍ଟ ଘଟାଏ। ଏହା ଏକ ବାସ୍ତବ ସତ୍ୟ। ଅନ୍ତର୍ଜାତୀୟ ସ୍ତରରେ ବି ଏଭଳି ଏକ ଭାବଧାରାକୁ ସମର୍ଥନ କରାଯାଇଛି। ସମ୍ପ୍ରତି ଦକ୍ଷିଣ କୋରିଆରେ ''ଓବେସିଟି ରିସର୍ଚ୍ଚ ଆଣ୍ଡ କ୍ଲିନିକାଲ ପ୍ରାକ୍ଟିସ' ସଂସ୍ଥା ଦ୍ୱାରା ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ଏକୁଟିଆ ଖାଉଥିବା ଲୋକ 'ଆବ୍‌ଡୋମିନାଲ୍ ଓବେସିଟି' ଏବଂ 'ମେଟାବୋଲିକ୍ ସିଣ୍ଡ୍ରମ୍' ଦ୍ୱାରା ଅଧିକ ଆକ୍ରାନ୍ତ ହୁଏ। ଅତଏବ କେବଳ ଆପଣାର ଉଦର ପୂର୍ତ୍ତି ମନୁଷ୍ୟର ଧ୍ୟେୟ ହେବା ଉଚିତ ନୁହେଁ। ନିଜ ପାଇଁ ବଞ୍ଚିବାରେ ବା କି ଲାଭ? ଅନ୍ନଦାନ ଏକ ମହତ୍ ଦାନ। ପେଟ ପୂରିଗଲେ ଲୋକ ଆଉ ମାଗେନା। କିନ୍ତୁ ଅନ୍ୟ ସବୁ ଦାନର ଶେଷ ନ ଥାଏ।

'ସାରଦାଶ୍ରୀ', ୯୦୪ ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ବିଦେଶ ଭ୍ରମଣରେ ଯିବା ପାଇଁ ଅଧିକାଂଶ ବ୍ୟକ୍ତି ଆଗ୍ରହ ପ୍ରକାଶ କରିଥାଆନ୍ତି। ତେବେ ସେଥିପାଇଁ ଆବଶ୍ୟକ ହୋଇଥାଏ ଟଙ୍କା। ଇଚ୍ଛାଥିଲେ ମଧ୍ୟ ଅର୍ଥ ଅଭାବରେ ବିଦେଶ ଭ୍ରମଣ ଆଶା ସାକାର ହୋଇପାରେ ନାହିଁ। ତେଣୁ ଅଳ୍ପ ଅଳ୍ପ ଟଙ୍କା ସଞ୍ଚୟ କରି ଅଧିକ ପୁଞ୍ଜି କଲେ ଯାଇ ବିଦେଶ ଭ୍ରମଣ ସମ୍ଭବ ହୋଇପାରିବ। ବିଦେଶ ଭ୍ରମଣକୁ ସାକାର ରୂପ ଦେଇପାରିଛନ୍ତି କେରଳର ଏକ ଦମ୍ପତି। ଦୁହେଁ ଚା ବିକି ଇତିମଧ୍ୟରେ ୨୩ଟି ଦେଶ ଭ୍ରମଣ କରିସାରିଲେଣି। ସେମାନେ ହେଉଛନ୍ତି ୬୮ବର୍ଷ ବୟସ୍କ ବିଜୟନ୍ ଏବଂ ୬୭ବର୍ଷ ବୟସ୍କା ମୋହନା। କୋଚିଠାରେ ସେମାନଙ୍କର ଶ୍ରୀ ବାଲାଜୀ କଫି ହାଉସ୍ ନାମକ ଏକ ଚା ଷ୍ଟଲ୍ ରହିଛି। ପ୍ରତିଦିନ ସେମାନଙ୍କର ମୂଳଧନ ଯିବାପରେ ୩ଶହରୁ ଅଧିକ ଟଙ୍କା ଲାଭ ହୋଇଥାଏ। ବିଦେଶ ଭ୍ରମଣ ପାଇଁ ସେମାନେ ଏଥିରୁ କିଛି ସଞ୍ଚୟ କରିଥାଆନ୍ତି। ଆଗାମୀ ଦିନରେ ସେମାନେ ନରୱେ, ସ୍ୱିଡେନ୍, ଡେନମାର୍କ, ନେଦରଲାଣ୍ଡ, ଗ୍ରୀନ୍‌ଲାଣ୍ଡ ଭ୍ରମଣରେ ଯିବା ପାଇଁ ଯୋଜନା କରିଛନ୍ତି। ବିଜୟନ୍ ଏବଂ ମୋହନା ତାଙ୍କ ଷ୍ଟଲ୍‌ରେ ଏକ ବୃହତ୍ ଗ୍ଲୋବ୍ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମାର୍ଚ୍ଚ ୧୯୯୪

- ଶାନ୍ତି ପ୍ରକ୍ରିୟା ଓ ପ୍ରତିରକ୍ଷା ସହଯୋଗ ପାଇଁ ରୁଷିଆ ନାଟୋର ଅଂଶୀଦାର ଭାବେ ନାଟୋରେ ଯୋଗଦେବା ନେଇ ନିଷ୍ପତ୍ତି ଗ୍ରହଣ କରିଛି।
- ଆଲଜେରିଆର ଏକ ଜେଲ ଭାଙ୍ଗି କଏଦୀମାନେ ଖସି ପଳାଇବା ପରେ ନିରାପତ୍ତା ରକ୍ଷୀମାନଙ୍କ କାର୍ଯ୍ୟାନୁଷ୍ଠାନରେ ୫୭ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହା ଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନେ ଦଶଦିଶ।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧୦– ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

୧୧– ଡିଆରଡିଓ ପୋଖରାନ୍ ରେଞ୍ଜରୁ ଦୁଇଟି ପିନାକ ରକେଟ୍ ଲଞ୍ଚରର ସଫଳ ପରୀକ୍ଷା କରିଛି।

୧୨– ତୃଣମୂଳ କଂଗ୍ରେସ ଏମ୍‌ପି ଅନୁପମ ହାଜରାଙ୍କ ସମେତ ପଶ୍ଚିମବଙ୍ଗର ଦୁଇ ବିଧାୟକ ଭାଜପାରେ ଯୋଗ ଦେଲେ।

୧୩– ଇଥିଓପିଆରେ ବୋଇଂ ୭୩୭ ମାକ୍ସ୍ ୮ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ୧୫୭ ଜଣଙ୍କ ମୃତ୍ୟୁ ହେବା ପରେ ବିଭିନ୍ନ ଦେଶ ସମେତ ଭାରତ ସରକାର ଏହି ବିମାନର ଉଡ଼ାଣକୁ ନିଷିଦ୍ଧ କରିଛନ୍ତି।

୧୪– ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ଯୋଗ ଦେଲେ।

୧୫– ନ୍ୟୁଜିଲାଣ୍ଡର ଦୁଇଟି ମସଜିଦରେ ଜଣେ ଆତଙ୍କବାଦୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବା ଫଳରେ ୪୯ ଜଣଙ୍କ ମୃତ୍ୟୁ ଓ ୨୦ ଜଣ ଗୁରୁତର ଆହତ।

## ଆମ ସମସ୍ୟା

### ମାଙ୍କଡ଼ ଉପଦ୍ରବ

ମହାଶୟ,

ମାଙ୍କଡ଼ଙ୍କ ଉତ୍ପାତ ଦିନକୁ ଦିନ ବଢିଚାଲିଛି। କିନ୍ତୁ ବନ ବିଭାଗକୁ ଯେତେ ଲେଖି ଜଣାଇଲେ କର୍ଣ୍ଣପାତ କରୁନାହାନ୍ତି। ଜଣେ କୃଷକ ଅନେକ ପରିଶ୍ରମ କରି ଦି'ପଇସା ପାଇବାକୁ ଓ ପରିବାର ଚଳାଇବାକୁ ଚେଷ୍ଟା କରୁଥିବା ବେଳେ ମାଙ୍କଡ଼ ଫସଲ ନଷ୍ଟକରି ତା'ର ଦୁଃଖକଷ୍ଟକୁ ଦ୍ୱିଗୁଣିତ କରୁଛନ୍ତି। ତା'ର ଉଦାହରଣ ଆମ ରୁଦ୍ରପୁର ଓ ଝାଲପଡା ପଞ୍ଚାୟତ। ଏହି ୨ଟି ପଞ୍ଚାୟତରେ ୧୨ ହଜାର ଲୋକ ବାସ କରନ୍ତି। ସମସ୍ତେ ଚାଷ ଉପରେ ଭରସା କରି ଚଳନ୍ତି। ଏଠି ମାଙ୍କଡ଼ଙ୍କ ଉତ୍ପାତ କହିଲେ ନ ସରେ। ହଜାର ହଜାର ମାଙ୍କଡ଼ ମାଣ ମାଣ ଜମିରୁ ବାଦାମ ଗଛ ଉପାଡି ଦେବାରୁ ବିଲ ପଡ଼ିଆ ପଡ଼ିଛି। ବାଡିବଗିଚାରେ କିଛି ଗଛ କି ଛାତରେ କୌଣସି ଜିନିଷ ଶୁଖେଇ ଦେଉନାହାନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ।

ପ୍ରଭାତ ପାଣି, ଯାଜପୁର

### ପୂର୍ବ ସତ୍ୟବାଦୀ ରାସ୍ତା ମରଣଯନ୍ତା

ଗବକୁଣ୍ଡଠାରୁ ବଳଙ୍ଗା ପର୍ଯ୍ୟନ୍ତ ଚନ୍ଦନପୁର ବ୍ରାଞ୍ଚ୍ କେନାଲ ବନ୍ଧ ପିଚୁ କରାଯାଇଛି। ଏହି ରାସ୍ତାରେ ପ୍ରାୟ ୨୦/୨୫ଟି ଗ୍ରାମର ଗ୍ରାମବାସୀ ଯାତାୟାତ କରିଥାନ୍ତି। ମାତ୍ର ଚିଲପାଟଣାଠାରୁ ଗୁଆଳିଗୋରଡା ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠି ଗର୍ତ୍ତମାନ ସୃଷ୍ଟି ହୋଇଛି। ବିପଦପୂର୍ଣ୍ଣ ଭାବରେ ଯାନବାହନ, ପଥଚାରୀ ଯାତାୟାତ କରିଥାନ୍ତି। ଏହି ବିପଦପୂର୍ଣ୍ଣ ରାସ୍ତା ପାଖରେ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ। ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | 7 | | 0 | | | | | D | | 2 |
| | | | | | | E | 2 | | | | | | | 8 |
| E | 0 | | 4 | | 9 | 6 | | | | | | | 5 | 3 |
| | | B | | 1 | | | A | | | | 0 | | | |
| | A | | | 6 | E | 1 | 4 | | 7 | B | | | 0 | |
| | | | E | C | B | | 3 | | | | 6 | | 4 | 1 |
| 7 | | 3 | | 8 | | 2 | 5 | | | | 4 | E | | |
| | | | 1 | | | C | 6 | | 2 | 0 | D | | | |
| D | | 2 | | | 0 | | | | 3 | A | | B | | |
| | | 8 | | 2 | | B | E | | | | | | | C |
| | 4 | | 0 | | 1 | | | | | | | | | |
| | 3 | D | 8 | | | | 1 | 5 | 9 | | | | | |
| A | 8 | | | | | | | | E | 5 | C | | 2 | |
| | | | | | | A | | | | 1 | | 9 | D | 6 |
| 0 | | | | | 5 | 7 | | | | | | | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 3 | 0 | 8 | C | 4 | 1 | E | A | 5 | 9 | B | D | 2 | 7 |
| B | C | 1 | 0 | D | A | 4 | 9 | 3 | 2 | 7 | 8 | 5 | 6 | E |
| A | D | 8 | 2 | 1 | E | 5 | 0 | 7 | 4 | C | 6 | 3 | 9 | B |
| 5 | 4 | 7 | 6 | 9 | B | C | 8 | 2 | E | D | 3 | 1 | A | 0 |
| 9 | E | 2 | 3 | 5 | 7 | 6 | D | B | A | 1 | 0 | 4 | 8 | C |
| 8 | 5 | E | C | B | 9 | A | 6 | 1 | 0 | 4 | 7 | 2 | 3 | D |
| 4 | 9 | D | 7 | A | 1 | 2 | 5 | 0 | C | 3 | E | 8 | B | 6 |
| 0 | B | 6 | D | 8 | 5 | 7 | 3 | 9 | 1 | A | 2 | C | E | 4 |
| 3 | 2 | A | 4 | 0 | 6 | B | C | E | 8 | 5 | D | 7 | 1 | 9 |
| 1 | 7 | C | E | 3 | 2 | 8 | 4 | D | 6 | B | 9 | 0 | 5 | A |
| 2 | 6 | 9 | B | E | 3 | 0 | 1 | C | 7 | 8 | 4 | A | D | 5 |
| 7 | 0 | 8 | 1 | 2 | C | 9 | A | B | D | E | 5 | 6 | 4 | 3 |
| D | 8 | 5 | A | 4 | 0 | E | B | 6 | 3 | 2 | C | 9 | 7 | 1 |
| E | 1 | 3 | 5 | 6 | 8 | D | 7 | 4 | 9 | 0 | A | B | C | 2 |
| C | A | 4 | 9 | 7 | D | 3 | 2 | 5 | B | 6 | 1 | E | 0 | 8 |

ଗତକାଲିର ଉତ୍ତର

## ଆଶାୟୀଙ୍କୁ ସନ୍ତୁଷ୍ଟ କରିବା ହେବ ଚ୍ୟାଲେଞ୍ଜ

# ଗଡ଼ ଫେରି ପାଇବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ

**ନବରଙ୍ଗପୁର,୧୭।୩(ବି.ପ୍ର.)**

ନିର୍ବାଚନୀ ତାରିଖ ଯେତିକି ପାଖେଇ ଆସୁଛି, ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଯେତିକି ରହିଛି, ସେଥିରୁ ଚୂଡ଼ାନ୍ତ ପ୍ରାର୍ଥୀ ଚୟନ କରିବା ଓ ବାଦ୍ ପଡ଼ିଥିବା ଆଶାୟୀଙ୍କୁ ମ୍ୟାନେଜ କରିବା ସବୁ ଦଳ ପାଇଁ କଷ୍ଟକର ବ୍ୟାପାର ହେବ। ଚୂଡ଼ାନ୍ତ ପ୍ରାର୍ଥୀ ପାଇଁ ସବୁ ଦଳ ଭିତରେ ମାନସ ମନ୍ଥନ ଚାଲିଛି ।

ବିଜେଡିର ଆଶାୟୀଙ୍କ ତାଲିକାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁଅ ସଦାଶିବ ପ୍ରଧାନୀ ପ୍ରମୁଖ ଦାବିଦାର ଥିବା ଚର୍ଚ୍ଚା ହେଉଛି । କିନ୍ତୁ ଏଠାରେ ମହିଳା ପ୍ରାର୍ଥୀ କରାଗଲେ, ଆଶାୟୀ ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମାଝୀ ରହିଛନ୍ତି। ନିଜ ପ୍ରାର୍ଥିତ୍ୱ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମଧ୍ୟ ଜଣାଇଛନ୍ତି। ସେହିପରି ନବରଙ୍ଗପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ବେଦବ୍ୟାସ ଭତ୍ରା ମଧ୍ୟ ଆଶାୟୀ ରହିବା ସହ ଜିଲା ସମ୍ପାଦକଙ୍କ ସହ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ନବରଙ୍ଗପୁର ବିଧାୟକ ଏଥର ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ହେଉଛନ୍ତି। ତେଣୁ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଆଶାୟୀଙ୍କ ମଧ୍ୟରୁ ସଦାଶିବଙ୍କୁ ପ୍ରାର୍ଥୀ କଲେ ଅନ୍ୟ ଦୁଇ ଜଣ ଦଳ ପାଇଁ ଅଡୁଆ ହେବା ଆଶଙ୍କା ରହିଛି। ଅନ୍ୟପକ୍ଷରେ କଂଗ୍ରେସ ପୂର୍ବତନ ବିଧାୟକ ସଦନ ନାୟକଙ୍କୁ ପ୍ରାର୍ଥୀ କରିବାକୁ ଏକ ପ୍ରକାର ସ୍ଥିର କରିଥିବା ଜଣାପଡ଼ିଛି। ଭାଜପାରୁ ଗୌରୀ ଶଙ୍କର ମାଝୀ ଓ ପୂର୍ବତନ ସରପଞ୍ଚ ଦିବାକର ପୂଜାରୀ ଆଶାୟୀ ରହିଛନ୍ତି। ଦିବାକର ପ୍ରାର୍ଥୀ ହେବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିବା ବେଳେ ଦଳ ଗୌରୀଙ୍କ ନାମକୁ ଦାବିଦାର ରଖିଥିବା ଚର୍ଚ୍ଚା ହେଉଛି। ଗୌରୀ ଭାଜପା ପ୍ରାର୍ଥୀ ହେଲେ ଦିବାକର ନିଜ ସମର୍ଥକଙ୍କ ସହ ଦଳରୁ ଓହରିବା ଆଶଙ୍କା ରହିଛି। ଫଳରେ ଭାଜପାର ଅନେକ ସମର୍ଥକ ବିଜେଡି ଓ କଂଗ୍ରେସ ମୁହାଁ ହେବା ଅମୂଳକ ନୁହେଁ। ଅନ୍ୟପକ୍ଷରେ ବିଜେଡିରେ ଆଶାୟୀମାନଙ୍କୁ ନେଇ ଚାଲିଥିବା ଛକାପଞ୍ଝାରୁ ଦଳର ଅଧିକାଂଶ ସମର୍ଥକ କଂଗ୍ରେସ ଓ ଭାଜପା ମୁହାଁ ହୋଇପାରନ୍ତି। ବିଜେଡିର କନ୍ଦଳରୁ ଫାଇଦା ଉଠାଇବା ପାଇଁ କଂଗ୍ରେସ ଉଦ୍ୟମ ଆରମ୍ଭ କରିଛି । ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଂଜୟ ଦାସବର୍ମା ଚଳିତ ମାସରେ ଦୁଇଥର ନବରଙ୍ଗପୁର ଗସ୍ତରେ ଆସି ପ୍ରାର୍ଥୀ ଚୟନ ପାଇଁ ରୁଦ୍ଧଦ୍ୱାର ବୈଠକ ଓ ସମୀକ୍ଷା କରି ଫେରିଥିଲେ। ଦଳ ଭିତର କନ୍ଦଳ ଏଯାଏ ସଜଡ଼ା ଯାଇପାରୁ ନାହିଁ। ଏକଦା କଂଗ୍ରେସର ଗଡ଼ ଥିବା ନବରଙ୍ଗପୁରରେ ଏଥର ବିଜେଡି ଓ ଭାଜପାକୁ ଟକ୍କର ଦେଇ ଦଳ ୧୦ ବର୍ଷ ହେବ ହରାଇଥିବା ଏହି ଆସନକୁ ଅକ୍ତିଆର କରିବା ପାଇଁ ଅଣ୍ଟା ଭିଡ଼ିଛି। ବିଜେଡି ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, କଂଗ୍ରେସର ଜିଲା ସଭାପତି ମୁନା ତ୍ରିପାଠୀ ଓ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ନିଜ ଦଳର ସଙ୍ଗଠନ ସୁଦୃଢ଼ କରି ଦଳୀୟ ସମ୍ମାନ ରକ୍ଷା ପାଇଁ ମଙ୍ଗ ଧରିଛନ୍ତି।

### ପରସ୍ପର କନ୍ଦଳରୁ ଫାଇଦା ଉଠାଇବାକୁ ୩ ଦଳ ତତ୍ପର



କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମୀ।

## କଂଗ୍ରେସର ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ

# ଦଳକୁ ବିଜୟୀ କରିବାକୁ ଆହ୍ୱାନ

**ଡାବୁଗାଁ,୧୭।୩ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କାଜୁ ବଗିଚାରେ ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝି ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନ ସମ୍ବନ୍ଧରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। କୋଇଲାରୀ ପଞ୍ଚାୟତରୁ ୩୦, ବଡଓଲମା ପଞ୍ଚାୟତରୁ ୧୫, ମେଦନା ପଞ୍ଚାୟତରୁ ୧୫ ଓ ଶୁଣ୍ଢୀଗୁଡା ଗ୍ରାମର ୧୫ ଜଣ କର୍ମୀ ବିଜେଡି ଛାଡି କଂଗ୍ରେସରେ ମିଶିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଡାବୁଗାଁ ବ୍ଲକ ପର୍ଯ୍ୟବେକ୍ଷକ ଧରମ ସିଂ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା, ବାବି ଜେନା, ଡାବୁଗାଁ ବ୍ଲକ ଜୋନ-୧ ସଭାପତି ଜି. ସାଇରାଜୁ, ଜୋନ-୨ ସଭାପତି ଗୁପ୍ତ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ଡାବୁଗାଁ ବ୍ଲକ ଅଧୀନ ସମସ୍ତ ବୁଥ୍‌ରୁ ପ୍ରାୟ ୨ ହଜାର କର୍ମୀ ଯୋଗ ଦେଇଥିଲେ।

### ସଂକ୍ଷେପରେ

## ସରିଲା ଗ୍ରାମଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ନବରଙ୍ଗପୁର,୧୭।୩(ଡି.ଏନ.ଏ.):** ପଡାଗୁଡା ପଞ୍ଚାୟତ ସଦର ମହକୁମାରେ ୫ ଦିନ ଧରି ଚାଲିଥିବା ଗ୍ରାମଦେବୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଶେଷ ହୋଇଛି। ଏହି ମନ୍ଦିରରେ ବଗଳାମୁଖୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ମନ୍ଦିରରେ ଗଣେଶ, ନବଗ୍ରହଙ୍କ ସମେତ ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ରବିବାର ଅପରାହ୍ନରେ ବିଗ୍ରହ ପ୍ରବେଶ କରାଯାଇ ସ୍ଥାପନ କରାଯାଇଥିଲା। ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମନ୍ଦିର ଉତ୍ସବରେ କଳଶ ଯାତ୍ରା, କାୟାସୁଦ୍ଧି, ସୂର୍ଯ୍ୟପୂଜା, ହୋମ, ବିଗ୍ରହ ପ୍ରତିଷ୍ଠା, ଚଣ୍ଡୀପାଠ, ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ଭଞ୍ଜ ଓ ରଶ୍ମୀତା ଭଞ୍ଜ, ମିଟୁ ପଣ୍ଡା ଓ ଟଲିପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସରୋଜ କୁମାର ତ୍ରିପାଠୀ, ସୁଧାଂଶୁ ଭୂଷଣ ଆଚାର୍ଯ୍ୟ, ସୁମିତ ପାଳ, ସୂର୍ଯ୍ୟନାରାୟଣ ହତପ, ଜିତେନ୍ଦ୍ର ଦାଶ, ଶିବ ପ୍ରସାଦ ମିଶ୍ର, ଗୋପାଳ ଆଚାର୍ଯ୍ୟ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ତ୍ରିନାଥ ଭଞ୍ଜ, ମନ୍ଦିର ପରିଚାଳନା କମିଟି ସଭାପତି ଚନ୍ଦନ ପଟ୍ଟନାୟକ, ସାଗର ପଟ୍ଟନାୟକ, ଆଇ. ରାବଣା ମୂର୍ତ୍ତି, ତ୍ରିପତି ପାଇକ, ପି. ରବିକୁମାର, ରିତୁ ପଣ୍ଡା, ଅମୀୟ ସ୍ୱାଇଁ, ମୁନା ରଥ, କାଲୁ ରଥ, ଗୁପ୍ତ ମାଝି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ପାପଡାହାଣ୍ଡି, ୧୭।୩(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଧୀନ ମଧ ଇଂରାଜୀ ବିଦ୍ୟାଳୟରେ ୨୦୧୮ ବ୍ୟାଚର କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ବ୍ରଜ ସଗରିଆ, ସହକାରୀ ଶିକ୍ଷକ ସୁକୁମାର ପଣ୍ଡା, ଦିଲୀପ କୁମାର ସ୍ୱାଇଁ, ପୂର୍ବତନ ସଭାପତି ଜଗଦିଶ ସାସ୍‌ମଲ ପ୍ରମୁଖ ଯୋଗଦେଇଥିଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ଓ ନିକଟରେ ପାପଡାହାଣ୍ଡି ବ୍ଲକର ପ୍ରାଣ ହରାଇଥିବା ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଂଘରେ ସାମିଲ କରାଯାଇଥିଲା। ପ୍ରଫୁଲ୍ଲ ବେହେରା, ଶ୍ରୀମନ୍ତ ଜେନା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସଂଘ ସଭାପତି ସୁଶାନ୍ତ ମିଶ୍ର, ବ୍ରଜବନ୍ଧୁ ଦାସ, ଚିନ୍ତାମଣି ମିଶ୍ର, ସତ୍ୟବାଦୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ନବରଙ୍ଗପୁର/ଧୋଡ୍ରା, ୧୭।୩ (ବି.ପ୍ର./ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଉମରକୋଟ ଥାନା ଅଧୀନ ପୁର୍ଲାଛକ ନିକଟରେ ରବିବାର ବାଇକ୍‌କୁ ଏକ ଟ୍ରାକ୍ଟର ଧକ୍କା ଦେବା ଫଳରେ ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ୨ଜଣ ହେଲେ ବାଇକ୍ ଆରୋହୀ ଛାଟିଗୁଡ଼ା ଗାଁର ସଦା ପନକା ଓ ଦଶରୁ ପନକା। ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇ ଯାଇଥିଲେ। ଦୋଷୀଙ୍କୁ ଧରିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଖବରପାଇ ପୋଲିସ ଓ ଟ୍ରାକ୍ଟର ମାଲିକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟ୍ରାକ୍ଟର ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, ସଦା ଓ ଦଶରୁ ବାଇକ୍ (ଓଡି-୧୦-୪୭୧୪)ରେ ଧୋଡ୍ରା ପେଟ୍ରୋଲ ପମ୍ପକୁ ଯାଇ ଘରକୁ ଫେରୁଥିଲେ। ଆମ୍ବାଗୁଡା କ୍ରଶରରୁ ଆସୁଥିବା ଏକ ପଥର ବୋଝେଇ ଟ୍ରାକ୍ଟର (ଓଆର-୨୪-୭୫୫୯) ପୁର୍ଲା ଛକ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସଦା ଓ ଦଶରୁ ପ୍ରାଣ ହରାଇଥିଲେ। ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୋଷୀଙ୍କୁ ଗିରଫ ସହ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୩୯ନଂ ରାଜ୍ୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ। ଖବରପାଇ ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢୀ, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆ, ତହସିଲଦାର ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ପ୍ରିୟ ରଞ୍ଜନ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝି, ଉମରକୋଟ ଥାନା ଏସ୍‌ଆଇ ଅଧିକାରୀ ଦାମୋଦର ବିହାରୀ ଓ ଟ୍ରାକ୍ଟର ମାଲିକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଟ୍ରାକ୍ଟର ମାଲିକ ମୃତକଙ୍କ ପରିବାରକୁ ୩ ଲକ୍ଷ ୫୦ ହଜାର ଟଙ୍କା ଦେବେ ବୋଲି ରାଜି ହୋଇଥିଲେ। ଘଟଣାସ୍ଥଳରେ ସେ ୫୦ ହଜାର ଟଙ୍କା ଦେଇଥିଲେ। ଦଶାହ ଦିନ ଆଉ ୫୦ ହଜାର ଟଙ୍କା ଓ ମାସକ ପରେ ୨ ଲକ୍ଷ ୫୦ ହଜାର ଟଙ୍କା ଦେବେ ବୋଲି ଟ୍ରାକ୍ଟର ମାଲିକ ପ୍ରତିଶ୍ରୁତି ଦେଇଥିଲେ। ପରେ ଅପରାହ୍ନ ସାଢେ ୪ଟାରେ ରାସ୍ତାରୋକୋ ହଟିଥିଲା। ପ୍ରଶାସନ ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ଦେଇଥିଲା।

# ତାଲା ଭାଙ୍ଗି ଦୋକାନରୁ ଚୋରି

**ନବରଙ୍ଗପୁର, ୧୭।୩(ଡି.ଏନ୍.ଏ.)**

ନବରଙ୍ଗପୁର ଘରୋଇ ବସ୍‌ଷ୍ଟାଣ୍ଡସ୍ଥିତ ବୈଦ୍ୟନାଥ ସାହୁଙ୍କ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ରବିବାର ସକାଳୁ ସେ ଦୋକାନ ନିକଟରେ ପହଞ୍ଚି ଶଟର ତାଲା ଖୋଲାଥିବା ଓ ତାହା ଅଧା ଟେକି ହୋଇ ରହିଥିବା ଦେଖିଥିଲେ। ଭିତରକୁ ଯାଇ ଦେଖିବାବେଳକୁ ନଗଦ ୩୫ହଜାର ଟଙ୍କା ଓ ପ୍ରାୟ ୫୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ସେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ।

# ଶୃଙ୍ଖଳିତ ନିର୍ବାଚନ ହେବ କଡ଼ା ଚାଲେଞ୍ଜ

**ମାଲକାନଗିରି,୧୭।୩(ସ୍ୱ.ପ୍ର.)**

ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ଏଥର ବଡ଼ ଚାଲେଞ୍ଜ ହୋଇପାରେ। ନିର୍ବାଚନୀ ତାରିଖ ଘୋଷଣା ପରଠାରୁ ଗତ ସପ୍ତାହେ ହେଲାଣି ଭିନ୍ନ ଭିନ୍ନ ଢଙ୍ଗରେ ଲାଲବାହିନୀ ନିଜର ଉପସ୍ଥିତି ଜାହିର କରୁଛି। କେଉଁଠି ହତ୍ୟା ତ କେଉଁଠି ଗାଡିପୋଡି ପୋଷ୍ଟର ମାରି ସେମାନେ ଭୟର ବାତାବରଣ ଖେଳାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ପ୍ରଶାସନ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ମାଓବାଦୀମାନେ ମାଲକାନଗିରି ଜିଲା ମାଥିଲିରେ ରାସ୍ତା କାମରେ ନିୟୋଜିତ ଠିକାସଂସ୍ଥାର ଗାଡି ପୋଡିଛନ୍ତି। ଡ୍ରାଇଭରଙ୍କୁ ନିଘୋଡ଼ ମାଡ଼ ମାରିଛନ୍ତି। ଓଡିଶା-ଆନ୍ଧ୍ର ସୀମାନ୍ତ ମାଲକାନଗିରିରେ ପୋଲିସ ଗୁଳିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ମାଓବାଦୀଙ୍କ ଗୁଳିରେ ଜଣେ ସିଆରପିଏଫ ଯବାନ ଆହତ ହୋଇଛନ୍ତି । ପଞ୍ଚାୟତ ନିର୍ବାଚନ ସମୟରେ ମାଓବାଦୀମାନେ ଏଭଳି ଭୟର ବାତାବରଣ ସୃଷ୍ଟି କଲେ ଯେ, ଚିତ୍ରକୋଣ୍ଡା ବ୍ଲକର ଅନେକ ୱାର୍ଡରେ ନିର୍ବାଚନ ହୋଇପାରିଲା ନାହିଁ। ଗୋଟିଏ ଜିଲା ପରିଷଦ ଜୋନରେ ମଧ୍ୟ ନିର୍ବାଚନ ବନ୍ଦ ରହିଲା। ଅତୀତରେ ମଧ୍ୟ ମାଓବାଦୀମାନେ ନିଜର ଉପସ୍ଥିତିକୁ ସୁଦୃଢ କରିବା ପାଇଁ ହିଂସା ଘଟାଇଛନ୍ତି। ଛତିଶଗଡରେ ନିର୍ବାଚନ ସମୟରେ ନିର୍ବାଚନ ପ୍ରସ୍ତୁତି ଖବର ସଂଗ୍ରହ କରିବାକୁ ଯାଉଥିବା ଦୂରଦର୍ଶନ କ୍ୟାମେରାମ୍ୟାନ ବଲାଙ୍ଗୀରର ଅଚ୍ୟୁତାନନ୍ଦ ସାହୁ ମାଓବାଦୀଙ୍କ ହମ୍‌ଲାର ଶିକାର ହୋଇ ଶହୀଦ ହୋଇଥିଲେ। ଏ ସବୁ ଘଟଣା ପରେ ଲାଲବାହିନୀ ଯେ, ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି।


ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ**

ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି ।

ଭାରତୀୟ ରିଜର୍ଭବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ମାନଙ୍କର ଡିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗା ଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରି ପାରିବେ ।

**୧. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**

ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ
ସହାୟକ ମହାପ୍ରବନ୍ଧକ, ଭାରତୀୟ ରିଜର୍ଭବ୍ୟାଙ୍କ, ପଣ୍ଡିତ ଜବହାରଲାଲ୍ ନେହେରୁ ମାର୍ଗ-୭୫୧୦୦୧ ଭୁବନେଶ୍ୱର, ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪, ଇ-ମେଲ୍- cepcbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

ଅଧିକ ସୂଚନା ପାଇଁ ଦୟାପୂର୍ବକ https://www.rbi.org.in>> Consumer Education and Protection>>For Common Person>> Complaints >> Against RBI ନାମକ ୱେବସାଇଟ୍ ଦେଖନ୍ତୁ ।

**୨. ବ୍ୟାଙ୍କ ଲୋକପାଳ ଯୋଜନା, 2006 (BO Scheme, 2006)**

ବ୍ୟାଙ୍କ ଲୋକପାଳ ଯୋଜନା, 2006 ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ ।

ଜଣେ ଅଭିଯୋଗକାରୀ ଅନ୍‌ଲାଇନ କମ୍ପ୍ଲେଟ୍ ଟ୍ରାକିଙ୍ଗ୍ ସିଷ୍ଟମ୍ (CTS) ମାଧ୍ୟମରେ https://www. rbi.org.in>> Consumer Education and Protection >> For Common Person >> Complaints >> Against Bank >> Banking Ombudsman Scheme ରେ ଯାଇ ଅଭିଯୋଗ ଦାଖଲ କରିପାରିବେ ।

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡାକ ଦ୍ୱାରା / କାହା ହାତରେ / e-mail ମାଧ୍ୟମରେ ମଧ୍ୟ ଦାଖଲ କରାଯାଇ ପାରିବ ।

**ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ,** ମାର୍ଫତ୍-ଭାରତୀୟ ରିଜର୍ଭବ୍ୟାଙ୍କ (ତୃତୀୟ ମହଲା), ପଣ୍ଡିତ ଜବହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡିଶା-୭୫୧୦୦୧, ଟେଲିଫୋନ୍-୦୬୭୪-୨୩୯୬୨୦୭ / ୨୩୯୬୦୦୮, ଫାକ୍ସ ନମ୍ବର-୨୩୯୩୯୦୬, ଇ-ମେଲ୍-bobhubaneswar@rbi.org.in

**୩. ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (NBFC-O Scheme), 2018**

ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା ୨୦୧୮ର ଧାରା ୮ ଅନ୍ତର୍ଗତ (ଜମାରାଶି ସଂଗ୍ରହ କରୁଥିବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ) ବିରୁଦ୍ଧରେ ଅଭିଯୋଗର ନିରାକରଣ ପାଇଁ

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡାକ ଦ୍ୱାରା /କାହା ହାତରେ / e-mail ମାଧ୍ୟମରେ ଦାଖଲ କରାଯାଇ ପାରିବ ।

**ଲୋକପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ପୂର୍ବ କ୍ଷେତ୍ର East Zone)**

ମାର୍ଫତ-ଭାରତୀୟ ରିଜର୍ଭବ୍ୟାଙ୍କ, ୧୫, ନେତାଜୀ ସୁବାଷ ରୋଡ୍, କୋଲକତା-୭୦୦୦୦୧, ଟେଲିଫୋନ ନମ୍ବର-୦୩୩-୨୩୩୦୪୯୮୨, ଫାକ୍ସ ନମ୍ବର-୦୩୩-୨୨୩୦୫୮୯୯, ଇ-ମେଲ୍-nbfcokolkata@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୦ ଅପରାହ୍ନ-୫.୩୦

ଅଧିକ ସୂଚନା ପାଇଁ, ଦୟାପୂର୍ବକ ୱେବସାଇଟ୍ https://www.rbi.org.in>>Consumer Education and Protection>>For Common Person >> Complaints >>Against NBFCs >> Ombudsman Scheme for NBFCs ଦେଖନ୍ତୁ ।

**୪. ଡିଜିଟାଲ୍ ଲେଣ-ଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**

ପେମେଣ୍ଟ ସେଟଲ୍‌ମେଣ୍ଟ ଅଧିନୀୟମ, ୨୦୦୭ରେ ସୂଚୀତ ପଦ୍ଧତି ଭାଗୀଦାରୀ ଦ୍ୱାରା ପେମେଣ୍ଟ ନେଣ ଦେଣ ସେବାରେ ଅବହେଳା ଜନିତ ଅଭିଯୋଗର ନିରାକରଣ ପାଇଁ ।

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡାକ ଦ୍ୱାରା /କାହା ହାତରେ କିମ୍ବା e-mail ମାଧ୍ୟମରେ ମଧ୍ୟ ଦାଖଲ କରିପାରିବେ ।

**ଲୋକପାଳ, ଡିଜିଟାଲ୍ ଲେଣ ଦେଣ (ଭୁବନେଶ୍ୱର)**

ମାର୍ଫତ-ଭାରତୀୟ ରିଜର୍ଭବ୍ୟାଙ୍କ, ପଣ୍ଡିତ ଜବହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଫାକ୍ସ ନମ୍ବର-୨୩୯୩୯୦୬, ଇ-ମେଲ୍ - odtbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

**ଭୁବନେଶ୍ୱରସ୍ଥିତ ଡିଜିଟାଲ୍ ଲେଣ-ଦେଣ ଲୋକପାଳଙ୍କ କ୍ଷେତ୍ର ପରିସରରେ ଓଡ଼ିଶା ରାଜ୍ୟ ଅନ୍ତର୍ଭୁକ୍ତ ।**

**ଟିପ୍ପଣୀ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ଲେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା ରିଜର୍ଭବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ / ପଦ୍ଧତି ଅଂଶ ଗ୍ରହଣକାରୀଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ / ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ / ପଦ୍ଧତି ସହଭାଗୀ ଲୋକପାଳ ଯୋଜନାର ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ'ହୋଇଥିଲେ, ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର**

ବ୍ୟାଙ୍କ/ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ / ଡିଜିଟାଲ୍ ଲେଣ ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୂର୍ନବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୂର୍ନବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୂର୍ନବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ପୂର୍ନବିଚାର ଅଧିକାରୀ, **ଭାରତୀୟ ରିଜର୍ଭବ୍ୟାଙ୍କ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ ସାର୍ ପି ଏମ ରୋଡ୍, ପୋଷ୍ଟ ମୁମ୍ବାଇ-୪୦୦୦୦୧**ରେ ଦାଖଲ କରାଯାଇପାରିବ ।

**୫. ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**

ସାଧାରଣବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା / ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ ।

**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**

ଉପମହାପ୍ରବନ୍ଧକ
ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭବ୍ୟାଙ୍କ ଭବନ, ୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଳୱେ ଷ୍ଟେସନ ସମ୍ମୁଖ ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ଶ୍ରୀ ଦୀପକ ନାରଙ୍ଗ ଉପମହାପ୍ରବନ୍ଧକଙ୍କୁ ମଧ୍ୟ ଟେଲିଫୋନ୍ ନମ୍ବର -୦୨୨-୨୩୦୧୯୬୩୩ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର / ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ ।**



ଏପରି ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ଏକ୍ସଟ୍ରା ଟାଇମିଂ ପାଇଁ
Trade Enquiry : 09320475174 08669184399
ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
SS : Mahendra Pharma / Orissa Drug Distributors
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

# ନବୀନ ନିବାସରେ ଗୀତା ମେହେଟା

## ମୁଖ୍ୟମନ୍ତ୍ରୀ-ଦିଲୀପ ସାକ୍ଷାତ୍‌ରେ ନେଇଥିଲେ ପ୍ରମୁଖ ଭୂମିକା

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟାଙ୍କୁ ରବିବାର ନବୀନ ନିବାସରେ ଦେଖିବାକୁ ମିଳିଛି। ବିଜେଡି ଟିକେଟ ନେଇ ଆଲୋଚନା ଚାଲିଥିବା ସମୟରେ ଗୀତାଙ୍କ ଉପସ୍ଥିତି ରାଜ୍ୟ ରାଜନୀତିରେ ଚର୍ଚ୍ଚାର କାରଣ ହୋଇଛି। ବିଜେଡି ପ୍ରତିଷ୍ଠାତା ସଦସ୍ୟ ଦିଲୀପ ରାୟ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ସାକ୍ଷାତ୍ ଗୀତାଙ୍କ ଯୋଗୁ ସମ୍ଭବ ହୋଇପାରିଥିବା ମଧ୍ୟ ଆଲୋଚନା ହେଉଛି। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଭାଜପା ଛାଡିବା ପରେ ଦିଲୀପଙ୍କ ସହ ଗୀତା ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଥିଲା। ହେଲେ ଦିଲୀପ-ନବୀନଙ୍କ ସାକ୍ଷାତ୍ ପରେ ତାହା ସ୍ପଷ୍ଟ ହେବାରେ ଲାଗିଛି।

ଦିଲୀପ ରାୟଙ୍କ ବିଜେଡି ଫେରିବା ନେଇ ରବିବାର ଦଳର କିଛି ବରିଷ୍ଠ ନେତାଙ୍କ ସହ ଆଲୋଚନା କରାଯାଇଛି। ସେ ରଖିଥିବା କିଛି ପ୍ରସ୍ତାବକୁ ଗ୍ରହଣ କରାଗଲେ ଖୁବ୍‌ଶୀଘ୍ର ଦିଲୀପ ବିଜେଡି ଫେରିବେ ବୋଲି ଚର୍ଚ୍ଚ ହେଉଛି। ଏମିତି କି ସୋମବାର ବିଜେଡି ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିବା ସହ ଦିଲୀପଙ୍କ ଘରବାହୁଡା କରିପାରେ। ହେଲେ ଦଳ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରପକ୍ଷରେ ଦିଲୀପ ଏବଂ ନବୀନଙ୍କ ସାକ୍ଷାତ୍‌କୁ ନେଇ ବିଜୟ ମହାପାତ୍ର ଭିନ୍ନ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ନିଜ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର ସମସ୍ତଙ୍କର ରହିଛି। ବିଜେଡିରେ ମିଶିବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇନାହିଁ। ଗତ କିଛିଦିନ ହେବ ଦିଲୀପ-ବିଜୟଙ୍କ ବିଜେଡି ଲେଉଟାଣି ନେଇ ଚର୍ଚ୍ଚା ଜୋର ଧରିଥିଲା। ଦିଲୀପଙ୍କ ନବୀନ ନିବାସ ଗସ୍ତ ପରେ ବିଜୟଙ୍କ ରାସ୍ତା ସୁଗମ ହେବ ବୋଲି ଆଶା କରାଯାଉଥିଲା। ହେଲ ରବିବାର ବିଜୟଙ୍କ ମନ୍ତବ୍ୟ ଏନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ନିଷ୍ପତ୍ତିରେ ଗୀତା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।



### ପଦ୍ମ ପୁରସ୍କାରକୁ କରିଥିଲେ ନା

ଏହି କାରଣରୁ କିଛିଦିନ ତଳେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ଉପାଧି ଦେବା ପାଇଁ ମନୋନୀତ କରାଯାଇଥିଲା। ହେଲେ ଗୀତା ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ କେନ୍ଦ୍ର ସରକାର ତାଙ୍କ ନାମକୁ ମନୋନୀତ କରିଥିବାରୁ ସେ ଧନ୍ୟବାଦ୍ ଦେଇଥିଲେ। ଏଥିସହ ସମ୍ମାନ ଗ୍ରହଣ କରିବାର ଉପଯୁକ୍ତ ସମୟ ନୁହେଁ ବୋଲି ମତ ରଖିଥିଲେ।

# ଏସ୍‌ପି-ବିଏସ୍‌ପି ମେଣ୍ଟକୁ ୭ ଆସନ ଛାଡ଼ିଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୩(ପି.ଟି.):

ଉତ୍ତରପ୍ରଦେଶରେ କଂଗ୍ରେସ ୭ଟି ଆସନରେ ପ୍ରାର୍ଥୀ ଦେବ ନାହିଁ। ଏହି ଆସନକୁ ସମାଜବାଦୀ ପାର୍ଟି- ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟକୁ ଛାଡ଼ିଦେବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଛି। ମୈନପୁର, କନୌଜ ସମେତ ବହୁଜନ ସମାଜ ପାର୍ଟି ଅଧକ୍ଷା ମାୟାବତୀ, ଆର୍‌ଏଲ୍‌ଡି ନେତା ଅଜିତ ସିଂ ଏବଂ ଜୟନ୍ତ ଚୌଧରୀ ଲଢ଼ିବାକୁ ଥିବା ଆସନରେ କଂଗ୍ରେସ ପ୍ରାର୍ଥୀ ଦେବନି ବୋଲି ଉତ୍ତରପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜ ବବର ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ସହଯୋଗୀ ଅପ୍‌ନା ଦଳକୁ ଦୁଇଟି ଆସନ ଗୋଣ୍ଡା ଏବଂ ପିଲିଭିତ୍ ଛାଡିବାକୁ ମଧ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ଅନ୍ୟତମ ସହଯୋଗୀ ମହାନ୍ ଦଳର ପ୍ରାର୍ଥୀ କଂଗ୍ରେସର ଦଳୀୟ ଚିହ୍ନରେ ଯେକୌଣସି ଆସନରୁ ଲଢ଼ିବାକୁ ରାଜି ଅଛି। ସେହିପରି ଜନ ଅଧିକାରୀ ପାର୍ଟି (ଜେଏପି) ଏବଂ କଂଗ୍ରେସ ମଧ୍ୟରେ ହୋଇଥିବା ୭ଟି ଆସନକୁ ନେଇ ବୁଝାମଣା ହୋଇଛି। ସେଥିରୁ ୫ଟିରେ ଜେଏପି ଏବଂ ଦୁଇଟିରେ କଂଗ୍ରେସ ଲଢ଼ିବ ବୋଲି ବବର କହିଛନ୍ତି। ୟୁପିରେ ଏପ୍ରିଲ ୧୧ରୁ ମେ ୧୯ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଣ୍ଡ ନ କହୁ ନାଟେ,**
**ଗୁପ୍ତ ନ ରହିବ ଘାଟେ।**

ନାଟ ବା କୌଣସି ଆମୋଦ ପ୍ରମୋଦ ସ୍ଥାନରେ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିଲେ ତା'ର କୌଣସି ମୂଲ୍ୟ ରହି ନ ଥାଏ, କଥାର ଗୁରୁତ୍ୱ କମି ଯାଇଥାଏ। ସେହିପରି ତୁଠ ପୋଖରୀ ତଥା ଘାଟକୂଳରେ ଅଧିକ ଲୋକ ମେଳି ହେଉଥିବା ସ୍ଥଳେ ସେ ସ୍ଥାନରେ କୌଣସି ଗୁପ୍ତ କଥା ପ୍ରକାଶ କଲେ କଥାର ଗୋପନୀୟତା ନଷ୍ଟ ହୋଇଯାଇଥାଏ। କଥା ଶୀଘ୍ର ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁଟିଲା କଥା,**
**କାଟିଲା ମଥା।**

କଥା ଥରେ ତୁଟିଗଲେ ବା ସମାଧାନ ହୋଇଗଲେ ପଛକଥା ସବୁ ଭୁଲି ହୋଇଯାଇଥାଏ। ମନରେ ରହିଥିବା ସବୁ ତିକ୍ତତା ମେଣ୍ଟିଯାଇଥାଏ। ରାଗ ଅଭିମାନ ଭୁଲି ଆପଣାର ଭାବ ଫେରିଆସିଥାଏ। ସେହିପରି ମଥା ଥରେ କଟିଗଲେ ଆଉ ପୁନଶ୍ଚ ଯୋଡ଼ିହେବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଧରାପଡ଼ିଗଲା ଭାଉଜଙ୍କ ସହ ପରକୀୟା ପ୍ରୀତି

# ସାନ ଭାଇକୁ ଭୁଜାଲିରେ ହାଣିଲେ ବଡ଼ଭାଇ

ଭୁବନେଶ୍ୱର,୧୭।୩(ବ୍ୟୁରୋ)

ପରକୀୟା ପ୍ରୀତିକୁ ନେଇ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କ୍ଷେତ୍ରପାଳ ଅଞ୍ଚଳରେ ରବିବାର ଘଟିଛି ଏକ ଅଭାବନୀୟ ଘଟଣା। ବଡ଼ ଭାଇର ରଡ୍ ଓ ଭୁଜାଲି ଆକ୍ରମଣରେ ସାନଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ମୁଣ୍ଡ, ବେକ ଓ ଗୋଡ଼ରେ ଗଭୀର କ୍ଷତ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଅଭିଯୁକ୍ତ ବଡ଼ଭାଇଙ୍କୁ ଗିରଫ ପାଇଁ ଚଢ଼ାଉ ଚାଲିଥିବା ଥାନାଧିକାରୀ ଜ୍ଞାନେନ୍ଦ୍ର ସାହୁ କହିଛନ୍ତି।

ପୋଲିସ ସୂଚନାନୁସାରେ, ଭାଉଜ ଦିଅରଙ୍କ ପରକୀୟା ପ୍ରୀତିକୁ ନେଇ ଏହି ଘଟଣା ଘଟିଛି। ଏହାକୁ ନେଇ ପରିବାରରେ ଝଗଡ଼ା ଲାଗି ରହୁଥିଲା। ବଡ଼ଭାଇ ବାରମ୍ବାର ତାଗିଦ କରି ଆସୁଥିଲେ ମଧ୍ୟ ସାନଭାଇ ସମୟ ସୁଯୋଗ ଦେଖି ଭାଉଜଙ୍କ ସହ ସମ୍ପର୍କ ରଖୁଥିଲେ। ରବିବାର ଦିନ ପ୍ରାୟ ୧୨ଟା ୩୦ରେ ବଡ଼ଭାଇ ଘରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ସହ ସାନଭାଇ ଏକାଠି ଥିବା ଦେଖି ଉତ୍ତେଜିତ ହୋଇପଡିଥିଲେ। ପଚାରିବାରୁ ସ୍ତ୍ରୀ ସବୁଦୋଷ ଦିଅରଙ୍କ ଉପରେ ଲଦି ଦେଇଥିଲେ। ଫଳରେ ବଡ଼ଭାଇଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ବଡ଼ଭାଇ ଓ ସାନଭାଇ ମଧ୍ୟରେ କିଛି ସମୟ ଧରି ମାର୍‌ପିଟ୍ ଲାଗିଥିଲା। ଶେଷରେ ବଡ଼ଭାଇ ଏକ ରଡ୍ ଆଣି ସାନଭାଇଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହାପରେ ଏକ ଭୁଜାଲିରେ ତାଙ୍କୁ ବାରମ୍ବାର ଚୋଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାନଭାଇ ଛଟପଟ ହୋଇ ଚିତ୍କାର କରୁଥିବାବେଳେ ପଡୋଶୀ ଓ ପରିବାର ଲୋକେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ।

# ପୁଣି ଲାଗିଲା ମାଓବାଦୀ ବ୍ୟାନର



କନ୍ଦିବାନ୍ଧା ଅଞ୍ଚଳରେ ଲାଗିଥିବା ମାଓବାଦୀ ବ୍ୟାନର।

ଦାରିଙ୍ଗବାଡି,୧୭।୩(ଡି.ଏନ.ଏ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ କନ୍ଧମାଳ ଜିଲାରେ ମାଓବାଦୀମାନେ ଥରକୁ ଥର ପୋଷ୍ଟର, ବ୍ୟାନର ଲଗାଇ ଏହାକୁ ବିରୋଧ କରୁଥିବା ଦେଖାଯାଉଛି। ଜନସାଧାରଣ ଭୋଟ ବର୍ଜନ କରିବା ସହ ବିପ୍ଳବୀ ଲୋକ ସରକାର ଗଢ଼ିବା ପାଇଁ ମାଓବାଦୀମାନେ ଉକ୍ତ ପୋଷ୍ଟର, ବ୍ୟାନରରେ ଉଲ୍ଲେଖ କରୁଥିବା ଦେଖାଯାଉଛି। ବୁଧବାର ବାଲିଗୁଡ଼ା ବ୍ଲକ ଓ ରବିବାର ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଥିବାରୁ ଶାନ୍ତିପୂର୍ଣ୍ଣ ତଥା ସୁରକ୍ଷିତ ନିର୍ବାଚନ ପରିଚାଳନା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ରବିବାର ଦାରିଙ୍ଗବାଡି ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥରେ ଥିବା କନ୍ଦିବାନ୍ଧା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗିଥିବା ଦେଖାଯାଇଥିଲା। ଉକ୍ତ ଅଞ୍ଚଳରେ ପୂର୍ବରୁ ମଧ୍ୟ ମାଓବାଦୀଙ୍କ ପକ୍ଷରୁ ଗଛକାଟି ରାସ୍ତା ଅବରୋଧ କରାଯାଇଥିଲା। ଏବେ ସାଧାରଣ ନିର୍ବାଚନକୁ ବିରୋଧ କରି ଓଡିଶା ରାଜ୍ୟ କମିଟି, ସିପିଆଇ (ମାଓବାଦୀ) ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇଛି। ସେଥିରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ବର୍ଜନ କରିବାକୁ ନିବେଦନ କରାଯିବା ସହ ଅପାରଗ, ପ୍ରତାରକ, ଫାସିବାଦୀ ଭାଜପା ଓ ବିଜେଡିକୁ ତଡିବାକୁ ଉଲ୍ଲେଖ କରାଯାଇଛି। ଯେ କେହି ଭୋଟ ମାଗିବାକୁ ଆସିଲେ ଜନ ଅଦାଲତର କାଠଗଡାରେ ଠିଆ କରିବା ଓ ଗୋଡ଼ାଇ ମାରିବାକୁ ଦର୍ଶାଯାଇଛି। ଏଥିସହ ପ୍ରକୃତ ଗଣତନ୍ତ୍ର, ଜନ ବିକାଶ ପାଇଁ ବିପ୍ଳବୀ ଗଣ କମିଟି ପ୍ରତିଷ୍ଠା କରିବାକୁ କୁହାଯାଇଛି। ଏଭଳି ବ୍ୟାନର ଓ ପୋଷ୍ଟର ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିବା ଜଣାପଡିଛି।

### ଭୋଟ ବର୍ଜନ, ବିପ୍ଳବୀ ଗଣ କମିଟି ପ୍ରତିଷ୍ଠା ଆହ୍ୱାନ

# କେନ୍ଦ୍ର ଯୋଜନାରେ ବିକାଶ ସମ୍ଭବ ହୋଇପାରିଛି: ବଳଭଦ୍ର

ଭୁବନେଶ୍ୱର,୧୭।୩ (ବ୍ୟୁରୋ)

ନବରଙ୍ଗପୁରରେ କେନ୍ଦ୍ରୀୟ ଯୋଜନା ଦ୍ୱାରା ବିକାଶମୂଳକ କାର୍ଯ୍ୟ ହୋଇପାରିଛି। କେନ୍ଦ୍ର ସରକାର ଅନୁଦାନ ଦ୍ୱାରା ଏସବୁ ସମ୍ଭବ ହୋଇଛି। ନବରଙ୍ଗପୁର ଜିଲାର ଭିତ୍ତିଭୂମି, ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜନୈତିକ ଜୀବନ ଆରମ୍ଭ କରିଥିଲି। ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ କାମ ମୋ ଉଦ୍ୟମରେ ହୋଇଛି ବୋଲି ଭାଜପାରେ ଯୋଗଦେଇଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବଳଭଦ୍ର କହିଛନ୍ତି, ଗତ ୫ବର୍ଷରେ ପାଖାପାଖି ୨୫ଶହ କିଲୋମିଟର ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି। ପ୍ରାୟ ସବୁ ଗାଁକୁ ବିଦ୍ୟୁତ ସଂଯୋଗ କରାଯାଇଛି। ହେଲେ କେନ୍ଦ୍ର ସରକାର ଯୋଗାଉଥିବା ଆର୍ଥିକ ସହାୟତାକୁ ରାଜ୍ୟ ସରକାର ଠିକ ଭାବେ ବିନିଯୋଗ କରିନାହାନ୍ତି। ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶରେ ବିଜେଡି ସବୁଠୁ ବଡ ବାଧକ ସାଜିଛି। ଏଥିପାଇଁ ତାଙ୍କୁ ଦଳ ଛାଡିବାକୁ ପଡିଲା ବୋଲି ବଳଭଦ୍ର କହିଛନ୍ତି। ଅବିଭକ୍ତ କୋରାପୁଟ ଅଞ୍ଚଳରେ ଆଦିବାସୀମାନଙ୍କର ବିକାଶ ହେବ ଭାବି ସ୍ୱପ୍ନ ଦେଖି ରାଜନୀତିକୁ ଆସିଥିଲି। ମାତ୍ର କେନ୍ଦ୍ର ସରକାର ପ୍ରଣୟନ କରିଥିବା ସମସ୍ତ ଯୋଜନାର ଲାଭକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲେ ନାହିଁ କି କାର୍ଯ୍ୟକାରୀ କଲେ ନାହିଁ। ଆଦିବାସୀମାନେ ଏବେ ମଧ୍ୟ ଅବହେଳିତ ଅବସ୍ଥାରେ ଅଛନ୍ତି। ଦଳରେ ମୋତେ ଅଣଦେଖା କରାଯାଉଥିଲା ଏବଂ କୌଣସି ବି ଦଳୀୟ ସଭାରେ ସାମିଲ କରାଯାଉ ନ ଥିଲା। ପରୋକ୍ଷରେ ବିଜେଡି ଦଳ ମୋତେ ଛୁରା ମାରୁଥିଲା ଏବଂ ଦଳରୁ ବିତାଡିତ କରିବାର ଚକ୍ରାନ୍ତ କରାଯାଇଥିଲା। ସେଥିପାଇଁ ବିଜେଡି ଛାଡିବାକୁ ବାଧ୍ୟ ହେଲି। ନବରଙ୍ଗପୁର ଜିଲାରେ ୪ଟି ବ୍ଲକ ରହିଛି, ଯେଉଁଠି ଲକ୍ଷଲକ୍ଷ ଲୋକ ବସବାସ କରୁଛନ୍ତି। ମାତ୍ର ସେଠାରେ ଗୋଟିଏ ବି କଲେଜ ନିର୍ମାଣ କରାଯାଇନାହିଁ। ମୋର ପ୍ରଥମ ଦିନରୁ ପ୍ରାଥମିକତା ଥିଲା କିଭଳି ଭାବେ ସେଠାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ। ରାଜ୍ୟ ସରକାର ଏବଂ ପ୍ରଶାସନ ସରକାରୀ କଲେଜ ହୋଇପାରିବା ପାଇଁ କିଛି ଯୋଜନା କଲେନାହିଁ। ଯେଉଁଠି ଲୋକମାନେ ଖାଇବାକୁ ପାଉନାହାନ୍ତି ସେଠାରେ ସେଲଫ୍ ଫାଇନାନ୍ସିଂ କଲେଜରେ କିଭଳି ପାଠ ପଢିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଦକ୍ଷତା, ନୀତି ଓ ଆଦର୍ଶରେ ଆକୃଷ୍ଟ ହୋଇ ଭାଜପାରେ ଯୋଗ ଦେଇଥିବା ବଳଭଦ୍ର କହିଛନ୍ତି।



ବଳଭଦ୍ରଙ୍କ ଅଭିଯୋଗ ନେଇ ମନ୍ତ୍ରୀ ରମେଶ ମାଝୀ କହିଛନ୍ତି ଯେ, ନବରଙ୍ଗପୁର ଜିଲାରେ ଯାହା ସବୁ ବିକାଶ ହୋଇଛି ସେସବୁ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯୋଗୁରୁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଦିବାସୀମାନଙ୍କ ଉନ୍ନତି ସମ୍ଭବ ହୋଇପାରିଛି। ଯଦି ବଳଭଦ୍ରବାବୁ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି ତେବେ ଏତେଦିନ କିପରି ଥିଲେ। ତାଙ୍କୁ କିଏ ଚିହ୍ନିଥିଲା। ମୁଖ୍ୟମନ୍ତ୍ରୀ ତାଙ୍କୁ ଟିକେଟ ଦେଲାରୁ ୫ବର୍ଷ ପାଇଁ ନିର୍ବାଚିତ ହେଲେ। ଲୋକଙ୍କ ସହିତ ରହିଲେନି, ସେଥିପାଇଁ କ'ଣ ଆମେ ଦାୟୀ ବୋଲି ରମେଶ ପ୍ରଶ୍ନ କରିଛନ୍ତି।

# ବିଜେଡିରେ ମିଶିଲେ କିନ୍ନର ମୀରା


ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଉଛନ୍ତି କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ମୀରା ପରିଡ଼ା।

**ଭୁବନେଶ୍ୱର,୧୭।୩(ବ୍ୟୁରୋ):** କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ମୀରା ପରିଡ଼ା, ଭାରତର ସର୍ବପ୍ରଥମ କିନ୍ନର କ୍ୟାବ୍ ଡ୍ରାଇଭର ମେଘନା ସାହୁ, ସମାଜସେବୀ ସାଧନା ମିଶ୍ର, ସୋନମ, ମାଧୁରୀ, ଆୟଶା ବେହେରା, ରଚନା ବେହେରାଙ୍କ ସମେତ ଶତାଧିକ କିନ୍ନର ଓ ମହିଳା ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ କିନ୍ନରମାନଙ୍କ ଯୋଗଦାନକୁ ସ୍ୱାଗତ କରିଛନ୍ତି। ନବୀନ ନିବାସରେ ହୋଇଥିବା ମିଶ୍ରଣ ଦ୍ୱାରା ବିଜେଡିର ଶକ୍ତି ବୃଦ୍ଧି ହେବା ନେଇ ମଧ୍ୟ ଆଶା ପ୍ରକଟ କରିଛନ୍ତି। ସେହିପରି ବିଜେଡିରେ ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ମୀରା ଏବଂ ତାଙ୍କର ସମସ୍ତ ସହଯୋଗୀ ଧନ୍ୟବାଦ ଜଣାଇଛନ୍ତି।

### ବଲାଙ୍ଗୀର ଅଞ୍ଚଳର ବହୁ କର୍ମୀ ମଧ୍ୟ ସାମିଲ

ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ପୂର୍ବତନ ବିଧାୟକ ସାରଦା ନାୟକଙ୍କ ନେତୃତ୍ୱରେ ବହୁସଂଖ୍ୟକ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ବଲାଙ୍ଗୀର ପୌରପରିଷଦ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସାଗରିକା ଗୁରୁ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସଭାପତି ଅରୁଣ କୁମାର ମିଶ୍ର, ଭାଜପା ନେତ୍ରୀ ଗୀତା ପରିଡ଼ା, ଭବାନୀ ଶଙ୍କର ଦୀପ, ସୁରେଶ ଧରୁଆ, ସୁଜିତ ବେହେରା, କଂଗ୍ରେସର ଅଭୟ କୁମାର, ସୁରେନ୍ଦ୍ର ନାଗ, ବୀର ନାଗ, ସୁଶାନ୍ତ ସ, ରାଜେଶ ଦୋରା ଏବଂ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**AAROHAN FOUNDATION** Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଉର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୂର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**LOAN**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

**JAGANNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

**MAHADEV FINANCE**
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

**SMS JOB**
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# କଡ଼ା ଟକ୍କରକୁ ଅପେକ୍ଷା




**ମୋଟ ଭୋଟର ସଂଖ୍ୟା**
**୧,୬୫,୮୧୭**
**ପୁରୁଷ ଭୋଟର ସଂଖ୍ୟା**
**୮୫,୧୧୩**
**ମହିଳା ଭୋଟର ସଂଖ୍ୟା**
**୮୦,୭୦୪**


ଲଲାଟେନ୍ଦୁ ବେହେରା


ଅଭିନ୍ନ ସୁନ୍ଦର ପାତ୍ର


ସଞ୍ଜୟ ବେହେରା


ଗଣେଶ୍ୱର ପାତ୍ର


ଯାମିନୀକାନ୍ତ ନାଏକ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଗଣେଶ୍ୱର ପାତ୍ର | ୫୨,୬୯୪ |
| କଂଗ୍ରେସ | ଯାମିନୀକାନ୍ତ ନାଏକ | ୩୫,୮୬୦ |
| ଭାଜପା | ବୃନ୍ଦାବନ ଦାସ | ୩୩,୯୬୨ |

**ରବି ନାରାୟଣ ଚଲାନ/ନୀଳାଦ୍ରି ବିହାରୀ ଦଣ୍ଡପାଟ**
**ବାରିପଦା ଅଫିସ/ବଡ଼ସାହି,୧୭।୩**

ନିର୍ବାଚନ ତାରିଖ ଘୋଷଣା ପରେ ମୟୂରଭଞ୍ଜ ଜିଲା ବଡସାହି ବିଧାନସଭା ନିର୍ବାଚନମଣ୍ଡଳୀ (ନଂ.୩୨)ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ଦଳରେ ଟିକେଟ ଆଶାୟୀଙ୍କ ଭିଡ ଲାଗି ରହିଛି। ଦଳବଦଳ ରାଜନୀତି, ମିଶ୍ରଣ ସଭା ଓ କର୍ମୀ ସମ୍ମିଳନୀ ଆୟୋଜନ ନିର୍ବାଚନୀ ପରିବେଶକୁ ସରଗରମ କରିଛି। ବର୍ତ୍ତମାନର ବିଜେଡି ବିଧାୟକ ପୁନଶ୍ଚ ଟିକେଟ ପାଇବାକୁ ଆଶାୟୀ ଥିବା ବେଳେ ଏହି ଦଳରେ ଅନ୍ୟ ୪ ଜଣ ଆଶାୟୀ ରହିଛନ୍ତି। କଂଗ୍ରେସ ଓ ଜେଏମଏମ ମେଣ୍ଟ ଗଢି ମିଳିତ ଭାବେ ନିର୍ବାଚନ ଲଢିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏଠାରେ କଂଗ୍ରେସରେ ୪ଜଣ ଆଶାୟୀ ଥିବା ବେଳେ ଭାଜପାରେ ପ୍ରାୟ ୬ ଜଣ ଆଶାୟୀ ରହିଛନ୍ତି। ୨୦୦୯ରେ ବଡ଼ସାହି ଓ ବେତନଟୀ ବ୍ଲକ୍‌କୁ ନେଇ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ନୂତନ ଭାବେ ଗଠିତ ହୋଇଥିଲା। ଏହା ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଉକ୍ତ ଆସନ ବଡସାହି ବ୍ଲକର ୨୧ ଓ ବେତନଟୀ ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ। ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ମନୋରଞ୍ଜନ ସେଠୀ ବିଜୟ ହାସଲ କରିଥିଲେ। ୨୦୧୪ରେ ବିଜେଡିରୁ ଗଣେଶ୍ୱର ପାତ୍ର ନିର୍ବାଚିତ ହୋଇ ବର୍ତ୍ତମାନ ବିଧାୟକ ରହିଛନ୍ତି। ଲଗାତର ଭାବେ ବିଜେଡି ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଆସୁଥିବା ବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଆସିଛି।

ଗଣେଶ୍ୱର ପାତ୍ର ପୂର୍ବରୁ କଂଗ୍ରେସରେ ଥିଲେ। ୨୦୧୪ ନିର୍ବାଚନରେ ସେ ବିଜେଡିକୁ ଆସି ୫୨ହଜାର ୬୯୪ ଭୋଟ ପାଇଥିଲେ। ଗତ ନିର୍ବାଚନ ବେଳେ ଯାମିନୀକାନ୍ତ ନାଏକ ଭାଜପାରୁ ଆସି କଂଗ୍ରେସ ଟିକଟରେ ଲଢ଼ି ୩୫ ହଜାର ୮୬୦ଖଣ୍ଡ ଭୋଟ ପାଇଥିଲେ। ସେହିପରି ଭାଜପାରୁ ଟିକଟ ପାଇ ନିର୍ବାଚନ ଲଢିଥିବା ବୃନ୍ଦାବନ ଦାସ ୩୩ହଜାର ୯୬୨ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ ଟିକଟ ପାଇବାକୁ ବିଧାୟକ ପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ, ଜଗନ୍ନାଥ ମଲ୍ଲିକ, ଶୁଭକାନ୍ତ ବେହେରା, ଲଲାଟେନ୍ଦୁ ବେହେରା, ପ୍ରାକ୍ତନ ପ୍ରଶାସନିକ ଅଧିକାରିଣୀ ମାହେଶ୍ୱରୀ ସେଠୀ ଆଶାୟୀ ଅଛନ୍ତି। ବିଜେଡି ମହିଳା କାର୍ଡ ଖେଳିଲେ ମାହେଶ୍ୱରୀ ସେଠୀଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

ଗତ ପଞ୍ଚାୟତ ନିର୍ବାଚନରେ ବଡ଼ସାହି ନିର୍ବାଚନମଣ୍ଡଳୀରେ ଥିବା ୫ ଜିଲା ପରିଷଦ ଆସନ ଭାଜପା ଖାତାକୁ ଯାଇଛି। ଏହା ଭାଜପା କର୍ମୀଙ୍କୁ ଉତ୍ସାହିତ କରିଛି। ଏଥିସକାଶେ ଦଳରେ ଟିକେଟ ଆଶାୟୀଙ୍କ ଅଧିକ ଭିଡ଼ ରହିଛି। ପୂର୍ବରୁ ଭାଜପାରୁ ଆସି କଂଗ୍ରେସରେ ଟିକଟରେ ନିର୍ବାଚନ ଲଢିଥିବା ଯାମିନୀକାନ୍ତ ନାଏକ ଘର ବାହୁଡ଼ା କରିଛନ୍ତି। ବୃନ୍ଦାବନ ଦାସ, ସନାତନ ବିଜୁଳି, ଅର୍ଜ୍ଜୁନ ଦଳେଇ, ମାନସ ବେହେରା, ଅଭିନ୍ନ ସୁନ୍ଦର ପାତ୍ର, ଶରତ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଭାଜପାର ଟିକେଟ ଆଶାୟୀ ରହିଥିବା କୁହାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଇଂ ସଞ୍ଜୟ ବେହେରା, କ୍ଷୀରୋଦ ଚନ୍ଦ୍ର ପାତ୍ର, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ହରିଶଚନ୍ଦ୍ର ବେହେରା, ଦେବଯାନୀ ବେହେରା ଓ ପ୍ରଭାକର ମହାଳିକ ପ୍ରମୁଖ ଟିକଟ ପାଇବା ଆଶାରେ ରହିଥିବା ଜଣାପଡିଛି।

ନିର୍ବାଚନୀ ଚର୍ଚ୍ଚା ଓ ବାତାବରଣ ସମ୍ପର୍କରେ ବିଧାୟକ ଗଣେଶ୍ୱର ପାତ୍ର କହିଛନ୍ତି, ବଡ଼ସାହି ନିର୍ବାଚନ ମଣ୍ଡଳୀରେ ସେ ବହୁ ଉନ୍ନୟନ କାର୍ଯ୍ୟ କରଛନ୍ତି। ଦୀଘ ବର୍ଷ ଧରି ଲୋକଙ୍କ ସମସ୍ୟା ସହିତ ଜଡ଼ିତ ରହି ତାହାର ସମାଧାନ କରିଛନ୍ତି। ବୁଢାବଳଙ୍ଗ ଓ ଗଙ୍ଗାହାର ନଦୀରେ ୮ଟି ବିଜୁ ସେତୁ ନିର୍ମାଣ ଭଳି ମଡେଲ ସ୍କୁଲ ପ୍ରତିଷ୍ଠା, ପ୍ରତି ପଞ୍ଚାୟତରେ ପିଇବା ପାଣି ଓ ଗମନାଗମନ କ୍ଷେତ୍ରରେ ବହୁ କାମ କରାଯାଇଛି। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ନାହିଁ। ବ୍ୟକ୍ତିଗତ ସ୍ୱାର୍ଥ ହାସଲ ହୋଇ ନ ଥିବା କେତେକ ନେତା ଦଳୀୟ କନ୍ଦଳ କଥା କହୁଛନ୍ତି। ଭାଜପାରୁ ଟିକଟ ପାଇଁ ଆଶାୟୀ ଥିବା ଯାମିନୀକାନ୍ତ ନାଏକ କହିଛନ୍ତି, ଦଳ ପକ୍ଷରୁ ତାଙ୍କୁ ଟିକେଟ ମିଳିଲେ ସେ ରେଳ ଷ୍ଟେଶନର କମ୍ପ୍ୟୁଟରୀକରଣ ସାଙ୍ଗକୁ ମାଲ୍ ପରିବହନ ସୁବିଧା, ବେତନଟୀକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ସହ ପାନୀୟଜଳର ବ୍ୟବସ୍ଥା, ବୈଶିଙ୍ଗାକୁ ନୂତନ ବ୍ଲକର ମାନ୍ୟତା ପ୍ରଦାନ କରିବା ଭଳି ବିଭିନ୍ନ କାର୍ଯ୍ୟକୁ ପ୍ରସଙ୍ଗ କରି ପ୍ରଚାର କରିବେ। ଗତ ନିର୍ବାଚନରେ ଭାଜପା ଟିକଟରେ ନିର୍ବାଚନ ଲଢି ତୃତୀୟ ସ୍ଥାନରେ ଥିବା ପ୍ରାର୍ଥୀ ବୃନ୍ଦାବାନ ଦାସ କହିଛନ୍ତି, ୨୦୧୪ରୁ ସେ ଦଳର ସଙ୍ଗଠନକୁ ତୃଣମୂଳସ୍ତରରୁ ସଙ୍ଗଠିତ କରି ଆସିଛନ୍ତି। ରାଜ୍ୟ ନେତୃତ୍ୱ ତାଙ୍କୁ ଟିକଟ ଦେଲେ ନିର୍ବାଚନରେ ଭଲ ପ୍ରଦର୍ଶନ କରିପାରିବେ। ପିସି କାରବାର ବନ୍ଦ କରିବା ସହ ବେକାରି ସମସ୍ୟା ଦୂର କରିବା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଶିଳ୍ପ ପ୍ରତିଷ୍ଠା ଆଦି କାର୍ଯ୍ୟକୁ ଗୁରୁତ୍ୱ ଦେବେ।

କଂଗ୍ରେସରୁ ଆଶାୟୀ ପ୍ରାର୍ଥୀ ଇଂ ବେହେରା କହିଛନ୍ତି, ସେ ଟିକେଟ ପାଇଲେ ବଡ଼ସାହି ଓ ବେତନଟୀ ଅଞ୍ଚଳର ପ୍ରମୁଖ ସମସ୍ୟାକୁ ଇସ୍ୟୁ କରି ନିର୍ବାଚନ ଲଢିବେ। ଆଦିବାସୀଙ୍କ ମୌଳିକ ସମସ୍ୟାର ସମାଧାନ, କୃଷିଋଣ ଛାଡ଼ ସହିତ ଠିକା କର୍ମଚାରୀଙ୍କୁ ନିୟମିତ କରିବା ଆଦି ଦାବି ଉଠାଇବେ। ନାରୀ ନିର୍ଯାତନା, ଚିଟଫଣ୍ଡ ଠକେଇ ଓ ଧାନର ସହାୟକ ମୂଲ୍ୟ ବୃଦ୍ଧି, ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗକୁ ମଧ୍ୟ ପ୍ରସଙ୍ଗ କରିବେ।

ବଡସାହି ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନାଗରିକ ସଦାନନ୍ଦ ଦଣ୍ଡପାଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ଦିନରେ ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ମାଗିବାକୁ ପ୍ରୟାସ କରିବା ପ୍ରାର୍ଥୀଙ୍କୁ ଏଥର ଜନ ସମର୍ଥନ ମିଳି ନ ପାରେ।

---

# ବିଧାୟକଙ୍କ ବିରୋଧରେ ମେଳି

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୧୭।୩**

**ମୋଟ ଭୋଟର ସଂଖ୍ୟା**
**୧,୮୬,୩୫୭**
**ପୁରୁଷ ଭୋଟର ସଂଖ୍ୟା**
**୯୭,୩୭୬**
**ମହିଳା ଭୋଟର ସଂଖ୍ୟା**
**୮୮,୯୬୮**

**ଅନ୍ୟାନ୍ୟ**
**୧୩**

**ନିର୍ବାଚନମଣ୍ଡଳୀ ରୂପରେଖ**
ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍‌ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ।




କନ୍ଧମାଳ ଲୋକ ସଭା ଆସନ ଅନ୍ତର୍ଗତ ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ମୁଖ୍ୟ ସମସ୍ୟା ହୋଇଛି। ନିର୍ବାଚନ ସମୟରେ ବୃତ୍ତଙ୍ଗ ନଦୀ ପ୍ରକଳ୍ପର ନାରା ଦେଇ ରାଜନେତାମାନେ ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ହେଲେ ବୃତ୍ତଙ୍ଗ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି। ତେଣୁ ଆଗାମୀ ନିର୍ବାଚନରେ ବୃତ୍ତଙ୍ଗ ପ୍ର କ ଳ୍ପ ପ୍ରାର୍ଥୀଙ୍କ ପାଇଁ କାଳ ସାଜିବ ବୋଲି ଆଲୋଚନା ହେଉଛି।

ଏହି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ। ବିଭିନ୍ନ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଗତ ୧୦ ବର୍ଷ ହେଲାଣି ବିଜେଡି କବ୍‌ଜାରେ ଏହି ନିର୍ବାଚନମଣ୍ଡଳୀ ରହିଆସିଛି। ୨୦୧୪ ସାଧାରଣ ନିର୍ବାଚନରେ ୬ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବା ବେଳେ ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକ ବିଜୟୀ ହୋଇଥିଲେ। ହେଲେ ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ଜିଲାର ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ଦଶପଲ୍ଲାରେ ବିଜେଡି ମଧ୍ୟରେ ଅଧିକ ଫାଟ ଦେଖାଦେଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିରେ ଗୋଷ୍ଠୀକନ୍ଦଳ ଦେଖାଦେଇଛି। ଆଶାୟୀମାନଙ୍କୁ ଟିକେଟ ନ ମିଳିବାରୁ ସେମାନେ ଏକତ୍ରିତ ହୋଇ ବିଧାୟକଙ୍କୁ ବିରୋଧ କରୁଛନ୍ତି। ଏପରି ପରିସ୍ଥିତିରେ ବିଧାୟକ ଅସନ୍ତୁଷ୍ଟ ଗୋଷ୍ଠୀ ନିର୍ବାଚନ ରଣକ୍ଷେତ୍ରରେ ନିଜର ସ୍ଥିତି ବଜାୟ ରଖିବା ପାଇଁ ସରକାରୀ ଚାକିରିରୁ ଇସ୍ତଫା ଦେଇ ରାଜନୀତି ମଇଦାନରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରାଙ୍କୁ ଅସ୍ତ୍ରଭାବେ ବ୍ୟବହାର କରିବା ଆରମ୍ଭ କରିଦେଇଛି। ତାଙ୍କୁ ଦଳର ବିଧାୟକ ପ୍ରାର୍ଥୀ କରିବା ପାଇଁ ବିଜେଡି ଟିକେଟ ଲବିରେ ରହିବା ସହ ଗାଁ ଗାଁ ବୁଲି ବିଧାୟକ ନାୟକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ନିଜର ସ୍ଥିତି ଦୁର୍ବଳ ହୋଇ ପଡୁଥିବା ମନେକରି ବିଧାୟକଙ୍କ ମନରେ ଟିକେଟ ଆଶା ମଉଳି ଯାଉଥିବା ବେଳେ ସେ ନିଜ ସମ୍ପ୍ରଦାୟର ଭୋଟରଙ୍କ ସଂଖ୍ୟାକୁ ଦେଖାଇ ଟିକେଟ ପାଇବା ପାଇଁ ଦାବିଦାର ବୋଲି କହିଛନ୍ତି। ବିଜେଡିର ଏଭଳି ଛାୟା ଯୁଦ୍ଧ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଏବେ ଦେଖାଦେଇଛି। ଏ ନେଇ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ମତାମତ ଦେଇ ନ ଥିଲେ। ରମେଶ ଚନ୍ଦ୍ର ବେହେରା କୁହନ୍ତି, ସେ ଟିକେଟ ପାଇବା ନେଇ ଚର୍ଚ୍ଚା ହେଉଛି। ଲୋକମାନେ ତାଙ୍କ ଉପରେ ବିଶ୍ୱାସ ରଖନ୍ତୁ ବୋଲି ସେ ପ୍ରକାଶ କରିଥିଲେ। ବିଜେଡିରୁ ଟିକେଟ ନ ମିଳିଲେ ରମେଶ ଭାଜପାରୁ କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ସେହିପରି ବିଜେଡିରୁ ମାମି ନାୟକ, ଇନ୍ଦୁମତି ନାୟକ, ସୁଶାନ୍ତ ମଲ୍ଲିକ, କାଶୀନାଥ ମଲ୍ଲିକ ମଧ୍ୟ ଟିକେଟ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି। ଗତ ୨ଟି ନିର୍ବାଚନରେ କଂଗ୍ରେସ ୨ୟ ଓ ଭାଜପା ୩ୟ ସ୍ଥାନ ହାସଲ କରିଥିଲା। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ସ୍ଥିତି ଜାହିର କରି ପାରି ନ ଥିବା ବେଳେ ଭାଜପା ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କ ନିକଟତର ହେଉଥିବା ଦେଖିବାକୁ ମିଳୁଛି। ଭାଜପା ତରଫରୁ ମଧ୍ୟ ଆଶାୟୀ ତାଲିକା ଲମ୍ବିବାରେ ଲାଗିଛି। ୨୦୦୯ ମସିହାରେ ନିର୍ବାଚନରେ ଲଢ଼ି ତୃତୀୟ ସ୍ଥାନ ହାସଲ କରିଥିବା ମନୋଜ ବେହେରା ବିଭିନ୍ନ ସମୟରେ ସାଙ୍ଗଠନିକ କାର୍ଯ୍ୟ କରୁଛନ୍ତି। ସେହିଭଳି ୨ ବର୍ଷ ତଳେ ଶିକ୍ଷକ ଚାକିରି ଛାଡ଼ି ଭାଜପାରେ ଯୋଗଦାନ କରିଥିବା ରାଘବ ମଲ୍ଲିକ ମଧ୍ୟ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ଲୋକମାନଙ୍କ ସମସ୍ୟାକୁ ନେଇ ସେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଏ ଦୁହେଁ ଟିକେଟ ପାଇବା ଲାଗି ଆଶାୟୀଙ୍କ ମଧ୍ୟରେ ଆଗଧାଡ଼ିରେ ଅଛନ୍ତି। ମନୋଜ ବେହେରା କୁହନ୍ତି, ସେ ୩୦ ବର୍ଷ ହେଲାଣି ଦଳ ସହିତ ଅଛନ୍ତି। ୨୦୦୯ରୁ ଦଶପଲ୍ଲାରେ ରହି ସେଠାକାର ସାଙ୍ଗଠନିକ କଥା ବୁଝୁଛନ୍ତି। ତେଣୁ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶାୟୀ ଅଛନ୍ତି। ଦଳ ତାଙ୍କ ବଦଳରେ ଆଉ କାହାକୁ ଟିକେଟ ଦେଲେ ମଧ୍ୟ ସେ ଦଳ ପାଇଁ କାମ କରିବେ ବୋଲି କହିଛନ୍ତି। ସେହିପରି ସଲିଳା ସେଠୀ, ରାମବିଶି ଦିଗାଲ ମଧ୍ୟ ଭାଜପାରୁ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। କଂଗ୍ରେସ ମଧ୍ୟ ଏଥର ନିର୍ବାଚନରେ ଜିତିବା ପାଇଁ ଆଶାୟୀ ଅଛି। ୮ଥର ଜିତିଥିବା କଂଗ୍ରେସ ୨୦୦୦ ମସିହା ସାଧାରଣ ନିର୍ବାଚନଠାରୁ ଖାତା ଖୋଲିପାରିନାହିଁ। ଏଥର ଖାତା ଖୋଲିବ ନା ନାହିଁ ସେ ନେଇ ଜୋରଦାର ଆଲୋଚନା ହେଉଛି। କଂଗ୍ରେସ ଦଳ ପକ୍ଷରୁ ବେଣୁଧର ନାୟକଙ୍କ ନାମ ଚର୍ଚ୍ଚାରେ ରହିଆସୁଛି। କଂଗ୍ରେସର ଆଶାୟୀ ପ୍ରାର୍ଥୀ ବେଣୁଧର ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ ସଙ୍ଗଠକ ରୂପେ କାର୍ଯ୍ୟ କରୁଥିବା ସହିତ ନୟାଗଡ଼ ଜିଲା କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗର ଅଧକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ୧୯୮୭ ମସିହାରୁ କଂଗ୍ରେସ ସହିତ ରହି ଆସିଥିବା ବେଳେ ବିଭିନ୍ନ ସମୟରେ ଅନେକ କାର୍ଯ୍ୟକ୍ରମ କରୁଥିବାରୁ ତାଙ୍କୁ ଦଳ ପକ୍ଷରୁ ଟିକେଟ ମିଳବ ବୋଲି ବେଣୁଧର ପ୍ରକାଶ କରିଛନ୍ତି। କଂଗ୍ରେସ ୨୦୦୯ ଓ ୨୦୧୪ରେ ଦଳ ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୱ ଦେଇ ନ ଥିଲା। ସେ ସ୍ଥାନୀୟ ଲୋକ ହୋଇଥିବାରୁ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ସହିତ ଲୋକଙ୍କ ବଳ ଦ୍ୱାରା ସେ ଜିତିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ପ୍ରଶାନ୍ତ ନାୟକ, ସୁଶାନ୍ତ ନାୟକ, କାଶୀ ନାୟକ, ମାନସ ନାୟକ ପ୍ରମୁଖ କଂଗ୍ରେସରୁ ଟିକେଟ ପାଇବା ପାଇଁ ମଧ୍ୟ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି।


| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତି ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | କାଶୀନାଥ ମଲ୍ଲିକ | ୬୧,୧୪୨ |
| କଂଗ୍ରେସ | ଲେକଚର ବୁଲିୟନ | ୨୨,୩୮୪ |
| ଭାଜପା | ମନୋଜ କୁମାର ବେହେରା | ୧୩,୨୧୮ |


ରମେଶ ଚନ୍ଦ୍ର ବେହେରା


ପୂର୍ଣ୍ଣଚନ୍ଦ୍ର ନାୟକ


ବେଣୁଧର ନାୟକ


ମନୋଜ ବେହେରା

---

# କଂଗ୍ରେସ, ଭାଜପାରୁ ନୂଆ ମୁହଁ ସମ୍ଭାବନା

**ନିର୍ମଳ ପଣ୍ଡା**
**କଟକ ଅଫିସ, ୧୭।୩**

କଟକ ଜିଲାର ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୨୯ରେ ହେବ ଭୋଟଗ୍ରହଣ। ହେଲେ ଆଶାୟୀଙ୍କ ଲବି, ପ୍ରାର୍ଥୀ ଚୟନ ଓ ରାଜନୈତିକ ଗତିବିଧିକୁ ନେଇ ଏଠାରେ ଅନେକ ଚର୍ଚ୍ଚା, ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିଛି।

ମାହାଙ୍ଗା ବ୍ଲକର ୩୭ ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ ପଞ୍ଚାୟତକୁ ମିଶାଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୦୦ ମସିହାଠାରୁ ୨୦୧୪ ପର୍ଯ୍ୟନ୍ତ ଏହି ଆସନ ବିଜେଡି ଦଖଲରେ ରହି ଆସିଛି। ୨୦୦୦ରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ଶରତ କୁମାର କର ବିଜୟୀ ହୋଇଥିବାବେଳେ ୨୦୦୪ରେ ଅଧ୍ୟାପକ ବିକ୍ରମ କେଶରୀ ବର୍ମା ବିଜୟୀ ହୋଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନର୍ଗଠନ ପରେ କିଶନନଗର ଆସନ ରାଜନୈତିକ ମାନଚିତ୍ରରୁ ଅପସରିଯାଇଥିଲା। ଫଳରେ ସେଠାକାର ବିଧାୟକ ପ୍ରତାପ ଜେନା ମାହାଙ୍ଗାରୁ ବିଜେଡିର ପ୍ରାର୍ଥୀ ହୋଇଥିଲେ। ୨୦୦୯ ଓ ୨୦୧୪ ଦୁଇଟି ନିର୍ବାଚନରେ ପ୍ରତାପ ବିଜୟୀ ହୋଇଛନ୍ତି। ରାଜନୈତିକ ଘଟଣା କ୍ରମ ଏଠାରେ ଭିନ୍ନ ରହିଛି। ୨୦୦୯ ନିର୍ବାଚନରେ ପ୍ରତାପ ୨୯ହଜାର ୨୨୦ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ସେକ୍ ମତଲୁବ ଅଲିଙ୍କୁ ପରାସ୍ତ କରିଥିଲେ। ୨୦୧୪ରେ ପ୍ରତାପ ୨୭ହଜାର ୮୭୪ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କୁ ପରାସ୍ତ କରିଥିଲେ। କଂଗ୍ରେସ ପ୍ରାର୍ଥୀ ସେକ୍ ମତଲୁବ ଅଲ୍ଲୀ ୨୨ହଜାର ୨୯୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ୨୦୧୯ର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କାରଣ ରାଜ୍ୟର ମୁଖ୍ୟ ଦୁଇ ବିରୋଧୀ ଦଳରେ ନୂଆ ମୁହଁଙ୍କ ଆବିର୍ଭାବ ହୋଇଛି। ୨୦୧୪ରେ ବିଜେଡିକୁ ଟକ୍କର ଦେଇଥିବା ସ୍ୱାଧୀନ ପ୍ରାର୍ଥୀ ସାରଦା ଏବେ ଭାଜପାରେ। ସାରଦା ପୂର୍ବରୁ ମାହାଙ୍ଗା ଅଞ୍ଚଳରେ ବିଜେଡିର ଜଣେ ଯୁବ ସଂଗଠକ ଭାବେ ବେଶ୍ ପରିଚିତ ଥିଲେ। ମାତ୍ର ପ୍ରତାପ ଜେନାଙ୍କ ସହିତ ତାଙ୍କର ମନୋମାଳିନ୍ୟ ଘଟିବାରୁ ସେ ତାଙ୍କର ରାଜନୈତିକ ବିରୋଧୀ ପାଲଟିଛନ୍ତି। ସାରଦା ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ରାଜ୍ୟସ୍ତରୀୟ ନେତାଙ୍କୁ ମାହାଙ୍ଗା ଆଣି ବିଭିନ୍ନ ସଭା ସମିତି ଆୟୋଜନ କରୁଛନ୍ତି।

ଅନ୍ୟପକ୍ଷରେ ୧୯୭୦ରୁ ମାହାଙ୍ଗା କଂଗ୍ରେସର ମଙ୍ଗ ଧରିଥିବା ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସେକ୍ ମତଲୁବ ଅଲି ଭୋଟ ରାଜନୀତିରୁ ସନ୍ୟାସ ନେବା କଥା ଘୋଷଣା କରିବା ପରେ କଂଗ୍ରେସରେ ଦେବେନ୍ଦ୍ର ସାହୁଙ୍କ ଆବିର୍ଭାବ ଘଟିଛି। ଦେବେନ୍ଦ୍ର ହେଉଛନ୍ତି କଂଗ୍ରେସର ଜଣେ ଜଣାଶୁଣା ଚେହେରା ତଥା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ। ମତଲୁବଙ୍କ ଜଣେ ଦୃଢ ସମର୍ଥକ ଭାବେ ମାହାଙ୍ଗା ଅଞ୍ଚଳରେ ସେ ବେଶ୍ ପରିଚିତ। ମାତ୍ର ୨୦୦୦ ନିର୍ବାଚନ ସମୟରେ ଦେବେନ୍ଦ୍ରଙ୍କ ସହିତ ମତଲୁବଙ୍କ ମନାନ୍ତର ଘଟିଥିଲା। ଫଳରେ ଦେବେନ୍ଦ୍ର ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। କୁହାଯାଉଛି ଯେ ଦେବେନ୍ଦ୍ରଙ୍କ କଂଗ୍ରେସ ସହିତ ଦୂରତା ଯୋଗୁ ୨୦୦୦ରୁ ମାହାଙ୍ଗାରେ ଦଳକୁ ପରାଜୟର ମୁହଁ ଦେଖିବାକୁ ମିଳୁଛି। ଏବେ ଦେବେନ୍ଦ୍ର ଖୋଦ୍ ନିଜେ କଂଗ୍ରେସର ମଙ୍ଗ ଧରିଛନ୍ତି। କିନ୍ତୁ ଦେବେନ୍ଦ୍ରଙ୍କ ପାଇଁ ପ୍ରତିବନ୍ଧକ ସାଜିଛନ୍ତି ମତଲୁବଙ୍କ ଅନ୍ୟତମ ପଟ୍ଟଶିଷ୍ୟ ତଥା ପିସିସି ସମ୍ପାଦକ ପ୍ରଦୀପ୍ତ କୁମାର ଦାସ। ପ୍ରଦୀପ୍ତ ଏବେ ଅନ୍ୟତମ ଟିକେଟ ଦାବିଦାର ଭାବେ ଉଭା ହୋଇଛନ୍ତି। ଉଭୟ ନେତା ସମାନ୍ତରାଳ ଭାବେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକ୍ରମ ମାନ କରୁଛନ୍ତି। ଦେବେନ୍ଦ୍ରଙ୍କୁ ପ୍ରାର୍ଥିତ୍ୱ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଟିକେଟ ମିଳିବ କି ନାହିଁ ସେ ନିଷ୍ପତ୍ତି ଦଳୀୟ ହାଇକମାଣ୍ଡଙ୍କ ଉପରେ ନିର୍ଭର କରେ। ଦଳରେ ଥିଲେ, ଅଛନ୍ତି, ଆଉ ରହିବେ ମଧ୍ୟ। ଏଠାରେ କଂଗ୍ରେସ ସହିତ ବିଜେଡିର ଲଢେଇ ହେବ ବୋଲି ଦେବେନ୍ଦ୍ର କହିଛନ୍ତି। ପ୍ରଦୀପ୍ତଙ୍କ ମତରେ ତାଙ୍କୁ ଟିକେଟ ମିଳିବା ନିଶ୍ଚିତ। ଟିକେଟ ନ ମିଳିଲେ କ'ଣ କରିବେ ପ୍ରଶ୍ନରେ ପ୍ରଦୀପ୍ତ କହିଥିଲେ, ଏଭଳି ଅବାନ୍ତର ପ୍ରଶ୍ନର ଉତ୍ତର ଏବେ ସେ ଦେଇପାରିବେ ନାହିଁ। କଂଗ୍ରେସ ସହିତ ଅଙ୍ଗାଙ୍ଗୀ ଭାବେ ସେ ଜଡ଼ିତ। ତେଣୁ ଦଳ ତାଙ୍କ ଉପରେ ନିଶ୍ଚିତ ଭାବେ ଆସ୍ଥା ପ୍ରକଟ କରିବ ବୋଲି ସେ କହିଛନ୍ତି।

ଭାଜପାର ଆଶାୟୀ ସାରଦାଙ୍କ ମତରେ ଦଳ ଏବେ ମାହାଙ୍ଗାରେ ଶକ୍ତିଶାଳୀ। ଟିକେଟ କିଏ ପାଇବ ସେ କଥା ସେ କହିପାରିବେ ନାହିଁ। କିନ୍ତୁ ଯିଏ ବି ଟିକେଟ ପାଇବ ସେ ତାଙ୍କ ସହିତ ରହିବେ। ଲଢେଇ ବିଜେଡି ସାଙ୍ଗରେ ଭାଜପାର ହେବ ବୋଲି ସାରଦା କହିଥିଲେ। ୨୦୧୪ର ପରାଜିତ ପ୍ରାର୍ଥୀ ସମୀର ସାମଲ କୁହନ୍ତି, ସେ ଟିକେଟ ଆଶା କରୁଛନ୍ତି। କିନ୍ତୁ ଦଳ କାହାକୁ ଦେବ ସେ ଜାଣିନାହାନ୍ତି। ୨୦୦୯ର ପରାଜିତ ପ୍ରାର୍ଥୀ ଚୌଧୁରୀ ପ୍ରଭାତ ମିଶ୍ରଙ୍କ ମତରେ ଦଳର ଦୁର୍ଦ୍ଦିନରେ ସେ ଛିଡ଼ା ହୋଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ମାହାଙ୍ଗାରେ ଭାଜପାକୁ ସୁସଂଗଠିତ କରି ବିଜେଡି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ତେଣୁ ସେ ଟିକେଟ ପାଇବେ ବୋଲି ଦୃଢ ଆଶାବାଦୀ। ଟିକେଟ ନ ମିଳିଲେ କ'ଣ କରିବେ ପ୍ରଶ୍ନରେ ପ୍ରଭାତ କହିଥିଲେ, ସେ ପ୍ରଶ୍ନ କାହିଁକି ଉଠୁଛି।

ମାହାଙ୍ଗାରେ ବିଜେଡିରୁ କେହି ମୁଣ୍ଡ ଟେକୁ ନ ଥିବାବେଳେ ପୂର୍ବତନ ବାଚସ୍ପତି ତଥା ଏହି ଆସନରୁ ୩ ଥର ଜିତିଥିବା ଶରତ କର ମଧ୍ୟ ଟିକେଟ ପାଇଁ ଆଶାବାଦୀ ଥିବା ଚର୍ଚ୍ଚା ହେଉଛି। ତେବେ ନିଜ ପ୍ରାର୍ଥିତ୍ୱ ସମ୍ପର୍କରେ ଶରତ କୌଣସି ସ୍ପଷ୍ଟ ମତ ଦେଇ ନ ଥିଲେ ମଧ୍ୟ ମାହାଙ୍ଗା ଲୋକେ ଏବେ ବି ତାଙ୍କୁ ଚାହୁଁଥିବା କହିଛନ୍ତି। ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା କୁହନ୍ତି, ବିଜେଡିରୁ କିଏ ଟିକେଟ ପାଇବେ ସେ ନିଷ୍ପତ୍ତି ଦଳର ସଭାପତିଙ୍କ ଉପରେ ନିର୍ଭର କରେ। କିନ୍ତୁ ମାହାଙ୍ଗାରେ ବିଜେଡି ଶକ୍ତିଶାଳୀ ଅଛି ଏବଂ ଯିଏ ବି ପ୍ରାର୍ଥୀ ହେବ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି ସେ କହିଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରତାପ ଜେନା | ୮୯,୫୩୧ |
| ସ୍ୱାଧୀନ | ସାରଦା ପ୍ରଧାନ | ୬୧,୬୫୭ |
| କଂଗ୍ରେସ | ସେକ୍ ମତଲୁବ ଅଲି | ୨୨,୨୯୭ |
| ଭାଜପା | ସମୀର କୁମାର ସାମଲ | ୩,୫୭୨ |

**ମୋଟ ଭୋଟରଃ ୨,୩୬,୭୭୮**


ପ୍ରତାପ ଜେନା


ଚୌଧୁରୀ ପ୍ରଭାତ ମିଶ୍ର


ଦେବେନ୍ଦ୍ର ସାହୁ


ସମୀର ସାମଲ


ପ୍ରଦୀପ୍ତ କୁମାର ଦାସ


ସାରଦା ପ୍ରଧାନ





# ଗଡ଼ଭାଙ୍ଗିବାକୁ ବିରୋଧୀଙ୍କ ପ୍ରୟାସ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପଦ୍ମନାଭ ବେହେରା | ୬୭,୭୭୪ |
| ଭାଜପା | ଆନନ୍ଦ ବାରିକ | ୩୬,୪୮୪ |
| କଂଗ୍ରେସ | କାର୍ତ୍ତିକ ପ୍ରସାଦ ତରିଆ | ୩୪,୫୮୯ |



## ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ

**ମୋଟ୍ ଭୋଟର**
୨,୦୬,୫୯୩
**ମହିଳା**
୯୮,୩୦୬
**ପୁରୁଷ**
୧,୦୮,୨୮୬
**ତୃତୀୟ ଲିଙ୍ଗ**
୧

ମୃତ୍ୟୁଞ୍ଜୟ ଶତପଥୀ/ସ୍ୱୟମ୍ଭୁନାଥ ଖଣ୍ଡଗିରି
ସୋନପୁର,୧୭।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବିଧାନସଭା କ୍ଷେତ୍ର ବୀରମହାରାଜପୁର ବ୍ଲକ, ଉଲୁଣ୍ଡା ବ୍ଲକ, ବିନିକା ବ୍ଲକର ୧୩ପଞ୍ଚାୟତ ଓ ବିନିକା ଏନଏସିକୁ ନେଇ ଗଠିତ। ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଏହି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ। ବିଜୁ ଜନତା ଦଳ(ବିଜେଡି) ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲରେ ରଖିଆସିଛି। ୨୦୦୦ସାଧାରଣ ନିର୍ବାଚନରେ ଏଠାରୁ ସ୍ୱର୍ଗତ ବୈଷ୍ଣବ ପଧାନ, ୨୦୦୨ ଉପନିର୍ବାଚନ ଓ ୨୦୦୪ ସାଧାରଣ ନିର୍ବାଚନରେ ସଞ୍ଜୀବ ସାହୁ, ୨୦୦୯ ଏବଂ ୨୦୧୪ରେ କ୍ରମାଗତ ଭାବେ ପଦ୍ମନାଭ ବେହେରା ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ଏହି ଆସନରୁ ପୂର୍ବରୁ ବିଜୟ ଲାଭ କରିଥିଲେ ହେଁ ଥରେ ବି ଜିତିନି ଜାତୀୟ ଦଳ ଭାଜପା। ତେଣୁ ଚଳିତ ଥର ଏଠାରେ ବିଜେଡିର ଗଡ ଭାଙ୍ଗିବାକୁ ବିରୋଧୀମାନେ ଜୋରଦାର ପ୍ରୟାସ ଚଳାଇଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ଭାଜପାକୁ ଅଭୂତପୂର୍ବ ସଫଳତା ମିଳିଥିଲା। ସମସ୍ତ ୬ଟି ଜିଲା ପରିଷଦ ଜୋନରେ ଭାଜପା ପ୍ରାର୍ଥୀମାନେ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୧୮ରେ ଏଠାରେ ନିର୍ବାଚନ ହେବାକୁ ଥିବାରୁ ରାଜନୈତିକ ବାତାବରଣ ବେଶ ଉଷ୍ମ। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଏବେ ନୂଆ ଆଶାୟୀଙ୍କ ଆବିର୍ଭାବ ହୋଇଥିବା ବେଳେ ଟିକେଟ ପାଇଁ ପୁରୁଣା ଆଶାୟୀଙ୍କ ସହ ସେମାନଙ୍କ ଛକାପଞ୍ଝା ଲାଗିରହିଛି। ସବୁ ଦଳର ପ୍ରାର୍ଥୀ ଘୋଷଣା ପରେ ସ୍ଥିତି ସ୍ପଷ୍ଟ ହେବ।


ଚଳିତ ନିର୍ବାଚନରେ ବର୍ତ୍ତମାନର ବିଧାୟକ ପଦ୍ମନାଭ ବେହେରା ତୃତୀୟ ଥର ପାଇଁ ବିଜେଡି ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକମାନେ ଆଶାବାଦୀ ଅଛନ୍ତି। ଏପରି କି ୨୬ତାରିଖରେ ସେ ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏ ନେଇ ବିଧାୟକ କୁହନ୍ତି, ଦଳର ସଭାପତି ନିର୍ଦ୍ଦେଶ ଦେଲେ ନିର୍ବାଚନ ଲଢିବା ଲାଗି ସେ ପ୍ରସ୍ତୁତ ଅଛନ୍ତି। ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ ଜଳସେଚନ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତୀକରଣ କ୍ଷେତ୍ରରେ ଅନେକ କାର୍ଯ୍ୟ ହୋଇଛି। ସେ ନିର୍ବାଚନମଣ୍ଡଳୀର ଲୋକଙ୍କ ସହିତ ସର୍ବଦା ରହି ଆସିଛନ୍ତି। ବିକାଶ ଓ ଲୋକସମ୍ପର୍କକୁ ନେଇ ସେ ଲୋକଙ୍କ ଆଶୀର୍ବାଦ ଲୋଡିବେ। ଅପରପକ୍ଷେ ବେହେରା ଫୁଲବାଣୀରୁ ଆସି ଏଠାରୁ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ଦଳୀୟ ଟିକେଟ ଆଶାୟୀ ଓ କେତେକ ସଚେତନ ନାଗରିକ ଏହାକୁ ବିରୋଧ କରୁଛନ୍ତି। ଦଳରେ ଗୋଷ୍ଠୀ ବିବାଦ ଲାଗିରହିଛି। ପଦ୍ମନାଭଙ୍କ ବ୍ୟତୀତ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ନିକଟରେ ସରକାରୀ ଚାକିରି ଛାଡି ରାଜନୀତିରେ ଯୋଗ ଦେଇଥିବା ବାବୁଲୁ ବିଶି, ଋଷି କୁମାର ପଟେଲ ଓ ପଦାର୍ଥ କୁମାର ଜଗଦଲା ବିଜେଡି ଟିକେଟ ପାଇଁ ଆବେଦନ କରିଛନ୍ତି।

ଭାଜପାରୁ ଗତଥରର ପ୍ରାର୍ଥୀ ଆନନ୍ଦ କୁମାର ବାରିକ୍ ନିର୍ବାଚନମଣ୍ଡଳୀରେ ସକ୍ରିୟ ଅଛନ୍ତି। ପୁଣି ଥରେ ପ୍ରାର୍ଥୀ ହେବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ଭାଜପା ଟିକେଟରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିରେ କାଉନସିଲର ଭାବେ ନିର୍ବାଚନ ଜିତି ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ମଧ୍ୟ ହୋଇଛନ୍ତି। ୨୦୧୪ ବିଧାନ ସଭା ନିର୍ବାଚନରେ ସେ ୩୬,୪୮୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଦଳୀୟ ସଂଗଠନ ବୃଦ୍ଧି ପାଇଁ ସେ କାର୍ଯ୍ୟ କରିଛନ୍ତି। ତେଣୁ ଦଳୀୟ ଟିକେଟ ମିଳିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ତେବେ ଦଳରେ ନୂଆ ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ମେରାଇନ ଇଞ୍ଜିନିୟର ରଘୁନାଥ ଜଗଦଲା ମଧ୍ୟ ଟିକେଟ୍ ଦୌଡରେ ଆଗରେ ଅଛନ୍ତି। ସେ ଦେଢବର୍ଷ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ। ତାଙ୍କୁ ଦଳର ଏକ ବଡ ଗୋଷ୍ଠୀ ସମର୍ଥନ କରୁଛି। ଏବେ ସେ ନିର୍ବାଚନମଣ୍ଡଳୀରେ ଛୋଟଛୋଟ ସଭା କରି ଏକରକମ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ସେହିପରି ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବଳରାମ ସୁନା ଓ ମହେନ୍ଦ୍ର ମହାନନ୍ଦ ମଧ୍ୟ ଟିକେଟ ପାଇଁ ଆବେଦନ କରିଛନ୍ତି।

ଏଥର କଂଗ୍ରେସରୁ ବିନୋଦ ପାତ୍ର ଟିକେଟ ପାଇବାକୁ ଅଣ୍ଟା ଭିଡିଛନ୍ତି। ତାଙ୍କର ଟିକେଟ୍ ତୂଡାନ୍ତ ହୋଇଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ୨୦୦୯ ନିର୍ବାଚନରେ ବିନୋଦ ନିର୍ବାଚନ ଲଢି ପରାସ୍ତ ହୋଇଥିଲେ ହେଁ ୪୦, ୪୦ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ବିନୋଦ କୁହନ୍ତି, ୨୦୦୦ ମସିହାରୁ ନିର୍ବାଚନମଣ୍ଡଳୀ ବିକାଶ କ୍ଷେତ୍ରରେ ପଛରେ ପଡିଛି। ଲୋକଙ୍କ ସମସ୍ୟା ଶୁଣାଯାଉନି। କଂଗ୍ରେସ ସରକାର ଆସିଲେ ଚାଷୀଙ୍କ ସମସ୍ୟା ଦୂର ହେବ। ଦଳରୁ ସୁରଜ ବାଗ, ସୂର୍ଯ୍ୟକାନ୍ତି ବାଗ, ବିଷୟା ତରିଆ ଓ ଭୋଳାନାଥ ସାଗର ପ୍ରମୁଖ ଟିକେଟ ଆଶାୟୀ ଅଛନ୍ତି ।


ପଦ୍ମନାଭ ବେହେରା


ଆନନ୍ଦ ବାରିକ


ମିନୋଦ ପାତ୍ର


ରଘୁନାଥ ଜଗଦଲା

# ବିଷ୍ଣୁ ପ୍ରାର୍ଥୀ ହେଲେ ସମର୍ଥନ କରିବେ ରାଜଶ୍ରୀ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ରାଜଶ୍ରୀ ମଲ୍ଲିକ | ୮୮,୯୫୩ |
| କଂଗ୍ରେସ | ରାଜକିଶୋର ବେହେରା | ୫୩,୫୦୫ |
| ଭାଜପା | ରମାକାନ୍ତ ଭୋଇ | ୧୪, ୫୧୬ |


ରାଜଶ୍ରୀ ମଲ୍ଲିକ


ମିନତି ବେହେରା


ବିଷ୍ଣୁଚରଣ ଦାସ


ଦେବେନ୍ଦ୍ର ମଲ୍ଲିକ


ରମାକାନ୍ତ ଭୋଇ


ପ୍ରତିମା ମଲ୍ଲିକ

ପ୍ରମୋଦ କୁମାର ନାୟକ
ଜଗତ୍‌ସିଂହପୁର ଅଫିସ,୧୭।୩

## ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ



**ମୋଟ୍ ଭୋଟର**
୨,୩୪,୧୭୯
**ପୁରୁଷ ଭୋଟର**
୧,୨୨,୨୬୩
**ମହିଳା ଭୋଟର**
୧,୧୧,୮୮୨
**ଅନ୍ୟାନ୍ୟ**
୩୪

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଏଠାରେ ଏପ୍ରିଲ ୨୯ରେ ହେବାକୁ ଥିବା ନିର୍ବାଚନରେ ପ୍ରାର୍ଥୀ ଦେବାକୁ କଂଗ୍ରେସ ଓ ଭାଜପା ଅପେକ୍ଷା ବିଜେଡିକୁ ଅଧିକ କସରତ କରିବାକୁ ପଡ଼ିବ। କାରଣ ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଆସିଛି। ଏଠାରେ ବିଧାୟିକା ଅଛନ୍ତି ବିଜେଡିର ରାଜଶ୍ରୀ ମଲ୍ଲିକ। ତାଙ୍କ ସହ ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସଙ୍କ ବିବାଦ ଥିବା କୁହାଯାଏ। ଏପରି କି ରାଜଶ୍ରୀଙ୍କ ବିରୋଧରେ ଅସନ୍ତୁଷ୍ଟ ଗୋଷ୍ଠୀ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଉଚ୍ଚସ୍ତରରେ ଏକାଧିକବାର ଉଦ୍ୟମ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରାଜଶ୍ରୀ ଗତଥର ପରି ଏଥର ମଧ୍ୟ ବିଜେଡି ଟିକେଟ୍‌ରେ ମଇଦାନକୁ ଓହ୍ଲାଇବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ବିଦ୍ରୋହୀମାନେ ବିଷ୍ଣୁଙ୍କୁ ପ୍ରାର୍ଥୀ କରିବାକୁ ଦାବି କରୁଛନ୍ତି। ଏଭଳି ସ୍ଥିତିରେ ଦଳ ଯାହା ନିଷ୍ପତ୍ତି ନେବ, ତାହା ମାନିନେବେ ବୋଲି ରାଜଶ୍ରୀ କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଦଳ ବିଷ୍ଣୁଙ୍କୁ ପ୍ରାର୍ଥୀ କଲେ ସେ ସମର୍ଥନ କରିବେ। ଅନ୍ୟପକ୍ଷରେ ବିଷ୍ଣୁ କହିଛନ୍ତି ଯେ, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ଅଞ୍ଚଳର ଲୋକେ ତାଙ୍କଠାରୁ ଅନେକ ଆଶା ରଖିଛନ୍ତି। କିନ୍ତୁ ସେ ତାହା ପୂରଣ କରିପାରିନାହାନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ ଯେଉଁ ପ୍ରାର୍ଥୀମାନଙ୍କ ଉପରେ ଆସ୍ଥା ପ୍ରକଟ କରି ବାଟ ଛାଡିଥିଲେ ସେମାନେ ଲୋକଙ୍କ ସହ ଖେଳିଛନ୍ତି। ତେଣୁ ଏଥର ସେ ନିଜେ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶାୟୀ ବୋଲି କହିଛନ୍ତି। ସେହିପରି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ମିନତି ବେହେରା ମଧ୍ୟ ଦୌଡରେ ଅଛନ୍ତି। ୧୯୯୭ରେ ସେ ତିର୍ତ୍ତୋଲ ଜିଲା ପରିଷଦ ଜୋନ ସଂଖ୍ୟା ୩ରୁ ଜନତା ଦଳ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୦୫ରେ ଜିଲା ବିଜୁ ଜନତା ଦଳ ସଭାନେତ୍ରୀ, ୨୦୦୫-୧୦ ଭିତରେ ଦଳ ମହିଳା ସଙ୍ଗଠନ ଅବିଭକ୍ତ କଟକ ଜିଲା ସଭାପତି, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ, ୨୦୧୫-୧୮ରେ ଭିନ୍ନକ୍ଷମ କମିଶନର ପଦବୀରେ ରହିଥିଲେ। ଟିକେଟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାଙ୍ଗଠନିକ କାର୍ଯ୍ୟରେ ଜଡିତ ରହିବେ ବୋଲି ମିନତି କହିଛନ୍ତି।

ଭାଜପାରୁ ଏକମାତ୍ର ଆଶାୟୀ ହେଉଛନ୍ତି ରମାକାନ୍ତ ଭୋଇ। ପୂର୍ବରୁ ସେ ଇଞ୍ଜିନିୟରିଂ କଲେଜରେ ଚାକିରି କରିଥିଲେ। ୨୦୧୪ରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ପ୍ରଥମେ ସେ ବିଜେଡିରୁ ପ୍ରାର୍ଥୀ ହେବାକୁ ଚାହିଁଥିଲେ। କିନ୍ତୁ ଟିକେଟ୍ ନ ମିଳିବାରୁ ଭାଜପାରେ ଯୋଗ ଦେଇଥିଲେ। ଏବେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ଗତ ୫ ବର୍ଷ ଭିତରେ ସେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କିତ ଅନେକ ପ୍ରସଙ୍ଗ ଉଠାଇ ଆନ୍ଦୋଳନ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାଜପାର ଲଗାତର କାର୍ଯ୍ୟକ୍ରମ ଲୋକଙ୍କୁ ଆକର୍ଷିତ କରିଛି ବୋଲି ରମାକାନ୍ତ କହିଛନ୍ତି। କଂଗ୍ରେସରୁ କିନ୍ତୁ ଏଠାରେ ୩ ଆଶାୟୀ ଅଛନ୍ତି। ସେମାନେ ହେଲେ ଦେବେନ୍ଦ୍ର ମଲ୍ଲିକ, ରାଜକିଶୋର ବେହେରା ଓ ପ୍ରତିମା ମଲ୍ଲିକ। ଦେବେନ୍ଦ୍ର ମାମୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକ କଂଗ୍ରେସରୁ ବିଧାୟକ ଥିବାବେଳେ ରାଜନୀତି ଆଡକୁ ମନ ବଳାଇଥିଲେ। ସେତେବେଳେ ସେ ଜଗତ୍‌ସିଂହପୁର ବ୍ଲକ ଯୁବ କଂଗ୍ରେସ ଉପସଭାପତି ହୋଇଥିଲେ। ୨୦୦୪ରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ଅନୁସୂଚିତ ଜାତି ସେଲ ସମ୍ପାଦକ ଓ ୨୦୧୪ରେ ଅଧ୍ୟକ୍ଷ ହୋଇଥିଲେ। ଏହା ପୂର୍ବରୁ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ଉପସଭାପତି ଥିଲେ। ୨୦୧୬ରେ ଅନୁସୂଚିତ ଜାତି ସେଲ ରାଜ୍ୟ ଆବାହକ ହୋଇଛନ୍ତି। ତାଙ୍କ ସ୍ତ୍ରୀ ତିର୍ତ୍ତୋଲ ପଞ୍ଚାୟତ ସମିତି ସଭ୍ୟା ଅଛନ୍ତି। ଏଥିସହ ୪ ବର୍ଷରୁ ଅଧିକ ହେବ ଜିଲା ଭିଜିଲାନ୍ସ ମନିଟରିଂ କମିଟି ସଭ୍ୟ ରହିଛନ୍ତି। ଗତଥର ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କିନ୍ତୁ ଚିରଞ୍ଜୀବ ବିଶ୍ୱାଳଙ୍କ କଥା ରକ୍ଷା କରି ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏଥର ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଦେବେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ ଆଶାୟୀ ରାଜକିଶୋର ବେହେରା ଛାତ୍ର ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ। ୨୦୦୦ରେ ଜିଲା କଂଗ୍ରେସ ଲିଗାଲ ସେଲ କନଭେନର, ୨୦୦୨-୦୭ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ-୩ର ସଭ୍ୟ, ୨୦୦୭-୧୨ ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ-୪ର ସଭ୍ୟ ହୋଇଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ ଏହି ଆସନରୁ ୨ଥର ପ୍ରାର୍ଥୀ ହୋଇ ହାରିଥିଲେ। ଅନ୍ୟତମ ଆଶାୟୀ ପୂର୍ବତନ ବିଧାୟକ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଝିଅ ପ୍ରତିମା ମଲ୍ଲିକ ୨୦୦୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ହାରିଥିଲେ। ପୂର୍ବରୁ ଜିଲା ପରିଷଦ ସଭ୍ୟା ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏବେ ସେ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଅଛନ୍ତି। ପୂର୍ବରୁ ୬ ବର୍ଷ କାଳ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଥିଲେ। ଗତ ନିର୍ବାଚନରେ ତିର୍ତ୍ତୋଲରୁ କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଚାହିଁଥିଲେ। ଏଥର ଦଳ ତାଙ୍କୁ ଟିକେଟ୍ ଦେବ ବୋଲି ସେ ଆଶାବାଦୀ। ଟିକେଟ ନ ମିଳିଲେ ଦଳୀୟ ଶୃଙ୍ଖଳା ଭିତରେ ରହି କାମ କରିବେ ବୋଲି ପ୍ରତିମା କହିଛନ୍ତି।

## କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ



# ତ୍ରିମୁଖୀ ଲଢ଼େଇ ସମ୍ଭାବନା

କେ. ରାଜଶେଖର ରାଓ
କୋଟପାଡ଼,୧୭।୩

ଓଡ଼ିଶା ସୀମାନ୍ତରେ ଥିବା କୋରାପୁଟ ଜିଲା କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଦୁର୍ଗ ଭାବେ ରହିଆସିଛି। ପ୍ରାୟତଃ ଏଠାରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିଛି। ଚଳିତ ଥର ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ୩ଟି ପ୍ରମୁଖ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀ ମଧ୍ୟ ତତ୍ପର ହୋଇପଡ଼ିଛନ୍ତି। ଭାଜପା ଓ ବିଜେଡି ଏହି ଆସନ ହାତେଇବା ପାଇଁ ଗ୍ରାମାଞ୍ଚଳରେ ଘନ ଘନ ବୈଠକ କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଠାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରୁ କଂଗ୍ରେସର ଚନ୍ଦ୍ରଶେଖର ମାଝି, ବିଜେଡିର ପଦ୍ମିନୀ ଦିଆନ, ଖଗେଶ୍ୱର ପୂଜାରୀ, ଦୁର୍ଗା ମାଝି, ବିକ୍ରମ ମାଝି ରହିଥିବା ବେଳେ ଭାଜପା ଦଳରୁ ଖଗେଶ୍ୱର ପୂଜାରୀ, ସନ୍ତୋଷ ଶିରା, ଏମ୍. ଭତରା, ଘନ ସମରଥ, ଗୋପୀ ନାୟକ ଅଛନ୍ତି ।

ପୂର୍ବରୁ ଏଠାରେ କଂଗ୍ରେସର ସ୍ୱର୍ଗତ ବାସୁଦେବ ମାଝି ୮ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୧୯୯୦ରେ ଥରେ ମାତ୍ର ଜନତା ଦଳର ପ୍ରାର୍ଥୀ ସଦନ ନାୟକ ବିଧାୟକ ହୋଇଥିଲେ । ୧୯୯୫ରେ ପୁନର୍ବାର ବାସୁଦେବ ମାଝି ବିଜୟୀ ହୋଇ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏଠାରୁ ବିଧାୟକ ରହିଥିଲେ। ୨୦୧୪ରେ ତାଙ୍କର ମୃତ୍ୟୁ ପରେ ଭାଇ ଚନ୍ଦ୍ରଶେଖର ମାଝି ଟିକେଟ ପାଇ ବିଜୟୀ ହେବା ପରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ ବିଜେଡି ଭଲ ସଙ୍ଗଠନ କରିଥିବା ବେଳେ ଶେଷ ମୁହୂର୍ତ୍ତରେ ଟିକେଟ ବଣ୍ଟନରେ ଗୋଳମାଳ ହେବା ଯୋଗୁ କଂଗ୍ରେସ ପୁଣି ବିଜୟୀ ହୋଇଥିଲା। ପୂର୍ବରୁ ବିଜେଡିର ପଦ୍ମିନୀ ଦିଆନଙ୍କୁ ଟିକେଟ ଦେବା ପାଇଁ ଜିଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ତତ୍କାଳୀନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗି ନିର୍ବାଚନ ନ ଲଢ଼ିବାରୁ ତାଙ୍କ ପୁଅ ଅଶୋକ ପାଙ୍ଗିଙ୍କୁ ଦଳ ଟିକେଟ ଦେଇଥିଲା। ଫଳରେ ଦଳୀୟ କନ୍ଦଳରୁ କଂଗ୍ରେସ ପାଇଁ ବିଜୟର ବାଟ ପରିଷ୍କାର ହୋଇଥିଲା। କିନ୍ତୁ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିବା ବେଳେ ଭାଜପାର ଭୋଟର ସଂଖ୍ୟା ବଢ଼ିଛି । ତେଣୁ ଚଳିତ ସାଧାରଣ ନିର୍ବାଚନରେ କୋଟପାଡ଼ ଆସନରେ ତ୍ରିମୁଖୀ ଲଢ଼େଇର ଯଥେଷ୍ଟ ସମ୍ଭାବନା ରହିଛି।

ଚଳିତ ନିର୍ବାଚନ ପାଇଁ ସବୁ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ଲମ୍ୱା ତାଲିକା ରହିଛି। ବିଜେଡି ଯଦି ଜଣେ ମହିଳାଙ୍କୁ ପ୍ରାର୍ଥୀ କରେ, ତେବେ ଏଠାରୁ ବିଜେଡିର ପଦ୍ମିନୀ ଦିଆନ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ପଦ୍ମିନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଜନତା ଓ କର୍ମୀଙ୍କ ସହ ରହିଛନ୍ତି। ଗତ ନିର୍ବାଚନରୁ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏଥର କର୍ମୀଙ୍କ ନିଷ୍ପତ୍ତି ଯୋଗୁଁ ଟିକେଟ୍ ପାଇଁ ଆବେଦନ କରିଛନ୍ତି। ପ୍ରାର୍ଥୀ ହେଲେ କଂଗ୍ରେସର ଗଡ଼ ଭାଙ୍ଗିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଓ ଭାଜପାର କେହି ହେଲେ ମହିଳା ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ହେବାକୁ ଆଶାୟୀ ନାହାନ୍ତି। କଂଗ୍ରେସର ଚନ୍ଦ୍ରଶେଖର ମାଝି କହିଛନ୍ତି, ସେ ଅଞ୍ଚଳରେ ବିଭିନ୍ନ ମେଡିକାଲ, ପୋଲ ନିର୍ମାଣ ଓ ଚାଷୀଙ୍କ ଉନ୍ନତି ପାଇଁ କାମ କରିଛନ୍ତି। ଆଉ ଯେଉଁ ଅଧୁରା କାମ ରହିଛି, ଟିକେଟ୍ ମିଳିଲେ ତାହା ଶେଷ କରିବେ। ଅନ୍ୟପକ୍ଷରେ ଏଠାରେ ଯେଉଁ ଉନ୍ନୟନ କାର୍ଯ୍ୟ ହୋଇଛି, ତାହା ବିଜେଡି ସରକାର କରିଥିବା ଦଳ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଭାଜପାରୁ ଆଶାୟୀ ପ୍ରାର୍ଥୀ ଥିବା ଖଗେଶ୍ୱର ପୂଜାରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗ୍ରାମାଞ୍ଚଳରେ ଲାଗୁ କରା ନ ଯାଇ ଅନ୍ୟ ଦଳ ତାହାକୁ ହାଇଜାକ୍ କରି ନିଜ ନାମରେ ପ୍ରଚାର ଚଳାଇଛି। କୋଟପାଡ଼ରୁ ମାତ୍ର ଅଳ୍ପ କିମି ଦୂରରେ ଥିବା ଛତିଶଗଡ଼ରେ ଭାଜପା ସରକାର ଥାଇ ଯେଉଁ ବିକାଶ ହୋଇଛି, ତାହା ଏଠାରେ ହୋଇନାହିଁ। ସେ ଦଳ ପାଇଁ ଶୃଙ୍ଖଳିତ ଭାବେ କାମ କରିଛନ୍ତି। କର୍ମୀଙ୍କ ଆହ୍ୱାନ ଯୋଗୁ ଟିକେଟ୍ ପାଇଁ ଆଶାବାଦୀ ମଧ୍ୟ ରହିଛନ୍ତି। ସେ ପ୍ରାର୍ଥୀ ହେଲେ ଏଠାରୁ ଭାଜପା ଖାତା ଖୋଲିବ।

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ବାସୁଦେବ ମାଝି | ୪୫,୬୦୩ |
| ବିଜେଡି | ଗୋପୀନାଥ ନାୟକ | ୩୪,୩୬୯ |
| ଭାଜପା | ପଦ୍ମନାଭ ମାଝି | ୨୦,୪୪୨ |

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ଚନ୍ଦ୍ରଶେଖର ମାଝି | ୭୧,୦୧୭ |
| ବିଜେଡି | ଅଶୋକ ପାଙ୍ଗି | ୩୯,୬୭୭ |
| ଭାଜପା | ପଦ୍ମନାଭ ମାଝି | ୨୦,୬୯୯ |

**ମୋଟ୍ ଭୋଟର**
୧,୯୪,୩୬୧
**ମହିଳା**
୯୯,୬୨୯
**ପୁରୁଷ**
୯୪,୭୨୩
**ତୃତୀୟ ଲିଙ୍ଗ**
୯


### ନିର୍ବାଚନ ମଣ୍ଡଳୀ ରୂପରେଖ

ବୈପାରୀଗୁଡ଼ା ବ୍ଲକର ୯ଟି ପଞ୍ଚାୟତ, ବୋରିଗୁମ୍ମା ବ୍ଲକର ୧୨ଟି ପଞ୍ଚାୟତ, କୋଟପାଡ଼ ବ୍ଲକର ୧୭ଟି ପଞ୍ଚାୟତ, କୁନ୍ଦୁରା ବ୍ଲକର ୧୮ଟି ପଞ୍ଚାୟତ ଏବଂ କୋଟପାଡ଼ ଏନ୍‌ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଛି।


ଚନ୍ଦ୍ରଶେଖର ମାଝି


ଖଗେଶ୍ୱର ପୂଜାରୀ


ପଦ୍ମିନୀ ଦିଆନ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ଆଜିଠୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

କୋରାପୁଟ,୧୭।୩(ସ୍ୱ.ପ୍ର.):କୋରାପୁଟ ଜିଲା ଛାତ୍ର ବିଜେଡି ପକ୍ଷରୁ ସୋମବାରଠାରୁ ଆରମ୍ଭ କରାଯିବ 'ହକ୍ ମାଗେ ଓଡ଼ିଶା କାର୍ଯ୍ୟକ୍ରମ। ସ୍ଥାନୀୟ କୋରାପୁଟ ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଛାତ୍ର ବିଜୁଜନତା ଦଳର ସଭାପତି ଶିବରାଜ କନ୍ଧପାନ ଏହି ସୂଚନା ଦେଇଛନ୍ତି। ଏକମାସ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଜରିଆରେ ଜିଲାର ୨୯ଟି ଜୋନ ସମେତ ୪ଟି ପୌରାଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପ୍ରତି ଅବହେଳା କରାଯାଇଥିବା ନେଇ ବିଜେଡି ପକ୍ଷରୁ କେନ୍ଦ୍ରକୁ ୯ଟି ପ୍ରଶ୍ନ କରାଯାଇଛି। ବିଗତ ଦିନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ୯ଟି ପ୍ରଶ୍ନ ପଚାରିଥିଲେ। କେନ୍ଦ୍ର ସରକା ବିଆରଜିଏଫ, କେବିକେ ସମେତ ୯ଟି ଯୋଜନାକୁ କାଟି ଓଡ଼ିଶାକୁ ଅବହେଳା କରିଛି। ବିଭିନ୍ନ ଯୋଜନାରେ କେନ୍ଦ୍ର ନିଜ ଅଂଶ ବାବଦକୁ ସଠିକ ଅର୍ଥ ଦେଉ ନଥିବା ସତ୍ତ୍ୱେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଆସୁଛି ବୋଲି ଛାତ୍ର ବିଜୁ ଜନତା କହିଛି। କେନ୍ଦ୍ରର ଅବହେଳା ଓ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ପଚାରିଥିବା ୯ଟି ପ୍ରଶ୍ନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ଜିଲା ଛାତ୍ର ବିଜେଡି। ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟବେକ୍ଷକ ଦିନେଶ ମହାରଣା, କୋରାପୁଟ ବ୍ଲକ ବିଜେଡି ସଭାପତି ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ।

### ଅଭୟ ଆଞ୍ଜେନେୟଙ୍କ ବାର୍ଷିକ ଉତ୍ସବ



ଦାମନଯୋଡି, ୧୭।୩(ଡି.ଏନ୍.ଏ.): ଦାମନଯୋଡି ନାଲ୍କୋ ଟାଉନସିପ୍ ସେକ୍ଟର-୨ସ୍ଥିତ ହନୁବାଟିକା ପରିସରରେ ପ୍ରଭୁ ଅଭୟ ଆଞ୍ଜେନେୟଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ସୂର୍ଯ୍ୟପୂଜା, ସୂର୍ଯ୍ୟସ୍ନାନ, ଘଟ ମଣ୍ଡଳାଦି ପୂଜା, ଅଗ୍ନି ସ୍ଥାପନ ଓ ଗୀତାଯଜ୍ଞ ସହ ସନ୍ଧ୍ୟାରେ ପୂର୍ଣ୍ଣାହୃତି ଦିଆଯାଇଥିଲା। ପଣ୍ଡିତ ବିନୟ ମିଶ୍ର, ଜନାର୍ଦ୍ଦନ ମିଶ୍ର, ଶ୍ରୀଧର ଦାଶ, ନରେନ୍ଦ୍ର ପତି, ବଳିରାମ ରଥ ଓ ପ୍ରଭାତ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ଡିଜିଏମ୍ ରବି ନାରାୟଣ ଉପାଧ୍ୟାୟ, ସୁଜାତା ଉପାଧ୍ୟାୟ, ଆଲୋକ ରଥ, ସଂଯୁକ୍ତା ମିଶ୍ର ଏବଂ ଆଲୋକ ଚୌଧୁରୀ କର୍ତ୍ତାଭାବେ ଉପସ୍ଥିତ ଥିଲେ। ନାଲ୍କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ଓ ସୁଜାତା ପଟ୍ଟନାୟକ, ମହାପ୍ରବନ୍ଧକ ଭୀମସେନ ପ୍ରଧାନ ଓ ସୁମିତ୍ରା ପ୍ରଧାନ ଉପସ୍ଥିତ ଥିଲେ। ଶ୍ରୀ ଅଭୟ ଆଞ୍ଜେନେୟ ପରିଚାଳନା ସମିତି ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବରେ ଶ୍ୟାମସୁନ୍ଦର ପଣ୍ଡା, ଅନାମ ନାୟକ, ପ୍ରଭାକର ଜେନା, ବିଜୟ କୁମାର ସାହୁ, ଲକ୍ଷ୍ମୀ ସାହୁ, ମମତା ପାତ୍ର, ସୁନୀଲ ସାହୁ, ପ୍ରଫୁଲ୍ଲ ସାହୁ ଓ ସୁରେନ୍ଦ୍ର ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାଇକ ସମାଜର ଆନ୍ତଃ ବ୍ଲକସ୍ତରୀୟ ବୈଠକ



କୁନ୍ଦୁରା, ୧୭।୩(ଡି.ଏନ୍.ଏ.):କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରସ୍ଥିତ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଆନ୍ତଃ ବ୍ଲକସ୍ତରୀୟ ପାଇକ ସମାଜ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁନ୍ଦ୍ରା ବ୍ଲକ କୁଡୁମପଦର, ନୂଆଗୁଡା, ବାଗଦେରୀ, କୋଟପାଡ ବ୍ଲକର କୋଖାଂ, ମାଳିଗୁଡ଼ା, ଜୟପୁର ବ୍ଲକର ଝିଲିମିଲି, ତାଟିବେଡା ଏବଂ ବୈପାରୀଗୁଡ଼ା ବ୍ଲକର ରାମପୁର ଓ ପାତ୍ରଗୁଡ଼ାର ପାଇକମାନେ ଯୋଗ ଦେଇଥିଲେ। ପାଇକ ସମାଜର ଗରୀବ ଶ୍ରେଣୀୟ ଲୋକେ ବିଭିନ୍ନ ସମୟରେ ଅବହେଳିତ ହୋଇ ରହୁଛନ୍ତି। ସେମାନଙ୍କ ବିବାହ, ବେଦାନ୍ତ ଠିକ୍‌ଭାବେ ହୋଇପାରୁନି। ଗରୀବ ପରିବାର ଓ ପାଇକ ସମାଜ ଛାତ୍ରୀଛାତ୍ରଙ୍କ ପାଇଁ ସମାଜ ପକ୍ଷରୁ ସହଯୋଗ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ସମାଜ ପକ୍ଷରୁ ଚିକିତ୍ସା ସହାୟତା ସହ ଅତି ଗରୀବ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁଦୃଢ କରାଯିବା ନେଇ ଆଲୋଚନାହୋଇଥିଲା। କାର୍ଯ୍ୟକ୍ରମରେ ତ୍ରିପତି ଗୁରୁ, ଦୈତାରୀ ମଲ୍ଲିକ, ଭଗବାନ ମଲ୍ଲିକ, ସୁଧୀର ମଲ୍ଲିକ, ସଦାଶିବ ଜେନା, ମକରକାନ୍ତ ମଲ୍ଲିକ, ଗୁପ୍ତ ନାୟକ ଭଗବାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବାରକୁ ହସ୍ତାନ୍ତର ହେଲେ ୨୬ ଶ୍ରମିକ

ଜୟପୁର/କୁନ୍ଦୁରା,୧୭।୩ (ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ୪ଟି ଗ୍ରାମର ୨୬ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇ ତାମିଲନାଡୁର ଏକ କୁକୁଡ଼ା ଫାର୍ମରେ ଅଟକ ଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଶ୍ରମ ବିଭାଗ ଓ ପୋଲିସର ତତ୍ପରତା କ୍ରମରେ ଏହି ୨୬ ଜଣଙ୍କୁ ଉଦ୍ଧାର କରାଯାଇଛି। ରବିବାର ପୂର୍ବାହ୍ନରେ ସେମାନଙ୍କୁ ଜୟପୁର ଜିଲା ଶ୍ରମ କାର୍ଯ୍ୟାଳୟକୁ ଅଣାଯିବା ପରେ କୁନ୍ଦୁରା ଥାନାକୁ ପଠାଯାଇ ପୋଲିସ ଜରିଆରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଅଟକ ରହିଥିବା ୨୬ଜଣ ଶ୍ରମିକଙ୍କ ପରିବାର ଗତ ୨୮ ତାରିଖ କୁନ୍ଦୁରା ଥାନା ଓ ଜୟପୁର ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ପ୍ରଶାସନ ତତ୍ପର ହୋଇଥିଲା। ଜୟପୁର ଏସ୍‌ଡିପିଓ ସାଗରିକା ନାଥ ତାମିଲନାଡୁର ନାମକୋଲ ଜିଲା ଏସ୍‌ପିଙ୍କ ସହ ଆଲୋଚନା କରିବା ପରେ ସେଠାକାର ମାମନୁର ଥାନା ପୋଲିସ ମାଲ୍ୟାପାଲମ ନାମକ ଗାଁରେ ଚଢ଼ାଉ କରିଥିଲା। ସେଠାରେ ଥିବା ରବି ପୌଲଟ୍ରିର ୪ଟି କୁକୁଡ଼ା ଫାର୍ମରୁ ଗତ ଗୁରୁବାର ରାତିରେ କୁନ୍ଦୁରା ବ୍ଲକ ବାଗଦେରୀ ଓ ଆସନା



ଜୟପୁରସ୍ଥିତ ଶ୍ରମଅଧିକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଧାର ହୋଇଥିବା ଶ୍ରମିକମାନେ।

- ଦଲାଲଙ୍କୁ ନୋଟିସ ପରେ ହେବ ମାମଲା
- ୧୪ ଜଣ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ

ପଞ୍ଚାୟତର ସିନ୍ଧିଭଟ୍ଟା, ପଦରଖଣ୍ଡା, ସିରିବେଡ଼ା ଏବଂ ବାକଟିଗୁଡ଼ା ଗ୍ରାମର ୨୬ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କୁ ସାଲେମ ଷ୍ଟେସନରୁ ଚେନ୍ନାଇ ଓ ସେଠାରେ ଓଡ଼ିଆ ସମାଜର ମାନବ ପଟ୍ଟନାୟକଙ୍କ ସହାୟତାରେ ବିଜୟନଗରମରୁ ଜୟପୁର ଅଣାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ଏ. ଶୋଭାସୁନ୍ଦରଙ୍କ ନେତୃତ୍ୱରେ କୁନ୍ଦୁରା ଥାନା କର୍ମଚାରୀ ସୋମନାଥ ଗରଡ଼ା ଓ ପ୍ରଦୀପ ଦାଶ ଉଦ୍ଧାର ଶ୍ରମିକଙ୍କୁ ଜୟପୁର ଶ୍ରମ କାର୍ଯ୍ୟାଳୟକୁ ଆଣିବା ପରେ ସେମାନଙ୍କ କାଗଜପତ୍ର ଯାଞ୍ଚ ଓ ବୟାନ ରେକର୍ଡ଼ କରାଯାଇଥିଲା। ଏହାପରେ କୁନ୍ଦୁରା ଥାନା ନିଆଯାଇ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି। ଦଲାଲ ସାଜିଥିବା ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବଡ଼ଆମଡ଼ା ପଞ୍ଚାୟତ ମାକିଡି ଗ୍ରାମର ଘନଶ୍ୟାମ ଭଟ୍ଟଙ୍କୁ କୁନ୍ଦୁରା ଥାନାରେ ଅଟକ ରଖାଯାଇଛି। ବିନା ଲାଇସେନ୍ସରେ ଶ୍ରମିକ ଚାଲାଣ କରିଥିବାରୁ ଦଲାଲଙ୍କୁ ନୋଟିସ ଦିଆଯିବା ସହ ମାମଲା ରୁଜୁ କରାଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି। ଫେରିଆସିଥିବା ଶ୍ରମିକଙ୍କ କହିବାନୁଯାୟୀ, ଦଲାଲ ଭଟ୍ଟ ସେମାନଙ୍କୁ ମାଲ୍ୟାପାଲାମ ସ୍ଥିତ କୁକୁଡ଼ା ଫାର୍ମରେ ନିୟୋଜିତ କରିଥିଲେ। ସେଠାରେ ସେମାନଙ୍କୁ ଭୋର୍ ୪ଟାରୁ ଫାର୍ମ ସମେତ ଚାଷ ଓ ଘରୋଇ କାମରେ ଲଗାଯାଉଥିଲା। ୧୬ ଘଣ୍ଟା ଖଟାଯାଉଥିବା ବେଳେ ମାସକୁ ୯୫୦୦ ଟଙ୍କା ବଦଳରେ ଦୈନିକ ୨ଶହ ଟଙ୍କା ଦିଆଯାଉଥିଲା। ଏହାସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଜଣେ ନାବାଳକ ଶ୍ରମିକ କହିଛନ୍ତି। ଉଦ୍ଧାର ହୋଇଥିବା ଶ୍ରମିକଙ୍କ ମଧ୍ୟରେ ୧୨ ଜଣ ନାବାଳକ ଥିବାବେଳେ ୧୮ ବର୍ଷରୁ ଅଧିକ ବୟସ ହୋଇଥିବା ୧୪ ଜଣ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି।

# ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଲା ୟୁଜିବି ଅଧିକାରୀ ସଂଘ

ଜୟପୁର,୧୭।୩(ନି.ପ୍ର.)

ମ୍ୟାନେଜମେଣ୍ଟର ପ୍ରତାରଣା ପରେ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଅଧିକାରୀ ସଂଘ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଛି। ସ୍ଥାନୀୟ ହୋଟେଲରେ ରବିବାର ଅନୁଷ୍ଠିତ ଅଧିକାରୀ ସଂଘର ଜୟପୁର ଆଞ୍ଚଳିକ ସଭାରେ ଏହା ସ୍ପଷ୍ଟ ହୋଇଛି। ଆଞ୍ଚଳିକ ସଭାପତି ସୁନିଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯୋଗଦେଇ ସଂଘ ସଭାପତି ପ୍ରକାଶ ମହାପାତ୍ର ଓ ସାଧାରଣ ସମ୍ପାଦକ ଆଶୁତୋଷ ମିଶ୍ର ମ୍ୟାନେଜମେଣ୍ଟକୁ କଡ଼ା ସମାଲୋଚନା କରିଥିଲେ। ଦାବି ପୂରଣ ଦିଗରେ ମ୍ୟାନେଜମେଣ୍ଟର କାଳକ୍ଷେପଣ ନୀତିକୁ ବିରୋଧ କରିବା ସହ ମାର୍ଚ୍ଚ ୧୮ରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଉଥିବା ସେମାନେ ସୂଚନା ଦେଇଛନ୍ତି। ନିଷ୍ପତ୍ତି ମୁତାବକ ଏଆଇଆରଆରବିଇଏ ସମର୍ଥିତ ସଂଘର ଅଧିକାରୀମାନେ ମାର୍ଚ୍ଚ ୧୮ରୁ ୨୪ ତାରିଖ ଯାଏଁ ପ୍ରତିବାଦ ଜଣାଇ କଳାବ୍ୟାଜ ପିନ୍ଧିବେ। ୨୫ରୁ ବଲାଙ୍ଗିର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ସମସ୍ତ କର୍ମକର୍ତ୍ତା ଧାରଣାରେ ବସିବେ। ଏହାସତ୍ତ୍ୱେ ମ୍ୟାନେଜମେଣ୍ଟ ନିଦ ନ ଭାଙ୍ଗିଲେ ଆନ୍ଦୋଳନ ତୀବ୍ର କରି ବ୍ୟାଙ୍କ ଅଚଳ କରି ଦିଆଯିବ ବୋଲି ସମ୍ପାଦକ ଓ ସଭାପତି ଚେତାବନୀ ଦେଇଛନ୍ତି । ଉପସଭାପତି ଚନ୍ଦ୍ରକାନ୍ତ ବିଶ୍ୱାଳ, ଜୟପୁରର ଆଞ୍ଚଳିକ ପ୍ରବନ୍ଧକ ଶୁଭେନ୍ଦୁ ରାଜଗୁରୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଆଞ୍ଚଳିକ ସଂପାଦକ ବିଭୂତି ମହାପାତ୍ର, ସୁଶାନ୍ତ ପଟ୍ଟନାୟକ, ଜୟନ୍ତ ଛନ୍ଦା, ରମେଶ ମହାକ୍ଳୁଡ, ମକରଧ୍ୱଜ ଉତ୍ତରସିଲି, ରାଜେନ୍ଦ୍ର ବାଉରୀ, ଅନୀଲ କୁମାର, ଲକ୍ଷ୍ମୀ ନାରାୟଣ ସାସମଲ ଯୋଗ ଦେଇଥିଲେ। ସବୁ ପଦବୀ ପାଇଁ ତୁରନ୍ତ ନୂଆ ନିଯୁକ୍ତି, ପଦୋନ୍ନତି, ଏଲ୍‌ଏଫ୍‌ସିରୁ ବଞ୍ଚିତ କରାଯାଇଥିବା ସମସ୍ତ କର୍ମଚାରୀଙ୍କୁ ନ୍ୟାଯ୍ୟ ସୁବିଧା ପ୍ରଦାନ ତଥା ଉନ୍ନତ ଗ୍ରାହକ ସେବା ପାଇଁ ଆବଶ୍ୟକ ହେଉଥିବା ସୁବିଧା ସୁଯୋଗ ନ ଯୋଗଇବା ଯାଏଁ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ସାଧାରଣ ସଂପାଦକ କହିଛନ୍ତି।



ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ସଂଘର ବୈଠକରେ ମଞ୍ଚାସୀନ ଅତିଥିମାନେ।

# ଖରାକୁ ବଢ଼ିଲାଣି ତରଭୁଜ ଚାହିଦା

କୋରାପୁଟ,୧୭।୩(ସ୍ୱ.ପ୍ର.)

କୋରାପୁଟ ଜିଲାରେ କିଛିଦିନ ହେବ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁଁ ସହରରେ ଆଖୁରସ ଓ ତରଭୁଜ ବ୍ୟବସାୟ ବୃଦ୍ଧି ପାଇଛି। ସହରର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସ୍ଥାନୀୟ ଆମ୍ବେଡକର ପାର୍କ, ଟ୍ରାଫିକ ଛକରେ ଏହି ବ୍ୟବସାୟ ଚାଲିଛି। ପ୍ରତ୍ୟେକ ଦିନ ଟ୍ରକ୍ ଟ୍ରକ୍ ତରଭୁଜ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ରାମଭଦ୍ରପୁରମ, ବିଜୟାୱାଡ଼ା, ରାଜମୁନ୍ଦେରି, ଛତିଶଗଡ଼ର ଜଗଦଲପୁର ଓ ମାଲକାନାଗିରି ଅଞ୍ଚଳରୁ କୋରାପୁଟ ସହରକୁ ଆସୁଛି। ଏହି ସବୁ ତରଭୁଜ ଏଠାରେ ପହଞ୍ଚିବା ପରେ ସ୍ଥାନୀୟ ବ୍ୟବସାୟୀ ଦାମନଯୋଡ଼ି, ସୁନାବେଡ଼ା, ସେମିଳିଗୁଡ଼ା, ଦଶମନ୍ତପୁର, ନନ୍ଦପୁର, ଲମତାପୁଟ, ଲକ୍ଷ୍ମୀପୁର, ବନ୍ଧୁଗାଁ ଭଳି ବିଭିନ୍ନ ବ୍ଲକ ଅଞ୍ଚଳର ଛୋଟ ଛୋଟ ବ୍ୟବସାୟୀଙ୍କ ଜରିଆରେ ବିକ୍ରି ପାଇଁ ପଠାଯାଉଛି। ବର୍ତ୍ତମାନ ସହରରେ ତରଭୁଜ ଗୋଟାକ ୪୦ରୁ ୧୪୦ ଟଙ୍କା ଯାଏଁ ବିକ୍ରି କରାଯାଉଥିବା ସ୍ଥାନୀୟ ବ୍ୟବସାୟୀ ସୀମାଞ୍ଚଳ ସାବତ କହିଛନ୍ତି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ତରଭୁଜର ଚାହିଦା ବଢ଼ିଥିବା ବେଳେ ଖରାତାତି ଅଧିକ ହେବା ସାଙ୍ଗକୁ ବେପାର ମଧ୍ୟ ଜମିବ ବୋଲି ବ୍ୟବସାୟୀ ଆଶା ରଖିଛନ୍ତି।



ବଜାରରେ ବିକ୍ରି ପାଇଁ ପହଞ୍ଚିଥିବା ତରଭୁଜ।

# ଅଧା ଅଣ୍ଡା ବାଟମାରଣା

ବୈପାରୀଗୁଡ଼ା,୧୭।୩(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତର୍ଗତ ମାକଡଡଙ୍ଗର ଗ୍ରାମର ଜଣେ ହିତାଧିକାରୀ ଅଙ୍ଗନୱାଡ଼ି କେନ୍ଦ୍ରରୁ ନିୟମିତ ଅଣ୍ଡା ପାଉ ନଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଡିଉଡି ଖିଲ କହିଛନ୍ତି ଯେ ତାଙ୍କ ୨ ବର୍ଷର ନାତି ପୂର୍ଣ୍ଣ ଖିଲଙ୍କ ନାମ ନିକଟସ୍ଥ କଦଳିପଦର ଅଙ୍ଗନୱାଡ଼ି କେନ୍ଦ୍ରରେ ରହିଛି। ୬ ମାସରୁ ୩ ବର୍ଷ ମଧ୍ୟରେ ଘରେ ରହୁଥିବା ଶିଶୁଙ୍କୁ ପ୍ରତି ମାସରେ ଗୋଟିଏ ପ୍ୟାକେଟ ଛତୁଆ ଓ ସପ୍ତାହକୁ ୩ଟି ଲେଖାଏଁ ହିସାବରେ ୧୨ଟି ଅଣ୍ଡା ମିଳେ। କିନ୍ତୁ ତାଙ୍କୁ ମାସକୁ ୧୨ଟି ବଦଳରେ ୬ଟି ଅଣ୍ଡା ମିଳୁଛି। ଅଙ୍ଗନୱାଡ଼ି କର୍ମୀ କେନ୍ଦ୍ରରେ ନରହି ପଣସପୁଟ ଗ୍ରାମରେ ରହିବା ସହ ରାଶନ ଦୋକାନରୁ ଅଣ୍ଡା କାଢ଼ି ଦେଉଛନ୍ତି। ଡିଉଡି ମାସକୁ ଥରେ ପଣସପୁଟ ଆସି ତାଙ୍କଠାରୁ ଛତୁଆ ଓ ଅଣ୍ଡା ନେଉଛନ୍ତି। ଗତ ମାସରେ ଡିଉଡି ଅଣ୍ଡା ପାଇଁ କର୍ମୀଙ୍କ ଘରକୁ ଯାଇଥିବା ବେଳେ ଦେହ ଭଲ ନ ଥିବାରୁ ଦୋକାନ ଖୋଲି ଅଣ୍ଡା ବାହାର କରି ହେବନାହିଁ ବୋଲି ଆଳ ଦେଖାଇ ସେ ଫେରାଇ ଦେଇଥିଲେ। ଏ ସଂପର୍କରେ ଅଙ୍ଗନୱାଡି କେନ୍ଦ୍ର ସୁପରଭାଇଜର ଘଟଣାର ଅନୁସନ୍ଧାନ କରି ପରେ ଜଣାଇବେ ବୋଲି କହିଥିଲେ।

# ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ବିଜ୍ଞପ୍ତି

କୋରାପୁଟ,୧୭।୩(ସ୍ୱ.ପ୍ର.)

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବ। ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସାରିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪ଟି ଲୋକସଭା ଓ ୨୮ଟି ବିଧାନସଭା ପାଇଁ ମତଦାନ ହେବ। କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଜିଲାର ୨ଟି ଲୋକସଭା ଆସନ ଓ ୧୪ଟି ବିଧାନସଭା ଆସନ ପାଇଁ ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। କୋରାପୁଟ ଜିଲାର ସଦର, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ଜୟପୁର ଓ କୋଟପାଡ଼ ବିଧାନସଭା ଆସନ ପାଇଁ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏଥିପାଇଁ କୋରାପୁଟ ଓ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୯ ଲକ୍ଷ ୪୮ ହଜାର ୬୬୨ ମତଦାତା ଜିଲାର ୧୧୪୧ଟି କେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିବେ। ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଆଚରଣ ବିଧି ମାନିବା ପାଇଁ ଜିଲା ପ୍ରଶାସନ ଅନୁରୋଧ କରିଛି।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପଟ୍ଟାଙ୍ଗି,୧୭।୩(ଡି.ଏନ୍.ଏ.)

ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସିକ୍ସ ବ୍ରଦର୍ସର ସଭାପତି ଆଞ୍ଜେଲ ବାଙ୍ଗା ଓ ସମ୍ପାଦକ ବଳରାମ ବାଙ୍ଗାଙ୍କ ଅଧ୍ୟକ୍ଷତାରେ ୧୦ ଦିନିଆ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି କରିଛନ୍ତି ଯେ, ଖେଳ ଏହିପରି ଏକ ମାଧ୍ୟମ ଯାହା ସୁସ୍ଥ ରଖିବା ସହ ଭାଇଚାରା ସୃଷ୍ଟି କରିଥାଏ। ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶୁତୋଷ ପ୍ରଧାନ ଓ ଫାର୍ମାସିଷ୍ଟ ରମେଶ ଚନ୍ଦ୍ର ସେନାପତି ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ନୂଆସାହି ସହ ଚମ୍ପାଖେଦା ଏବଂ ଚିଲିଗୁଡ଼ା ସହ ସିକ୍ସ ବ୍ରଦର ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ନୂଆସାହି ୪୧-୩୦ରେ ଚମ୍ପାଖେଦାକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସିକ୍ସ ବ୍ରଦର ୩୯-୨୪ରେ ଚିଲିଗୁଡ଼ାକୁ ପରାସ୍ତ କରିଥିଲା। ଟୁର୍ନାମେଣ୍ଟରେ ପଟ୍ଟାଙ୍ଗି ବ୍ଲକରୁ ୩୨ଟି ଦଳ ଅଂଶଗ୍ରହଣ କରିବେ। ଏଠାରୁ ୪ଟି ଦଳ ମନୋନୀତ ହୋଇ ମେ ମାସରେ ହେବାକୁ ଥିବା ରାତ୍ରିକାଳୀନ ଟୁର୍ନାମେଣ୍ଟରେ ଭାଗନେବେ। ସେଥିରେ ଜିଲାର ୧୪ ବ୍ଲକରୁ ଭଲିବଲ୍ ଟିମ୍ ସାମିଲ ହେବେ ବୋଲି ରେଫରି ପ୍ରଫୁଲ୍ଲ ବେହେରା ଓ ରବିନ୍ଦ୍ର ଶଙ୍କର ପଟ୍ଟନାୟକ କହିଛନ୍ତି। ଅନିଲ ବାଙ୍ଗା, ସିକେନ୍ଦ୍ର ଭତ୍ରା, ବିଜୟ ବାଙ୍ଗା, ୟୁନେସ ବାଙ୍ଗା, ଦିଲିପ ଖିଲ, ଧର୍ମେନ୍ଦ୍ର ଖରା ଓ ବାପି ଜାନି ଖେଳା ପରିଚାଳନାରେ ସହଯୋଗ କରିଥିଲେ।



ଭଲିବଲ ଟୁର୍ନାମେଣ୍ଟର ଶୁଭାରମ୍ଭ କରୁଛନ୍ତି ଅତିଥି।

## ■ ୮ ଗାଁକୁ ଦୁଃଖ ଦେଲା ତେଲେଙ୍ଗିରି ପ୍ରକଳ୍ପ

# ବିସ୍ଥାପିତଙ୍କ ବଡ଼ ଚିନ୍ତା ଜୀବିକା

**କୋରାପୁଟ ଜିଲା ପାଇଁ ବହୁ ପ୍ରତୀକ୍ଷିତ ଥିବା ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ଗତ ମାସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପ ଜିଲାର ଜୟପୁର ଓ ବୋରିଗୁମ୍ମା ବ୍ଲକର ୯୯୫୨ ହେକ୍ଟର ଚାଷଜମିକୁ ଶସ୍ୟଶ୍ୟାମଳା କରିବ ସତ। କିନ୍ତୁ ଏଥିପାଇଁ ଯେଉଁ ୬ଟି ଗାଁ ପାଣିରେ ବୁଡ଼ିଗଲା, ଅନ୍ୟ ୨ଟି ଗାଁ କ୍ଷତିଗ୍ରସ୍ତ ହେଲେ, ସେହି ବିସ୍ଥାପିତଙ୍କ ଜୀବନ ଜୀବିକା ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।**

**ସୁପ୍ରୀତ ପୂଜାରୀ**
**ଜୟପୁର,୧୭।୩**

କୋରାପୁଟ ଜିଲାରେ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଗତ ମାସ ୫ ତାରିଖ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ଜୟପୁର ଓ ବୋରିଗୁମ୍ମା ବ୍ଲକର ୯୯୫୨ ହେକ୍ଟର ଚାଷଜମିକୁ କେନାଲ ମାଧ୍ୟମରେ ଜଳ ଯୋଗାଣ ହେବ। ଫଳରେ ଚାଷୀମାନେ ପ୍ରତିବର୍ଷ ଖରିଫ୍ ଓ ରବିଋତୁରେ ଧାନଚାଷ କରି ନିଜ ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ। କିନ୍ତୁ ଅନ୍ୟପକ୍ଷରେ ତେଲେଙ୍ଗିରି ନଦୀଜଳକୁ ଅଟକାଇବା ଫଳରେ କୋରାପୁଟ ଓ ଜୟପୁର ବ୍ଲକର ୩ଟି ପଞ୍ଚାୟତ ଅଧୀନ ୬ଟି ଗାଁ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଗଲା। ଗୋଟିଏ ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟ ଏକ ଗ୍ରାମର ବାସିନ୍ଦା ଜଳଭଣ୍ଡାର ନିକଟରେ ରହୁଥିବା ଯୋଗୁଁ ସେମାନଙ୍କ ଘରଗୁଡ଼ିକ ସନ୍ତସନ୍ତିଆ ରହୁଛି।

ପ୍ରକଳ୍ପ ପାଇଁ ମୋଟ ୮ଟି ଗାଁ ପ୍ରଭାବିତ ହୋଇଛି। ସେମାନେ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜୟପୁର ବ୍ଲକ ଗଡ଼ପଦର ପଞ୍ଚାୟତ କୋଟା ଗ୍ରାମର ବାସିନ୍ଦାଙ୍କୁ ବିସ୍ଥାପିତ କରାଯାଇ ସ୍ଥାନୀୟ ଦୁବଲି ଗ୍ରାମ ନିକଟରେ ଜମି ଯୋଗାଇ ଦିଆଯାଇଥିଲା। ସେଠାରେ ସେମାନେ ସରକାର ଦେଇଥିବା କ୍ଷତିପୂରଣ ଅର୍ଥରାଶିରେ କେବଳ ଘର ଖଣ୍ଡେ ହିଁ କରିପାରିଛନ୍ତି। ଏହା କୋଟା ବିସ୍ଥାପିତ କଲୋନି ଭାବେ ଗଢ଼ି ଉଠିଛି। ୪୦ଟି ଅନୁସୂଚିତ ଜାତି ଓ ଜନଜାତି ପରିବାରର ୧୬୦ରୁ ଅଧିକ ସଦସ୍ୟ ଏଠାରେ ରହୁଛନ୍ତି। ସେମାନଙ୍କ ଭିତରେ ପ୍ରାୟ ୨୦ଜଣ ଶିଶୁ ଅଛନ୍ତି ଓ ଏଥିପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ନିର୍ମାଣ ହୋଇଛି। କିନ୍ତୁ କର୍ମୀ ନିଯୁକ୍ତି ହେଉ ନ ଥିବା ଯୋଗୁଁ ଶିଶୁମାନେ ସରକାରୀ ଯୋଜନାର ସୁବିଧା ପାଇପାରୁ ନାହାନ୍ତି । ସେମାନେ ପୁଷ୍ଟିହୀନତାର ଶୀକାର ହେବାର ଆଶଙ୍କା ରହିଛି । ସେହିପରି ଏଠାରେ ନିର୍ମିତ କମ୍ୟୁନିଟି ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ୧୫ ଜଣ ଛାତ୍ରୀଛାତ୍ରଙ୍କ ନାମ ଏଠାରେ ରହିଥିଲେ ସୁଦ୍ଧା ମାତ୍ର ୫ରୁ ୭ଜଣ ଦୈନିକ ବିଦ୍ୟାଳୟ ଆସୁଛନ୍ତି। ଜୀବିକା ଚିନ୍ତାରେ ଥିବା ବିସ୍ଥାପିତ ଲୋକେ ନିଜ ପିଲାଙ୍କ ପାଠପଢ଼ା କଥା ଭାବିପାରୁ ନାହାନ୍ତି। ସବୁବେଳେ ପେଟ ଚିନ୍ତା ଘାରୁଛି। ବିସ୍ଥାପିତ ହେବା ଦିନଠାରୁ ଏହା ହିଁ ସେମାନଙ୍କ ପାଇଁ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ସେମାନେ ନିଜ ମୂଳ ଗାଁ ଯେଉଁଠି ଏବେ ତେଲିଙ୍ଗିରି ପ୍ରକଳ୍ପ ଛିଡ଼ା ହୋଇଛି, ସେଠାରେ ଥିବା ପୈତୃକ ଜମିରେ ଚାଷବାସ କରୁଥିଲେ। ଧାନ, ମାଣ୍ଡିଆ ଏବଂ ପନପିରବା ଅମଳ ପରେ ବଜାରରେ ବିକି ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଜଳଭଣ୍ଡାର ପାଣିରେ ସେମାନଙ୍କ ଜମି ଲୀନ ହେବା ପରେ ସରକାରଙ୍କ ବିସ୍ଥାପନ ନୀତି ଅନୁଯାୟୀ କ୍ଷତିପୂରଣ ରାଶି ମିଳିଲା ସତ ; କିନ୍ତୁ ସବୁଦିନ ପାଇଁ ଜୀବିକା ଉଜୁଡ଼ିଗଲା। ଯେଉଁ କେତେ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିଲା, ସେଥିରୁ ସିଂହଭାଗ ଥଇଥାନ ହୋଇଥିବା ଜମିରେ ଘର ତିଆରିରେ ସରିଲା। ଯାହା ସ୍ୱଳ୍ପ ଅଛି, ତାହା ଆଉ କିଛିଦିନ ଭିତରେ ଶେଷ ହେବା ପରେ ପେଟପାଟଣା ପାଇଁ ସେମାନେ କ'ଣ କରିବେ, ତାହା ଏବେ ମୁଣ୍ଡରେ ଚିନ୍ତା। ଚାଳମାଟି ଘରେ ରହୁଥିଲେ ସୁଦ୍ଧା ଜମିରେ ଚାଷ କରି ସ୍ୱଳ୍ପ ଆୟରେ ବି ସେମାନଙ୍କର ଆତ୍ମସନ୍ତୋଷ ଥିଲା, ଏବେ ପକ୍କାଛାତ ଘରେ ରହିଲେ ମଧ୍ୟ ସେହି ଖୁସି ମିଳୁ ନ ଥିବା ବିସ୍ଥାପିତ ଗୋବିନ୍ଦ ମୁଦୁଲି କହିଛନ୍ତି।



ବିସ୍ଥାପିତ କୋଟା ଗ୍ରାମର ନୂତନ କଲୋନୀ।

**ତେଲିଙ୍ଗିରି ପ୍ରକଳ୍ପ**

- ବିସ୍ଥାପିତ ହୋଇଛନ୍ତି ୭ ଗ୍ରାମର ୭୭୫ ପରିବାର
- ସେଥିରେ ୫୯୫ ଅନୁସୂଚିତ ଜନଜାତି, ୧୫୬ ଅନୁସୂଚିତ ଜାତି, ୨୪ ସାଧାରଣ ବର୍ଗର ପରିବାର
- ବିସ୍ଥାପିତଙ୍କୁ କ୍ଷତିପୂରଣ ବାବଦରେ ମିଳିଛି ୧୦୪ କୋଟି

## ଓଜନ ବୃଦ୍ଧି : କିଛି କଥା

ଆଜିକାଲି ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ଅନେକାଂଶରେ ଦାୟୀ। ହେଲେ ଯଦି ଆମେ କେତୋଟି ବିଷୟ ପ୍ରତି ସତର୍କ ରହିବା ତେବେ ଆମର ଓଜନ ସବୁବେଳେ ସନ୍ତୁଳିତ ରହିବ। ପ୍ରଥମେ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରସ୍ତୁତ କରିଥିବା ଜୀବନଶୈଳୀ ଯେପରି ସଠିକ ଭାବରେ ଚାଲେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ନ ଖାଇବା ଭଲ। ସବୁବେଳେ ସୁପାଚ୍ୟଯୋଗ୍ୟ ଖାଦ୍ୟ ଖାଆନ୍ତୁ। କେତେକ ଭାବନ୍ତି ଯେ ଅଧିକ ବ୍ୟାୟାମ କଲେ ଓଜନ କମିଯାଏ। ହଁ, ଏକଥା ସତ, ହେଲେ ଆବଶ୍ୟକତାଠାରୁ ଅଧିକ ବ୍ୟାୟାମର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ କେଉଁ ବ୍ୟାୟାମ କେତେ ସମୟ କଲେ ତାହା ଦ୍ୱାରା ଓଜନ କମିବ ସେ ନେଇ ଏକ୍ସରସାଇଜ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ।



## ବୁଦ୍ଧିମତ୍ତା ବଢ଼ାଇବାର ନୂଆ ଉପାୟ

ବୁଦ୍ଧିମତ୍ତା ବଢ଼ାଇବାର ଏକ ନୂଆ ଉପାୟ ନିକଟରେ ଖୋଜିପାଇଛନ୍ତି ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀ ମାନେ। ପ୍ରତିଦିନ ନିରୋଳା ସ୍ଥାନରେ କିଛି ସମୟ ବିତାଇଲେ ତାହାର ସୁପ୍ରଭାବ ବୁଦ୍ଧିମତ୍ତା ଉପରେ ପଡିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଗୋଟିଏ ଗ୍ରୁପ୍‌କୁ ସାଧାରଣ ଜୀବନ ଯାପନ କରିବାକୁ ପରାମର୍ଶ ଦିଆଯାଇଥିଲା। ଦ୍ୱିତୀୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ନିରୋଳରେ କଟାଇବାକୁ କୁହାଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା।ପ୍ରତିଦିନ କିଛି ସମୟ ନିରୋଳାରେ କଟାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କର ବୁଦ୍ଧିମତ୍ତାରେ ବିକାଶ ଘଟିଥିବାର ଜଣାପଡିଥିଲା।

# ଅଣ୍ଟାବିନ୍ଧାର ଆୟୁର୍ବେଦୀୟ ଉପଚାର





"ଅଣ୍ଟାବିନ୍ଧାକୁ କେତେକେ ରୋଗ ଭାବେ ଗଣନା କରୁଥିବା ବେଳେ କେତେକେ ଏହାକୁ ଅନ୍ୟ ରୋଗର ଲକ୍ଷଣ ଭାବେ ବୁଝୁଥାଆନ୍ତି। କେତେଜଣଙ୍କଠାରେ ଅଣ୍ଟାବିନ୍ଧା ଅସହ୍ୟ ହୋଇପଡ଼ିବା ବେଳେ ଅନ୍ୟ କେତେକେ ଏହାକୁ ସହିପାରନ୍ତି। ଏହି ଅଣ୍ଟାବିନ୍ଧା ଅନେକ କାରଣରୁ ହୋଇଥାଏ।"

-ଡା. ରୀତା ସାହୁ

ଅଣ୍ଟା ଏପରି ଏକ ଜାଗା ଯେଉଁଠାରେ ମେରୁଦଣ୍ଡର ପାଞ୍ଚୋଟି କଶେରୁକା (ଭର୍ଟିବ୍ରା) ସହ ତ୍ରିକାସ୍ଥି (ସାକ୍ରମ) ଉପାସ୍ଥି, ସ୍ନାୟୁ ସମେତ ଅନ୍ୟାନ୍ୟ ମାଂସପେଶୀ ମିଳିତ ହୋଇଥାନ୍ତି। ବସିବା, ଉଠିବା, ଠିଆହେବା, ଚାଲିବା, କୌଣସି ଭାରି ଜିନିଷ ଉଠାଇବା ଆଦି ଦୈନନ୍ଦିନ କାମରେ ଏହି ଅଂଶରେ ଅଧିକ ଭାର ପଡ଼ିଥାଏ। ଆମର ମା, ଜେଜେମା', ଆଈମା'ମାନେ ବସି ପରିବା କାଟିବା, ରୋଷେଇକରିବା, ଖାଇବାକୁ ଦେବା, ଖୁଆଇଦେବା ଇତ୍ୟାଦି କାମ କରନ୍ତି, ଯାହାଦ୍ୱାରା କି ସେମାନଙ୍କ ଅଣ୍ଟା ଉପରେ ପ୍ରାୟ ଏତେ ଭାର ପଡି ନ ଥାଏ। ଆଜିକାଲି ଯୁଗରେ ଆମ ଝିଅ, ବୋହୂମାନେ ଠିଆହୋଇ ପରିବା କାଟିବା, ରୋଷେଇ କରିବା, ଛୁଆମାନଙ୍କୁ ଖାଇବାକୁ ଦେବା ଇତ୍ୟାଦି ଶତକଡ଼ା ୯୦ ଭାଗ କାର୍ଯ୍ୟ କରୁଛନ୍ତି, ଯାହାର ପ୍ରଭାବରେ ଅଣ୍ଟାବିନ୍ଧା ଏକ ବଡ଼ ସମସ୍ୟା ହୋଇ ଠିଆହେଉଛି।

ଅଣ୍ଟାବିନ୍ଧାକୁ କେତେକେ ରୋଗ ଭାବେ ଗଣନା କରୁଥିବା ବେଳେ କେତେକେ ଏହାକୁ ଅନ୍ୟ ରୋଗର ଲକ୍ଷଣ ଭାବେ ବୁଝୁଥାଆନ୍ତି। କେତେଜଣଙ୍କଠାରେ ଅଣ୍ଟାବିନ୍ଧା ଅସହ୍ୟ ହୋଇପଡ଼ିବା ବେଳେ ଅନ୍ୟ କେତେକେ ଏହାକୁ ସହିପାରନ୍ତି। ଅଣ୍ଟାବିନ୍ଧା ଅନେକ କାରଣରୁ ହୋଇଥାଏ।

- ବୟସ ବୃଦ୍ଧି କ୍ରମେ ମେରୁଦଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅସ୍ଥି, ମାଂସପେଶୀ ଗଠନଗତ ତଥା କାର୍ଯ୍ୟଭାର ଯୋଗୁ ଅଣ୍ଟାବିନ୍ଧା ହୁଏ।
- ସାରା ଦିନ ଅଧିକ ପରିଶ୍ରମ କରିଲେ ଅଣ୍ଟାବିନ୍ଧା ଭୋଗିବାକୁ ପଡ଼େ।
- ଦୁର୍ଘଟଣା ସମୟରେ ଅଣ୍ଟାରେ ହାଡ଼ ଭାଙ୍ଗିଗଲେ ବା ମାଡ଼ ହେଲେ, ଅଣ୍ଟାରେ ଥିବା ହାଡ଼ରେ ବୃଦ୍ଧି ଘଟିଲେ ଅଣ୍ଟାବିନ୍ଧା ପ୍ରବଳ ହୁଏ।
- ଟ୍ୟୁମର ସମସ୍ୟା ଥିଲେ ଅଣ୍ଟାବିନ୍ଧା ହୁଏ।
- କଶେରୁକା ହାଡ଼ ମଝିରେ ଥିବା ଡିସ୍କ ସ୍ଖଳିତ ହେଲେ ଅଣ୍ଟାବିନ୍ଧା ହୁଏ।
- ଅଣ୍ଟାରେ କୌଣସି ରୋଗ ନ ଥାଇ ମଧ୍ୟ ପାକସ୍ଥଳୀ, ମୂତ୍ରନଳୀରେ କୌଣସି ବ୍ୟାଧି ଥିଲେ ତା'ର ପ୍ରଭାବରୁ ଅଣ୍ଟାବିନ୍ଧା ହୁଏ।
- ମହିଳାଙ୍କର ଜରାୟୁରେ ବିଭିନ୍ନ ପ୍ରକାର ବ୍ୟାଧି ଦେଖାଦେଲେ ବା ଅଧିକ ପ୍ରଭାବ ଜନିତ କାରଣରୁ ଅଣ୍ଟାରେ ବେଦନା ହୁଏ।
- ଶୋଇବାର ସ୍ଥାନ ବା ବ୍ୟବସ୍ଥା ଠିକ୍ ନ ଥିଲେ, ଦୀର୍ଘସମୟ ଧରି ଶୋଇ ରହିଲେ ଏହା ଅଣ୍ଟାବିନ୍ଧାକୁ ଆମନ୍ତ୍ରଣ କରିଥାଏ।
- ଅତ୍ୟଧିକ ମୈଥୁନ ଅର୍ଥାତ୍ ଏକାଧିକବାର ବା ଏକାଧିକ ଯୌନ ସାଥୀ ଦ୍ୱାରା ଯୌନ ସମ୍ପର୍କ ରଖିଲେ ଅଣ୍ଟାବିନ୍ଧା ହେବା ଆଶଙ୍କା ରହିଛି।
- କିଡ୍‌ନୀ ରୋଗ ଥିଲେ ଏହି ପରିସ୍ଥିତିରେ ଅଣ୍ଟାବିନ୍ଧା ହୁଏ।
- ମୂତ୍ରାଶ୍ମରୀ (ପଥରୀ ରୋଗ) ଥିଲେ ମଧ୍ୟ ଅଣ୍ଟାବିନ୍ଧା ହୁଏ।
- ଶରୀର ପୃଥୁଳକାୟ ହେଲେ ଶାରୀରିକ ମୁଦ୍ରା ଅସ୍ୱାଭାବିକ ହୋଇ ଅଣ୍ଟାବିନ୍ଧା ହୋଇଥାଏ।
- ହାଇହିଲ ଜୋତା ପିନ୍ଧିବା ଦ୍ୱାରା ଶାରୀରିକ ମୁଦ୍ରା ଅସ୍ୱାଭାବିକ ହୋଇ ଅଣ୍ଟାବିନ୍ଧା ହୁଏ।
- କ୍ରମାଗତ ଭାବେ ଆଗକୁ ଝୁଙ୍କି ରହି କାମକଲେ ଅଣ୍ଟା ଉପରେ ଅଧିକ ଭାର ପଡ଼େ। ପୁନଶ୍ଚ ବୃଦ୍ଧାବସ୍ଥାରେ ସ୍ୱତଃ ଅଣ୍ଟା ନଇଁଯାଏ ଓ ଅଣ୍ଟାବିନ୍ଧା ହୁଏ।
- ପାରିପାର୍ଶ୍ୱିକ ଜଳବାୟୁ ଓ ପାଣିପାଗ ବଦଳିଲେ କିମ୍ବା ଅତ୍ୟଧିକ ଗରମରୁ ହଠାତ୍ ଥଣ୍ଡା ପରିବେଶକୁ କିମ୍ବା ଏହାର ପରିବର୍ତ୍ତିତ ପରିବେଶକୁ ଚାଲିଗଲେ ଅଣ୍ଟାବିନ୍ଧା ହୁଏ।
- ଢିଲା ପୋଷାକରୁ ଟାଇଟ ପୋଷାକ ପିନ୍ଧିଲେ ବା ଅଣ୍ଟାରେ ବେଲ୍‌ଟ ବାନ୍ଧିଲେ ଅଣ୍ଟା ବିନ୍ଧା ହୁଏ।

ଯଦି ଆପଣମାନେ ଚିନ୍ତା କରିବେ କୌଣସି କାରଣରୁ ଅଣ୍ଟା ବିନ୍ଧୁଥିଲେ ମଧ୍ୟ ପ୍ରଥମରୁ ବାତନାଶକ ଚିକିତ୍ସା କରାଯାଇଥାଏ, ତାହା ସମ୍ପୂର୍ଣ୍ଣ ସତ ନୁହେଁ। ତେଲ ମାଲିସ ଓ ଉଷୁମ ପାଣି ସେକ ମଧ୍ୟ ପ୍ରାରମ୍ଭିକ ଅବସ୍ଥାରେ ଆରମ୍ଭ କରାଯାଇଥାଏ।

ଆୟୁର୍ବେଦ ଚିକିତ୍ସା ମତରେ ଅଣ୍ଟାବିନ୍ଧାର ଚିକିତ୍ସାର ସଫଳତା ଅନ୍ୟାନ୍ୟ ଚିକିତ୍ସା ମଧ୍ୟରୁ ଅଧିକ। ସାଧାରଣତଃ ମଣିଷମାନେ ବିଭିନ୍ନ ପ୍ରକାର ଚିକିତ୍ସାର ସହାୟତା ନେଇ ଫେଲ୍ ମାରିବା ପରେ ଆୟୁର୍ବେଦ ଚିକିତ୍ସା/କବିରାଜ ଚିକିତ୍ସା ଆପଣାଇ ଥାଆନ୍ତି । ଏହି ଚିକିତ୍ସା ସମୟସାପେକ୍ଷ। ଏଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ମଧ୍ୟ ବହୁତ ବେଶି। ଧୈର୍ଯ୍ୟ ଧରି ଆୟୁର୍ବେଦ ଡାକ୍ତରଙ୍କ ମତ ଅନୁସାରେ ଚିକିତ୍ସା କରାଗଲେ ଅଣ୍ଟାବିନ୍ଧାରୁ ମୁକ୍ତି ମିଳିଥାଏ।

ଆୟୁର୍ବେଦ ମତରେ ଅଣ୍ଟାବିନ୍ଧାର ଚିକିତ୍ସା ପାଇଁ ବ୍ୟାୟାମର ଉପକାରିତା ନିହାତି ଆବଶ୍ୟକ। ଉପଯୁକ୍ତ ବ୍ୟାୟାମ କରିବା ଦ୍ୱାରା ଅଣ୍ଟାବିନ୍ଧା କମ୍ ହୁଏ। ଚଟାଣ ଉପରେ ପିଠି ଓ ପାଦକୁ ରଖି ଶୁଅନ୍ତୁ। ଛାତି ଉପରେ ହାତକୁ ଛନ୍ଦି ରଖନ୍ତୁ। ଏଥର କେବଳ କାନ୍ଧ ଓ ମୁଣ୍ଡକୁ ଚଟାଣ ଉପରୁ ଓ କିଛି ସମୟ ଉଠିକରି ରୁହନ୍ତୁ। ପ୍ରତିଥର ଦୋହରାଇଲା ବେଳେ ଅଧିକରୁ ଅଧିକ ସମୟ ଉଠିକରି ରହିବାରେ ଯତ୍ନ କରନ୍ତୁ। ତେବେ ଅଣ୍ଟା ସହିତ ଥିବା ସ୍ନାୟୁକୁ ସବଳ କରିଥାଏ ଏବଂ ସ୍ନାୟବିକ ଦୁର୍ବଳତା ମଧ୍ୟ କମ୍ ହୋଇଥାଏ।

ଅଣ୍ଟାବିନ୍ଧା ରୋଗରେ ଆୟୁର୍ବେଦ ଚିକିତ୍ସାରେ ସ୍ୱେଦନ କ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ସ୍ନେହନ ବା ସ୍ନେହ ପ୍ରୟୋଗ ଦ୍ୱାରା ଅଣ୍ଟାବିନ୍ଧାରୁ ମୁକ୍ତି ମିଳିଥାଏ। ଅଣ୍ଟାବିନ୍ଧାରୁ ମୁକ୍ତି ମିଳିବା ପାଇଁ ରାସ୍ନାଦି ଗୁଗ୍ଗୁଳୁ, ଅଗ୍ନିତୁଣ୍ଡୀବଟୀ, ଶୁଣ୍ଠିଖଣ୍ଡ ମୋଦକ, ମହାବାତ ବିଧ୍ୱଂସିନୀ ରସ, ବାତଗଜାଙ୍କୁଶ, ବୃହତ୍‌ବାତ ଚିନ୍ତାମଣି ପ୍ରୟୋଗ କରାଯାଇଥାଏ।

ରୋଗର ତୀବ୍ରତାରେ ବାତ ଚିନ୍ତାମଣି, ରସରାଜରସ, ମହାଯୋଗରାଜ ଗୁଗ୍ଗୁଳୁ, ଯୋଗରାଜ ଗୁଗ୍ଗୁଳୁ, ରାସ୍ନା ଏରଣ୍ଡାଦି କ୍ୱାଥ, ରାସ୍ନାଦି କ୍ୱାଥ, ଦଶମୂଳ କ୍ୱାଥ, ଆରାଦି ଗୁଗ୍ଗୁଳୁ ଇତ୍ୟାଦିର ବ୍ୟବହାର କରାଯାଇଥାଏ।

ଆବଶ୍ୟକ ହେଲେ ଅଣ୍ଟାରେ ବେଲ୍ଟ ବାନ୍ଧିବାକୁ ଉପଦେଶ ଦିଆଯାଇଥାଏ।

ଅଣ୍ଟାବିନ୍ଧା ରୋଗୀ ବିଭିନ୍ନ ଖଟା ଦ୍ରବ୍ୟ, ଅରୁଆ, ଲୁଣି ଶୁଖୁଆ, ବାସିଖାଦ୍ୟ, ଡାଲି ବା ଶସ୍ୟଜାତୀୟ ଖାଦ୍ୟ ଓ ଗୁରୁପାକ ଆହାର ସେବନ କରିବା ମନା।

ଅଣ୍ଟାବିନ୍ଧା ରୋଗୀ ସିଝା ଖାଦ୍ୟ, ପୋଟଳ, ସଜନା ଛୁଇଁ, ବାଇଗଣ, କଲରା, ବିନ୍, ଗାଜର ଇତ୍ୟାଦି ଖାଇଲେ ଉପକାର ମିଳେ। ସକାଳେ ଦୁଇଟି ଗୋଲମରିଚ, ଦୁଇଟି ରସୁଣ ଖାଲି ପେଟରେ ପ୍ରତ୍ୟହ ଖାଇବା ଓ ସକାଳୁ ଖାଲିପେଟରେ ଦୁଇଗ୍ଲାସ୍ ଉଷୁମ ପାଣି ପିଇଲେ ଅନେକ ଉପକାର ହୁଏ।

-୧୧୭, ମହାନଦୀବିହାର, କଟକ-୪
ମୋ : ୯୪୩୭୨୭୨୬୭୩

ବିଶିଷ୍ଟ ବୈଜ୍ଞାନିକ

## ଜର୍ଜ ପୋର୍ଟର



କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ଠିକ୍ ସେହିପରି ପିଲାଟି ଦିନରୁ ରସୟନ ବିଜ୍ଞାନ ପ୍ରତି ସେ ଆକର୍ଷିତ ହୋଇଥିଲେ। ଛାତ୍ର ଜୀବନରୁ ସେ ଏହି ବିଷୟରେ ଗବେଷଣାରେ ନିଜକୁ ନିମଗ୍ନ ରଖି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟାବସାୟ ବଳରେ ସେ ନିଜକୁ ଜଣେ ବିଶିଷ୍ଟ ରସାୟନବିତ୍ ଭାବରେ ପରିଚିତ କରାଇ ସାଉଁଟି ଥିଲେ ପ୍ରଶଂସା। ପରିଶେଷରେ ରସାୟନ ବିଜ୍ଞାନ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୬୭ରେ ସମ୍ମାନଜନକ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ହେଲେ ଇଂଲଣ୍ଡର ବିଶିଷ୍ଟ ରସାୟନବିତ୍ ଜର୍ଜ ପୋର୍ଟର। ଇଂଲଣ୍ଡର ସାଉଥ ୟୋର୍କସାୟାରସ୍ଥିତ ଥ୍ରୋନ୍ ସହରରେ ଜର୍ଜ ପୋର୍ଟର ୧୯୨୦ ଡିସେମ୍ବର ୬ରେ ଜନ୍ମିତ ପୋର୍ଟର ସ୍ଥାନୀୟ ଥ୍ରୋନ୍ ଗ୍ରାମାର ସ୍କୁଲରୁ ଶିକ୍ଷା ଶେଷ କରିବା ପରେ ସେ ୟୁନିଭର୍ସିଟି ଅଫ ଲିଡସ୍‌ରୁ ରସାୟନ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ୧୯୯୪ରେ ଫଟୋକେମିକାଲରୁ ନିର୍ଗତ ଫ୍ରି ରେଡିକାଲ୍ସ ଉପରେ ନିବନ୍ଧ ଲେଖି ସେ ଡକ୍ଟରେଟ ଉପାଧି ପାଇଥିଲେ। ରସାୟନ ବିଜ୍ଞାନରେ ବିଭିନ୍ନ ନୂତନ ତଥ୍ୟ ଲୋକଲୋଚନକୁ ଆଣିବାରେ ତାଙ୍କର ଉଦ୍ୟମ ଫଳପ୍ରସୂ ହୋଇଥିଲା। ଗବେଷଣା ବ୍ୟତୀତ ସେ ଶିକ୍ଷାଦାନରେ ନିଜକୁ ଜଡିତ ରଖିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ବଡ ବଡ ପଦବୀରେ ରହି ଛାତ୍ରୀଛାତ୍ରୀଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ୧୯୭୨ରେ ତାଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିଥିଲା। ବିଭିନ୍ନ ସେମିନାରରେ ସେ ନିଜର ମତ ଉପସ୍ଥାପନ କରି ପ୍ରଶଂସିତ ତଥା ସମ୍ମାନିତ ହୋଇଥିଲେ। ୮୧ବର୍ଷ ବୟସରେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା। ରସାୟନ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ସହଜ ଉପାୟ



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସକ୍ରିୟ ରହିବା ଆବଶ୍ୟକ। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ଦୃଢ଼ ରଖିବାକୁ ଆମେ ଖାଦ୍ୟପେୟ ପ୍ରତି ନଜର ଦେଇଥାଉ। କିନ୍ତୁ ଏପରି ଏକ ଉପାୟ ରହିଛି, ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିପାରିବ। ଏ ନେଇ ନିକଟରେ ସୂଚନା ଦେଇଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ। ତାହା କ'ଣ ଜାଣନ୍ତି ? ବିଶ୍ରାମ। ଆମେ ଯଦି ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନେବା ତେବେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବୀ ହେବା ଆଶଙ୍କା କମ୍ ରହିବ। ଏଭଳି ଉକ୍ତିରେ କେତେ ସତ୍ୟତା ରହିଛି ତାହା ମଧ୍ୟ ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ନିୟମିତ ଆବଶ୍ୟକ ମୁତାବକ ବିଶ୍ରାମ ନେଉଥିବା (ଶୋଉଥିବା) ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଭଲ ଥିଲା ବୋଲି ସେମାନେ ଏହି ସର୍ଭେରୁ ଜାଣିବାକୁ ପାଇଛନ୍ତି। ପ୍ରତିଦିନ ଆମେ ଅତିକମ୍‌ରେ ୬-୭ଘଣ୍ଟା ଶୋଇବା ନିହାତି ଜରୁରୀ। ଏହାଦ୍ୱାରା ଦିନତମାମର କ୍ଳାନ୍ତି ଦୂର ହୋଇଥାଏ। ତା' ସହ ମାନସିକତା ସକାରାତ୍ମକ ରହିଥାଏ। ତେଣୁ ଜଣେ ବ୍ୟକ୍ତି ନିଜର ବିଶ୍ରାମ ସମୟ ପ୍ରତି ମଧ୍ୟ ନଜର ଦେବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ★ କଦାପି ସୁଗାର କ୍ୟାଲୋରି ଡ୍ରିଙ୍କସ ପିଅନ୍ତୁ ନାହିଁ। ଏହା ଶରୀରେ ଚର୍ବି ପରିମାଣ ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ★ ଶରୀରେ ଜଳୀୟ ଅଂଶକୁ ସବୁବେଳେ ସନ୍ତୁଳିତ ରଖନ୍ତୁ।
- ★ ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାର ପ୍ରଭାବ ଆଖି ଉପରେ ପଡିବା ଦ୍ୱାରା ଭଲ ନିଦ ହୋଇ ନ ଥାଏ।
- ★ ପ୍ରତିଦିନ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସନ୍ତୁ। ଏହା ଶରୀରରେ ଭିଟାମିନ୍ 'ଡି' ପରିମାଣକୁ ସନ୍ତୁଳିତ ରଖିଥାଏ।
- ★ ପ୍ରତିଦିନ କିଛି ତଟକା ଫଳ ଖାଆନ୍ତୁ।
- ★ ପ୍ରତିଦିନ ସକାଳ ଜଳଖିଆରେ ହାଲକା ଖାଦ୍ୟ ଏବଂ ଫଳଜୁସ ସାମିଲ କରନ୍ତୁ। ଏହାଦ୍ୱାରା ଦିନତମାମ ମନ ସତେଜ ରହିଥାଏ।
- ★ ଅଧିକାଂଶ ସମୟ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। ଏହାଦ୍ୱାରା ଅଣ୍ଟା ସମସ୍ୟା ଦେଖାଦେବାର ଯଥେଷ୍ଟ ଆଶଙ୍କା ରହିଛି।



# ସ୍ୱାସ୍ଥ୍ୟୋପକାରୀ ଘିକୁଆଁରୀ

ତ୍ରିନିଦାଦ୍ ଓ ଟବାଗୋରେ ଉଚ୍ଚ ରକ୍ତଚାପ ପାଇଁ ଘିକୁଆଁରୀ(ଆଲୋଭେରା) ବ୍ୟବହାର ହୁଏ। ମେକ୍ସିକାନମାନେ ଏହାକୁ ଡାଇବେଟିସ ଔଷଧ ରୂପେ ଗ୍ରହଣ କରନ୍ତି। କିନ୍ତୁ ଏହା ସବୁ ରୋଗର ମହୌଷଧି ନୁହେଁ। ହଜାର ହଜାର ବର୍ଷରୁ ବହୁ ଦେଶରେ ଏହାର ଔଷଧୀୟ ଗୁଣକୁ ଗ୍ରହଣ କରିଛନ୍ତି। ଭାରତରେ ସବୁଆଡେ ଏହି ଗଛ ରହିଛି। ଏହା ଉପରେ ଅଧିକ ଗବେଷଣା ହେଲେ ଦେଶ ଉପକୃତ ହେବ...



ଡା. ଦ୍ୱିଜେଶ କୁମାର ପଣ୍ଡା

ଘିକୁଆଁରୀ ଗୋଟିଏ ଉପାଦେୟ ଔଷଧୀୟ ଗଛ, ସବୁଆଡ଼େ ମିଳେ। ବହୁ ଶତାବ୍ଦୀ ହେଲା ସ୍ୱାସ୍ଥ୍ୟରକ୍ଷା ପାଇଁ ଏହାର ବ୍ୟବହାର ହେଉଛି। ଆୟୁର୍ବେଦରେ କୋଷ୍ଠକାଠିନ୍ୟ, ପେଟ ବିନ୍ଧା, ଚର୍ମରୋଗ, କୃମି ଅପସାରଣ ଓ ପ୍ରଦାହରେ ବ୍ୟବହାର ହୋଇ ଆସୁଛି। ଫଙ୍ଗସ୍(କବକ)ର ଚିକିତ୍ସା ପାଇଁ ଏହା ଗୋଟିଏ ଚାଇନିଜ୍ ଔଷଧ। ତ୍ରିନିଦାଦ୍ ଓ ଟବାଗୋରେ ଉଚ୍ଚ ରକ୍ତଚାପ ପାଇଁ ଘିକୁଆଁରୀ(ଆଲୋଭେରା)ବ୍ୟବହାର ହୁଏ। ମେକ୍ସିକାନମାନେ ଏହାକୁ ଡାଇବେଟିସ ଔଷଧ ରୂପେ ଗ୍ରହଣ କରନ୍ତି। କିନ୍ତୁ ଏହା ସବୁ ରୋଗର ମହୌଷଧି ନୁହେଁ। ହଜାର ହଜାର ବର୍ଷରୁ ବହୁ ଦେଶରେ ଏହାର ଔଷଧୀୟ ଗୁଣକୁ ଗ୍ରହଣ କରିଛନ୍ତି। ଭାରତରେ ସବୁଆଡେ ଏହି ଗଛ ରହିଛି। ଏହା ଉପରେ ଅଧିକ ଗବେଷଣା ହେଲେ ଦେଶ ଉପକୃତ ହେବ। ପେଟଦୋଷରେ ଏହି ଗଛର ରସ ପିଇବାକୁ ଦିଆଯାଉଛି। ବିଭିନ୍ନ ଚର୍ମରୋଗରେ, ପୋଡ଼ା ଘା'ରେ ଓ ଅନ୍ୟାନ୍ୟ ଘା' ଶୁଖିବାରେ ଏହା ଗୋଟିଏ ଅବ୍ୟର୍ଥ ଔଷଧ ପ୍ରମାଣିତ ହୋଇଛି। ଏହି ଗଛ ପ୍ରଥମେ ସୁଦାନରେ ଓ ଆରବର



ଉପଦ୍ୱୀପଗୁଡିକରେ ଦେଖିବାକୁ ମିଳିଲା। ପରେ ଏହା ଆଫ୍ରିକାର ଜଙ୍ଗଲରେ, ପୂର୍ବ ଏସିଆ, ଦକ୍ଷିଣ ଭୂମଧ୍ୟସାଗର ଅଞ୍ଚଳରେ ବହୁଳ ଆକାରରେ ଦେଖାଗଲା। ଆମେରିକାର ଦକ୍ଷିଣରେ ଓ ମେକ୍ସିକୋରେ ଏହା ଚାଷ କରା ଯାଉଛି। ଏହି ଗଛର ୨୪୦ ସମଜାତୀୟ ଉଦ୍ଭିଦ ରହିଛି। ଏଥିରୁ କେବଳ ୪ଟିର ପୁଷ୍ଟିକାରକ ଗୁଣ ରହିଛି। ଏହାର ପତ୍ରରେ ୭୫ପ୍ରକାର ପୁଷ୍ଟିକାରକ ପଦାର୍ଥ, ୨୦ଧାତବ, ୨୦ ଆମିନୋ ଏସିଡ୍ (ପ୍ରୋଟିନ) ଏବଂ ୧୨ ଭିଟାମିନ ଅଛି।

ଘିକୁଆଁରୀ ରସ ଉପରେ ବୈଜ୍ଞାନିକ ଏଚ୍.ଆର୍.ମାକଡାନିଏଲ ୧୬ ବର୍ଷ ଗବେଷଣାକରି ଅନେକ ତଥ୍ୟ ଉନ୍ମୋଚନ କରିଛନ୍ତି। ଏହାର ସକ୍ରିୟ ଉପାଦାନରେ ୮ ପ୍ରକାର ସୁଗାର ରହିଛି, ଯେଉଁଗୁଡିକ ଶରୀର ପାଇଁ ଉପକାରୀ। ଏହା ଚିନିରୁ ତିଆରି ହେଉଥିବା ଶର୍କରା ନୁହେଁ। ଏହି ଗ୍ଲୁକୋଜ ମିଶ୍ରିତ ପୁଷ୍ଟିସାର ପାଟିକୁ ମିଠା ଲାଗେ ନାହିଁ। ଏହା ଡାଇବେଟିସ୍ ରୋଗୀମାନେ ଚା ଓ କଫିରେ ମିଶାଇ ଖାଇଲେ ତାଙ୍କର ବ୍ଲଡ୍‌ସୁଗାର ବଢ଼େ ନାହିଁ। ଏହା ରକ୍ତ ଶର୍କରା ପରିମାଣ ବୃଦ୍ଧି କରେ ନାହିଁ। ପାନ୍‌କ୍ରିୟାସ୍‌ରୁ ରକ୍ତକୁ ଇନ୍‌ସୁଲିନ ପ୍ରେରଣ ଆବଶ୍ୟକ ହୁଏ ନାହିଁ। ଏହି ଉପାଦାନର ଔଷଧୀୟ ଗୁଣ ରହିଛି ଓ ତୁରନ୍ତ ଘା' ଶୁଖିବାରେ ସାହାଯ୍ୟକରେ। ଏହାର ପତ୍ରରେ ଥିବା ଅଠାଳିଆ ପଦାର୍ଥ ଉପରେ ଅନେକ ଗବେଷଣା ହୋଇଛି। ଏହା ଅଶୋଧିତ ହୋଇଥିଲେ ଅନେକ ଭଲ ଗୁଣ ରହିଥାଏ। ପତ୍ରର ଶୁଖିଲା ରସରେ ଔଷଧୀୟ ଗୁଣ ଭରି ରହିଛି। ଘିକୁଆଁରୀପତ୍ରର ଅଠାଳିଆ ଜେଲି ଜୀବାଣୁ ନାଶକ ଓ ପ୍ରଦାହ ଉପଶମ କରେ। ବିଭିନ୍ନ ଚର୍ମରୋଗ ପାଇଁ ମହୌଷଧି। ଚର୍ମ କୁଣ୍ଡାଇ ହେଲେ, ଫୁଲିଗଲେ ଓ ବିନ୍ଧା ହେଲେ ଏହା ଲଗାଇଲେ ଉପକାର ମିଳେ। ଆମେରିକାର ଶିଶୁ ରୋଗ ବିଶେଷଜ୍ଞମାନଙ୍କ ପତ୍ରିକାରେ ଘିକୁଆଁରୀ ପତ୍ରର ରସ ଲଗାଇଲେ ଓ ଖାଇଲେ କ୍ଷତ ଶୀଘ୍ର ଶୁଖିଯାଏ ବୋଲି ପ୍ରକାଶିତ ହୋଇଛି। ଛଅଦିନ ମଧ୍ୟରେ ଘା' ଶୁଖିବା ପ୍ରମାଣିତ ହୋଇସାରିଛି। ମୁହଁର ବ୍ରଣ ଚିକିତ୍ସା ପାଇଁ ସର୍ଜରି କରାଯାଉଛି। ବ୍ରଣ ଗୁଡିକ ରାମ୍ପି କାଢ଼ିଦେବା ପରେ ଗୋଟିଏ ପାଖରେ ଆଣ୍ଟିବାୟୋଟିକ୍ ମଲମରେ ଡ୍ରେସିଂ କରାହେଲା ଓ ଅନ୍ୟ ପାଖରେ ଘିକୁଆଁରୀ ଜେଲ ଲଗାହେଲା। ଯେଉଁ ପାଖରେ ଘିକୁଆଁରୀ ଲଗାଯାଇଥିଲା, ତାହା ୭୫ ଘଣ୍ଟା ପୂର୍ବରୁ ଶୁଖିଗଲା। ଏହି ପରୀକ୍ଷା ଆମେରିକାର କାଲିଫର୍ନିଆର ବିଶିଷ୍ଟ ଚର୍ମରୋଗ ବିଶାରଦ ଜେମ୍‌ସ ଫଲ୍‌ଟନଙ୍କ




ମତ। ସେ ଏହା ଉପରେ ଗବେଷଣ କରିଛନ୍ତି। ସେ କହିଛନ୍ତି, ସିଲେଇ ହୋଇଥିବା କ୍ଷତ କିମ୍ବା ଚର୍ମ କ୍ୟାନ୍‌ସର ଅପରେଶନ ପର କ୍ଷତରେ ଘିକୁଆଁରୀ ଲଗାଇଲେ ଶୀଘ୍ର ଶୁଖିଯିବ। ଘିଅକୁଆଁରୀ ରସ ପିଇଲେ ଦେହ ଭିତର କ୍ଷତ ଶୀଘ୍ର ଉପଶମ ହେବ। ଝାଡ଼ା କଠିନ ହେଲେ ଓ ଆମ୍ବିଳି ହାକୁଟି ହେଲେ ଏହି ରସ ପିଇଲେ ସୁଫଳ ମିଳେ। ଅନ୍ତ୍ରରେ ବହୁଦିନ ପ୍ରଦାହ ଲାଗିରହିଲେ ଏହି ରସ ଅନେକ ପରିମାଣରେ ଆରୋଗ୍ୟ ହେବାରେ ସାହାଯ୍ୟକରେ। ତଥ୍ୟ ବିକଳ୍ପ ଭେଷଜ ପତ୍ରିକାରେ ପ୍ରକାଶ ପାଇଛି। ଦଶଜଣ ରୋଗୀଙ୍କୁ ଦୁଇ କପ(୬୦ ସି.ସି. ) ରସ ଦିନକୁ ୩ଥର କରି ସାତଦିନ ଖାଇବାକୁ ଦିଆଗଲା। ଗୋଟିଏ ସପ୍ତାହ ପରେ ସବୁ ରୋଗୀଙ୍କର ପତଳା ଝାଡ଼ା ଭଲ ହୋଇଗଲା। ଚାରି ଜଣଙ୍କର ନିୟମିତ ସ୍ୱାଭାବିକ ଝାଡ଼ା ହେଲା। ତିନି ଜଣଙ୍କର ଦୁର୍ବଳତା ଦୂରହେଲା।

ଗବେଷକମାନଙ୍କ ମତ ଅନୁଯାୟୀ ଘିକୁଆଁରୀ କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରକୁ ସ୍ୱାଭାବିକ କରିଦିଏ। ଏହାର ସଂକୋଚନ ପ୍ରସାରଣ ପ୍ରକ୍ରିୟା ବଜାୟ ରଖେ। ମଳର ଘନତ୍ୱ ବୃଦ୍ଧିକରେ ଏବଂ ଏଥିରେ ଥିବା କ୍ଷତିକାରକ ଅଣୁଜୀବ ଓ ଫଙ୍ଗସ୍ ସଂଖ୍ୟା କମାଇଦିଏ। ଫଳରେ ବୃହଦନ୍ତ୍ରରେ ବିଷାକ୍ତ ମିଥେନ ଗ୍ୟାସ୍ କମ୍ ରହେ ଓ କ୍ୟାନ୍‌ସର ହୁଏ ନାହିଁ। ପାକସ୍ଥଳୀର ଅମ୍ଳ କମିଯାଏ ଓ ଘା ହୁଏ ନାହିଁ, କୋଷ୍ଠ କାଠିନ୍ୟ ଦୂରହୁଏ। ଘିକୁଆଁରୀ ରସକୁ ଗରମ କରିବା, ଫୁଟାଇବା କିମ୍ବା ଫ୍ରିଜ୍ ଡ୍ରାଇ କରିବା ଅନୁଚିତ। ବଜାରରେ ଉପଲବ୍ଧ ରସ ଅପମିଶ୍ରିତ। ଏଥିରେ ଚିନି ପାଣି ଓ ସଂରକ୍ଷଣ କରୁଥିବା ପଦାର୍ଥ ମିଶିଥାଏ। ଏହାର ରଙ୍ଗ ସଦ୍ୟ ଅଙ୍ଗୁର ରସ ପରି ହେଲେ ବିଶୁଦ୍ଧ କୁହାଯାଏ।

-ବରିଷ୍ଠ ବୈଜ୍ଞାନିକ, ୧୨,ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଫୋନ : (୦୬୭୪-୨୫୪୨୯୩୪ )



“ ଆଗାମୀ ୫ ବର୍ଷରେ ଦେଶର ୨ ଚକିଆ ଯାନ ବଜାରରେ ୧୦% ବଜାର ଅଂଶ ହାସଲ ଲକ୍ଷ୍ୟ ଦିଗରେ ଅଗ୍ରସର।
– ମୋଟୋଫୋମି ସିତାରା, ଅଧ୍ୟକ୍ଷ, ୟାମାହା ମୋଟର ଇଣ୍ଡିଆ



“ ଡେବିଟ କାର୍ଡ କ୍ଷେତ୍ରରେ ରହୁଥିବା ବିଭିନ୍ନ ଅସୁବିଧାକୁ ଧ୍ୟାନରେ ରଖି ନୂଆ ୟୋନୋ କ୍ୟାଶ ଦ୍ୱାରା କାର୍ଡ ବିହୀନ ଟଙ୍କା ଉଠାଣ ସେବା ଆରମ୍ଭ ହୋଇଛି।
– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ

## ସଂକ୍ଷେପରେ

### ପିଏଫ୍‌ଆର୍‌ଡିଏର ନୂଆ ଅଧ୍ୟକ୍ଷ ଖୋଜା ଖୁବଶୀଘ୍ର

ନୂଆଦିଲ୍ଲୀ,୧୭-୩: କେନ୍ଦ୍ର ସରକାର ପେନସନ ପାଣ୍ଠି ନିୟାମକ ପିଏଫଆର୍‌ଡିଏର ନୂଆ ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି। ବର୍ତ୍ତମାନର ଅଧ୍ୟକ୍ଷ ହେମନ୍ତ ଜି. କଣ୍ଟ୍ରାକ୍ଟରଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅର୍ଥ ମନ୍ତ୍ରଣାଳୟ ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି(ପିଏଫଆର୍‌ଡିଏ)ର ନୂତନ ମୁଖ୍ୟ ଖୋଜିବା ଲାଗି ଏକ ବିଜ୍ଞାପନ ଦେବାକୁ ଯାଉଛନ୍ତି। ୨୦୧୪ରେ ପିଏଫଆର୍‌ଡିଏ ଆଇନ ଲାଗୁ ହେବା ପରେ ଏହାକୁ ପୁନର୍ଗଠନ କରାଯାଇଥିଲା। ନିୟାମକର ପ୍ରଥମ ଅଧ୍ୟକ୍ଷ ହୋଇଛନ୍ତି କଣ୍ଟ୍ରାକ୍ଟର। ସେ ୨୦୧୪ ଅକ୍ଟୋବର ୭ରେ ଏଥିରେ ଯୋଗ ଦେଇଥିଲେ। ଆଇନ ଅନୁଯାୟୀ, ଜଣେ ଅଧ୍ୟକ୍ଷ ୫ ବର୍ଷ ଲାଗି ଅଥବା ୬୫ ବର୍ଷରେ ପଦାର୍ପଣ କରିବା ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ପିଏଫଆର୍‌ଡିଏର ଅଧ୍ୟକ୍ଷ ହେବା ପୂର୍ବରୁ ସେ ଏସ୍‌ବିଆଇର ଏମ୍‌ଡି ଭାବେ କାର୍ଯ୍ୟ ତୁଲାଇଥିଲେ।

### ଗୋଦ୍‌ରେଜର ନୂଆ ମଡେଲ ଏସି

ନୂଆଦିଲ୍ଲୀ,୧୭-୩: ଗୋଦ୍‌ରେଜ ଆପ୍ଲାଏନ୍ସ ପକ୍ଷରୁ ନୂଆ ପରିବେଶ ଉପଯୋଗୀ ଏୟାର କଣ୍ଡିସନର ମଡେଲ ବଜାରକୁ ଆସିଛି। ଏହି ପ୍ରଡକ୍ଟ ବର୍ଗରେ ୩୮ଟି ମଡେଲ ରହିଛି। ଏଥିରେ ପରିବେଶ ଉପଯୋଗୀ ରେଫ୍ରିଜରାଣ୍ଟ-ଆର୍ ୨୯୦ ଏବଂ ଆର୍ ୩୨କୁ ବ୍ୟବହାର କରାଯାଉଛି। ପରିବେଶ ଉପରେ ପ୍ରଭାବକୁ କମ୍ କରିବା ସହ ଉନ୍ନତ ଶୀତଳତା ପ୍ରଦାନ ଦିଗରେ ଏହା ସହାୟକ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ବ୍ୟବହୃତ ରେଫ୍ରିଜରାଣ୍ଟ ଓଜନ ସ୍ତର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ମଡେଲଗୁଡ଼ିକରେ ଇନଭର୍ଟର ପ୍ରଯୁକ୍ତି, ଟ୍ୱିନ ରୋଟାରୀ କମ୍ପ୍ରେସର ଏବଂ ସ୍ମାର୍ଟ ଆଇଓଟି ରହିଛି। ନୂତନତ୍ୱ, ଉପଯୋଗୀ ଏବଂ ସବୁଜ ପ୍ରଯୁକ୍ତି ଦ୍ୱାରା ଗ୍ରାହକଙ୍କୁ ଖୁସି କରିବାକୁ ଉଦ୍ୟମ ଜାରି ରହିଥିବା କମ୍ପାନୀର ବ୍ୟବସାୟ ମୁଖ୍ୟ କମଲ ନନ୍ଦୀ ସୂଚନା ଦେଇଛନ୍ତି।

### ଏଏସ୍‌ବିଏମ୍, ନଟିଂହାମ୍ ବିଶ୍ୱବିଦ୍ୟାଳୟ ବୁଝାମଣା

ଭୁବନେଶ୍ୱର,୧୭-୩:ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଏବଂ ମାଲେସିଆର ନଟିଂହାମ୍ ବିଶ୍ୱବିଦ୍ୟାଳୟ ଚୁକ୍ତିରେ ସାମିଲ ହୋଇଛନ୍ତି। ନଟିଂହାମ୍ ବିଶ୍ୱବିଦ୍ୟାଳୟର ଭାଇସ ପ୍ରୋଭଷ୍ଟ ପ୍ରଫେସର ଅଙ୍ଗ ଫନ୍ ସିମ୍ ଏବଂ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ପ୍ରଫେସର ବିଶ୍ୱଜିତ ପଟ୍ଟନାୟକଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଶିକ୍ଷା ଗବେଷଣା, ସମର ଓ୍ୱିଣ୍ଟର ସ୍କୁଲରେ ଅଂଶଗ୍ରହଣ, କ୍ରେଡିଟ ଟ୍ରାନ୍ସଫର ଏବଂ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ଦିଗରେ ସହାୟକ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ବିକାଶ ଲାଗି ଉକ୍ତ ଚୁକ୍ତି ଉଦ୍ଦିଷ୍ଟ ହେବ ବୋଲି ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କହିଛନ୍ତି।

### ୧୦ମ ବର୍ଷରେ ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆ

ନୂଆଦିଲ୍ଲୀ,୧୭-୩: ଫକ୍ସୱାଗନ ମୋଟରସ୍ପୋର୍ଟ ଇଣ୍ଡିଆ ୧୦ମ ବର୍ଷରେ ପଦାର୍ପଣ କରିଛି। ୨୦୧୦ରେ ପୋଲୋ କପ୍ ସହ ଏହା ନିଜର ଯାତ୍ରା ଆରମ୍ଭ କରିଥିଲା। ଟୁରିଂ କାର୍ ରେସିଂ କ୍ଷେତ୍ରରେ ଯୁବ ପ୍ରତିଭାଙ୍କୁ ପ୍ରସ୍ତୁତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ କମ୍ପାନୀ ପକ୍ଷରୁ ଡ୍ରାଇଭରଙ୍କ ଲାଗି ଏକ ଗ୍ଲୋବାଲ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ସାରା ଦେଶରୁ ବଛା ବଛା ଡ୍ରାଇଭରଙ୍କୁ ସମାନ କ୍ଷମତା ବିଶିଷ୍ଟ ବିଲ୍ଟ ରେସ୍ କାର ପ୍ରଦାନ କରାଯିବା ସହ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ପ୍ଲାଟଫର୍ମ ସୃଷ୍ଟି କରାଯାଇଛି। ସେହିଭଳି ଠିକ୍ କୋଚିଂ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ପନସର ସୁବିଧା ଦିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହାଓଲାରେ ଆସୁଛି ଚାଇନା ସାମଗ୍ରୀ

- କ୍ଷତି ସହୁଛନ୍ତି ସରକାର
- ବ୍ୟବସାୟିକ ସଂଗଠନର ତଦନ୍ତ ଦାବି
- ସାମଗ୍ରୀ ମୂଲ୍ୟ କମ୍ ଦେଖାଉଛନ୍ତି ଆମଦାନୀକାରୀ

ନୂଆଦିଲ୍ଲୀ,୧୭-୩



ଭାରତୀୟ ଆମଦାନୀକାରୀମାନେ ହାଓଲା ମାଧ୍ୟମରେ ଚାଇନାରୁ ସାମଗ୍ରୀ ଆଣୁଛନ୍ତି। ଫଳରେ ଚାଇନା ନିର୍ମିତ ସାମଗ୍ରୀଗୁଡ଼ିକ ଭାରତୀୟ ବଜାରରେ ଅପେକ୍ଷାକୃତ ଶସ୍ତାଦରରେ ମିଳୁଛି। ଏହି କାରଣରୁ ସରକାର ବହୁ ପରିମାଣରେ କଷ୍ଟମ୍ସ ଡ୍ୟୁଟି ଏବଂ ଟିକସ ହରାଉଛନ୍ତି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଛି। ଏହି ମାମଲା ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ କେନ୍ଦ୍ର ସରକାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଗଭୀର ଭାବେ ଏହାର ଯାଞ୍ଚ କରନ୍ତୁ ବୋଲି ସିଏଆଇଟି ଦାବି କରିଛି।

ଚାଇନାରୁ ହାଓଲା କାରବାର ସହାୟତାରେ ମାଲ୍ ଭାରତକୁ ଆସୁଥିବା ବେଳେ ଏଥିରେ ବନ୍ଦରର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ସାମିଲ ଅଛନ୍ତି ବୋଲି ସିଏଆଇଟି କହିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଚାଇନାରୁ ଆସୁଥିବା ସାମଗ୍ରୀ ପାଇଁ ଉତ୍ପାଦ ଖର୍ଚ୍ଚଠାରୁ କମ୍ ମୂଲ୍ୟରେ ବିଲ୍ ତିଆରି କରାଯାଉଛି। ସେହି ଅନୁସାରେ ଏହା ଉପରେ ସୀମା ଶୁଳ୍କ ଓ ଆଇଜିଏସ୍‌ଟି ପ୍ରଦାନ କରାଯାଉଛି। ଏହି କାରଣରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ବାବଦରେ କ୍ଷତି ସହୁଛନ୍ତି। ସିଏଆଇଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି.ଭରଟିଆ ଏବଂ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ଚାଇନାରୁ ଆମଦାନୀ ହେଉଥିବା ଅଧିକାଂଶ ସାମଗ୍ରୀରେ କମ୍ ମୂଲ୍ୟ ଦର୍ଶାଯାଉଛି। ଅଧିକାଂଶ ମାମଲାରେ ଗୋଟିଏ ପ୍ରକାର ସାମଗ୍ରୀ ପାଇଁ ଅନ୍ୟପ୍ରକାର ବିଲ୍ ତିଆରି ହେଉଛି। ଏହାଦ୍ୱାରା କଷ୍ଟମ୍ସ ଡ୍ୟୁଟି ଓ ଆଇଜିଏସ୍‌ଟି କମ୍ ଦେବାକୁ ପଡୁଥିବାରୁ ଚାଇନା ସାମଗ୍ରୀଗୁଡ଼ିକ ଶସ୍ତାରେ ବଜାରରେ ଉପଲବ୍ଧ ହେଉଛି। ଏଣୁ ଭାରତୀୟ ବନ୍ଦରଗୁଡ଼ିକରେ ଚାଇନାରୁ ଆସୁଥିବା ସାମଗ୍ରୀଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ହେବ। ସେମାନେ କହିଛନ୍ତି ଯେ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆମଦାନୀକାରୀଙ୍କ ଭିତିରିଆ ସମ୍ପର୍କ ରହିଛି। ଫଳରେ ଦୀର୍ଘଦିନ ହେଲା ହାଓଲା କାରବାର ଜରିଆରେ ଚାଇନାରୁ ମାଲ୍ ଆସୁଛି। ସେମାନେ କହିଛନ୍ତି ଯେ, ଚାଇନାରୁ ମାଲ୍ ଆମଦାନୀ କରୁଥିବା ବ୍ୟକ୍ତିବିଶେଷ ଜିଏସ୍‌ଟି ଆଇନ ଅନୁଯାୟୀ ଆଇଜିଏସ୍‌ଟି ଦେଇ ଇନପୁଟ ଟ୍ୟାକ୍ସ କ୍ରେଡିଟ ନେବା କଥା। କିନ୍ତୁ ସେମାନେ ଏହା ଦାବି କରୁନାହାନ୍ତି। କାରଣ ସମସ୍ତ ମାଲ୍‌କୁ ସେମାନେ ବଜାରରେ ବିକ୍ରି କରିଦେଉଛନ୍ତି। ଏହି କାରଣରୁ ଚାଇନା ସାମଗ୍ରୀଗୁଡ଼ିକ ଭାରତୀୟ ସାମଗ୍ରୀ ଅପେକ୍ଷା ଶସ୍ତାରେ ବିକ୍ରି ହୋଇପାରୁଛି। ଏହି ମାମଲା ଦେଶର ସୁରକ୍ଷା ସହ ଜଡ଼ିତ ଥିବାରୁ ସରକାରଙ୍କୁ ଗମ୍ଭୀରତାର ସହ ଏହାର ତଦନ୍ତ କରିବା ଜରୁରୀ। ଉଦାହରଣ ଦେଇ ସେମାନେ କହିଛନ୍ତି ଯେ, ଚାଇନାରୁ ଆସୁଥିବା ସାମଗ୍ରୀକୁ ଘୋଷିତ ମୂଲ୍ୟଠାରୁ ୫୦% ଅଧିକ ଦରରେ ସରକାର ନିଲାମ କଲେ ପୂରା ଗୋଲକଧନ୍ଦାର ପର୍ଦ୍ଦାଫାଶ ହୋଇଯିବ।

# ଏଆର୍‌ଆର୍‌ସିରେ ହୋଣ୍ଡା ଟିମ୍‌ର ଉନ୍ନତ ପ୍ରଦର୍ଶନ

ନୂଆଦିଲ୍ଲୀ,୧୭-୩

ସେପାଙ୍ଗ ଅନ୍ତର୍ଜାତୀୟ କ୍ରିକେଟ ସର୍କିଟ ଟ୍ରାକରେ ଅନୁଷ୍ଠିତ ୨୦୧୯ ଫିମ୍ ଏସିଆ ରୋଡ ରେସିଂ ଚାମ୍ପିୟନଶିପ (ଏଆର୍‌ଆର୍‌ସି)ରେ ହୋଣ୍ଡା ମୋଟରସାଇକେଲ ଇଣ୍ଡିଆ ଲିମିଟେଡର ଟିମ୍ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଏହାର ଲଗାତାର ଦ୍ୱିତୀୟ ରେସିଂରେ ଭାରତୀୟ ଚାଳକ ରାଜୀବ ସେଥୁଙ୍କୁ ସଫଳତା ମିଳିଛି। ଏଥିଲାଗି ହୋଣ୍ଡା ଇଡେମିତସୁ ରେସିଂ ଦଳକୁ ଅତିରିକ୍ତ ୩ ପଏଣ୍ଟ ମିଳିଛି। ଉଦ୍‌ଘାଟନୀ ପର୍ଯ୍ୟାୟ ଶେଷ ସୁଦ୍ଧା ହୋଣ୍ଡା ଦଳକୁ ସିଙ୍ଗଲ ରାଉଣ୍ଡରେ ଦୁଇ ଅଙ୍କ ପଏଣ୍ଟ ମିଳିଛି। ଉଦ୍‌ଘାଟନୀ ପର୍ଯ୍ୟାୟରେ ଦଳ ୧୦ ପଏଣ୍ଟ ହାସଲ କରିଛି। ହୋଣ୍ଡାର ଭାରତୀୟ ଦଳ ଏପି ୨୫୦ ଶ୍ରେଣୀରେ ପ୍ରଥମ ୬ଟି ଦଳରେ ନିଜକୁ ସାମିଲ କରିପାରିଛି। ଏହା ସହ ଟିମ୍ ନିଜ ସ୍ଥିତିକୁ ଦୃଢ କରିବାକୁ ସକ୍ଷମ ହୋଇଛି। ଟିମ୍‌ର ଉଦ୍ୟମ ଏବଂ ସଫଳତା ପାଇଁ ଗର୍ବିତ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ ଯୋଗାଯୋଗ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ଆଇଡିବିଆଇ ବ୍ୟାଙ୍କ ନାଁ ବଦଳ ସପକ୍ଷରେ ନାହିଁ ଆର୍‌ବିଆଇ




ମୁମ୍ବାଇ,୧୭-୩

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଇଡିବିଆଇ ବ୍ୟାଙ୍କକୁ ଅଧିଗ୍ରହଣ କରିବା ପରେ ଏହାର ନାମ ପରିବର୍ତ୍ତନ କରିବା ନେଇ ଚର୍ଚ୍ଚା ହେଉଛି। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହା ସପକ୍ଷରେ ନ ଥିବା ଜଣାପଡିଛି। ଆଇଡିବିଆଇ ବ୍ୟାଙ୍କ ବୋର୍ଡ ଗତ ମାସରେ ଏହାର ନାମ ବଦଳାଇ ଏଲ୍‌ଆଇସି ଆଇଡିବିଆଇ ବ୍ୟାଙ୍କ ଅଥବା ଏଲ୍‌ଆଇସି ବ୍ୟାଙ୍କ କରିବା ଲାଗି ଏକ ପ୍ରସ୍ତାବ ଆଗତ କରିଥିଲା। ତେବେ ଆର୍‌ବିଆଇ ଏଭଳି ପ୍ରସ୍ତାବକୁ ସମର୍ଥନ କରିବ ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଆଇଡିବିଆଇ ବ୍ୟାଙ୍କ ନାମ ବଦଳାଇବାକୁ ହେଲେ ଏହାକୁ ଆର୍‌ବିଆଇ, କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଶେୟାରଧାରୀ, ଶେୟାର ବଜାର ସମେତ ଅନ୍ୟ ନିୟାମକଙ୍କ ମଞ୍ଜୁରୀ ନେବାକୁ ହେବ। ସୂଚନାଥାଉ କି, ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ କିଣିବା ପରେ ବର୍ତ୍ତମାନ ଏଲ୍‌ଆଇସି ଏହାର ମାଲିକ ହୋଇଛି। ଗତବର୍ଷ ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ ଏହି ଅଧିଗ୍ରହଣକୁ ଅନୁମତି ପ୍ରଦାନ କରିଥିଲା।

- ଆର୍‌କମ୍ ଉପରେ ୭୦୦କୋଟି ବକେୟା

# ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହେବ ବିଏସ୍‌ଏନ୍‌ଏଲ

ନୂଆଦିଲ୍ଲୀ,୧୭-୩




ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ଉପରେ ଗୋଟିଏ ପରେ ଗୋଟିଏ ବିପଦ ମାଡି ଆସୁଛି। ବକେୟା ୭୦୦ କୋଟି ଟଙ୍କା ଆଦାୟ କରିବା ଲାଗି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) ଚଳିତ ସପ୍ତାହରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି)ରେ ମାମଲା ଦାଏର କରିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଇତିପୂର୍ବେ ଆର୍‌କମ ଏନସିଏଲ୍‌ଏଟିରେ ଏକ ଆବେଦନ ଦାଖଲ କରି ନିଜକୁ ଦେବାଳିଆ ପ୍ରକ୍ରିୟାରେ ସାମିଲ କରିବାକୁ ଆଗ୍ରହ ପ୍ରକାଶ କରିଛି। ଏହାଦ୍ୱାରା କମ୍ପାନୀ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମ୍ପତ୍ତି ବିକି ବକେୟା ପରିଶୋଧ କରିପାରିବ ବୋଲି କହିଛି। ଆଇଟି ରିଟର୍ନ ବାବଦରେ ମିଳିଥିବା ୨୬୦ କୋଟି ଟଙ୍କା ଏବେ ଏସ୍‌ବିଆଇ ନିକଟରେ ପଡି ରହିଥିବା ବେଳେ ଏହି ଅର୍ଥକୁ ଏରିକସନ କମ୍ପାନୀକୁ ଦେବା ଲାଗି ନିର୍ଦ୍ଦେଶ ଦେବାକୁ ଆର୍‌କମ୍ ଏନସିଏଲ୍‌ଏଟିରେ ଆବେଦନ କରିଥିଲା। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସୂଚନାଥାଉ କି, ବକେୟା ଦେବାରେ ବିଳମ୍ବ କରିବାରୁ ବିଏସ୍‌ଏନ୍‌ଏଲ୍ ଇତିପୂର୍ବେ ଆର୍‌କମ୍ ଦ୍ୱାରା ଜମା କରାଯାଇଥିବା ୧୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟିକୁ ଭଙ୍ଗେଇ ସାରିଛି। ତେବେ ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ଅନୁପମ ଶ୍ରୀବାସ୍ତବ ବକେୟା ୭୦୦ କୋଟି ଟଙ୍କା ଆଦାୟ ଲାଗି ନିଷ୍ପତ୍ତି ନେଇଥିଲେ। ସୂଚନାଥାଉ କି, ଆର୍‌କମ୍ ଏବେ ୪୫୩ କୋଟି ଟଙ୍କା ବକେୟା ବାବଦରେ ଏରିକସନକୁ ଦେବ। ଏଥିପାଇଁ ସୁପ୍ରିମକୋର୍ଟ ୧୯ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।

### ମଲ୍ଟି ବ୍ରାଣ୍ଡ ଦୁଇଚକିଆ ସର୍ଭିସିଂରେ ମହିନ୍ଦ୍ରା ଫାଷ୍ଟ ଟଏସ୍

ନୂଆଦିଲ୍ଲୀ,୧୭-୩:ମହିନ୍ଦ୍ରା ଫାଷ୍ଟ ଟଏସ୍ ସର୍ଭିସ ମଲ୍ଟି ବ୍ରାଣ୍ଡ ଦୁଇଚକିଆ ସର୍ଭିସିଂ ବ୍ୟବସାୟରେ ପ୍ରବେଶ କରିଛି। ମଲ୍ଟି ବ୍ରାଣ୍ଡ କାର୍ ବିକ୍ରି କ୍ଷେତ୍ରରେ ଏହା ନିଜକୁ ଏକ ମାର୍କେଟ ଲିଡର ଭାବେ ପ୍ରତିଷ୍ଠିତ କରାଇ ପାରିଛି। କମ୍ପାନୀର ୨୫ ରାଜ୍ୟରେ ଏକ ସୁଦୃଢ ନେଟୱର୍କ ରହିଛି। ଏହା ୨୫୦ରୁ ଅଧିକ ସହରରେ ୩୩୦ ସର୍ଭିସ ୱାର୍କଶପ ସହ ସେବା ଯୋଗାଉଛି। ଦୁଇଚକିଆ ସର୍ଭିସ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିବା ପାଇଁ ଜିଲା ତଥା ତହସିଲ ସ୍ତରରେ ଏହା ୱାର୍କଶପ ଖୋଲିବାକୁ ଯୋଜନା କରିଛି। ଦୁଇଚକିଆ ଯାନ ସର୍ଭିସିଂର ସୁପରିଚାଳନା ଲାଗି ଯୋଜନା ହାତକୁ ନେଇଥିବା କମ୍ପାନୀର ସିଇଓ ୱାଇଭିଏସ୍ ବିଜୟ କୁମାର କହିଛନ୍ତି।

# ଆଦିତ୍ୟ ହ୍ୟୁଣ୍ଡାଇରେ ଅନ୍ତର୍ଜାତୀୟ ମହିଳା ଦିବସ




ଭୁବନେଶ୍ୱର,୧୭-୩

ତମାଣ୍ଡୋସ୍ଥିତ ଆଦିତ୍ୟ ହ୍ୟୁଣ୍ଡାଇ ଶୋ’ରୁମଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଦିତ୍ୟ ଗ୍ରୁପର ଏଭିପି ହରମୋହନ ମହାନ୍ତି ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା କର୍ମଚାରୀଙ୍କ ଲାଗି ବିଭିନ୍ନ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଦେଶ ଗଠନରେ ମହିଳା ଶ୍ରମ ଶକ୍ତିର ଭୂମିକା ଉପରେ ଏକ ଆଲୋଚନା ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ମହିଳା ଗ୍ରାହକ ଏବଂ କର୍ମଚାରୀଙ୍କ ଉନ୍ନତୀକରଣକୁ ଧ୍ୟାନରେ ରଖାଯାଇଥିବା ଶୋ’ରୁମ ପକ୍ଷରୁ କୁହାଯାଇଛି।

# କେମ୍ବ୍ରିଜ ଆନାଲିଟିକା ଡାଟା ଚୋରି ଫେସ୍‌ବୁକ୍‌କୁ ଜଣାଥିଲା

## ପ୍ରଘଟ ହୋଇଛି ନୂଆ ତଥ୍ୟ



ଲଣ୍ଡନ,୧୭-୩

କେମ୍ବ୍ରିଜ ଆନାଲିଟିକା ଦ୍ୱାରା ତଥ୍ୟ ଚୋରି ସଂକ୍ରାନ୍ତରେ ଫେସବୁକ୍‌ର କିଛି ଅଧିକାରୀ ଜାଣିଥିଲେ ବୋଲି ଆମେରିକାର ସଂଘୀୟ ସରକାରୀ ଓକିଲ ତଦନ୍ତ କରି ଜାଣିପାରିଛନ୍ତି। ଏ ସଂକ୍ରାନ୍ତରେ ‘ଦ ଅବଜରଭର୍‌ରେ ରବିବାର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିଶ୍ୱର ସର୍ବବୃହତ ସୋସିଆଲ ମିଡିଆ କମ୍ପାନୀର ଅଡୁଆ ବଢ଼ିଯାଇଛି।

କେମ୍ବ୍ରିଜ ଆନାଲିଟିକା ସହ ଏହାର ସମ୍ପର୍କ ବିଷୟରେ ଫେସବୁକ ଲୁଚାଇଥିଲା କି ନା ସେ ସମ୍ପର୍କରେ ସଂଘୀୟ ସରକାରୀ ଓକିଲ ଏବେ ଯାଞ୍ଚ ଆରମ୍ଭ କରିଛି। ରିପୋର୍ଟରେ କୁହାଯାଇଛି ଯେ, କେମ୍ବ୍ରିଜ ଆନାଲିଟିକାର ହ୍ୱିସଲ ବ୍ଲୋୟର କ୍ରିଷ୍ଟୋଫର ୱାଇଲିଙ୍କ ସହ ଫେସବୁକ କାର୍ଯ୍ୟାଳୟରେ ସିଇଓ ମାର୍କ ଜୁକରବର୍ଗ ଏବଂ ବୋର୍ଡ ସଦସ୍ୟ ମାର୍କ ଆଣ୍ଡ୍ରିସନ ହୋରୋୱିଜଙ୍କ ସହ ୨୦୧୬ରେ ଏକ ବୈଠକ ବସିଥିଲା। ଏହି ସମୟରେ ଉକ୍ତ ଡାଟା କମ୍ପାନୀ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ପ୍ରଚାର ଅଭିଯାନ ଚଳାଇଥିଲା। କେମ୍ବ୍ରିଜ ଆନାଲିଟିକା ଦ୍ୱାରା ଫେସବୁକ୍‌ର ୮.୭ କୋଟି ଲୋକଙ୍କ ବ୍ୟକ୍ତିଗତ ବିବରଣୀ ଚୋରାଇ ନିଆଯାଇଥିଲା ବୋଲି ଅଭିଯୋଗ ହୋଇଥିଲା, ଯାହାକୁ ଫେସବୁକ୍ ଓ ଜୁକରବର୍ଗ ବାରମ୍ବାର ଖଣ୍ଡନ କରିଆସୁଛନ୍ତି। ତେବେ ସଂଘୀୟ ସରକାରୀ ଓକିଲ ଫେସବୁକ୍ ସମ୍ପର୍କରେ ପ୍ରକାଶ ପାଇଥିବା ନୂଆ ତଥ୍ୟ ଉପରେ ଅଧିକ ଯାଞ୍ଚ ଆରମ୍ଭ କରିଦେଇଛି। ସୂଚନାଥାଉ କି, ସିଲିକନ ଭ୍ୟାଲିରେ ଆଣ୍ଡ୍ରିସନ ଜଣେ ବେଶ୍ ପ୍ରଭାବଶାଳୀ ବ୍ୟକ୍ତି ଏବଂ ଫେସବୁକ୍‌ରେ ସେ ଜଣେ ଆଗଧାଡିର ନିବେଶକ ଭାବେ ଖ୍ୟାତ।

### ଭିଭୋର ଭି-୧୫ ପ୍ରୋ ସ୍ମାର୍ଟଫୋନ

ନୂଆଦିଲ୍ଲୀ,୧୭-୩

ଭିଭୋ ପକ୍ଷରୁ ଏହାର ଫ୍ଲାଗଶିପ ସ୍ମାର୍ଟଫୋନ ଭି-୧୫ ବଜାରକୁ ଆସିଛି। ଯୁବବର୍ଗଙ୍କ ସେଲ୍‌ଫି ଅଭିଜ୍ଞତାକୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ଅଫ୍ ଲାଇନ ଏବଂ ପ୍ରମୁଖ ଇ-କମର୍ସ ସାଇଟ୍‌ଗୁଡ଼ିକରେ ଉପଲବ୍ଧ ହେଉଛି। ଏହାର ପ୍ରିବୁକିଂ କ୍ଷେତ୍ରରେ ମଧ୍ୟ କମ୍ପାନୀ ବେଶ ସଫଳତା ହାସଲ କରିଛି। ଏହି ମଡେଲ କ୍ରୟ ଲାଗି ସହଜ ଇଏମ୍‌ଇ ସୁବିଧା ରହିଛି। ସେହିଭଳି ନିର୍ଦ୍ଦିଷ୍ଟ ଡେବିଟ ଏବଂ କ୍ରେଡିଟ କାର୍ଡରେ କ୍ୟାଶବ୍ୟାକ ସୁବିଧା, ୱାନ ଟାଇମ ସ୍କ୍ରିନ ରିପ୍ଲେସମେଣ୍ଟ ଭଳି ଅନ୍ୟାନ୍ୟ ସୁବିଧା ଦିଆଯାଉଛି। କ୍ୟାମେରା ଅଭିଜ୍ଞତାକୁ ଋଦ୍ଧିମନ୍ତ କରିବା ଦିଗରେ ଏହା ବିଶେଷ ଭାବେ ସହାୟକ ହେବ ବୋଲି ଭିଭୋ ଇଣ୍ଡିଆର ସିଇଓ କେଣ୍ଟ ଚେଙ୍ଗ କହିଛନ୍ତି।

# ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ସମ୍ପତ୍ତି ବିକ୍ରି ପ୍ରକ୍ରିୟା ଆଜି

ନୂଆଦିଲ୍ଲୀ,୧୭-୩


ନଗଦ ସଙ୍କଟ ଦେଇ ଗତି କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ସମ୍ପତ୍ତି ମୁଦ୍ରାକରଣ ଯୋଜନା ଅଧୀନରେ ସୋମବାର ପ୍ରଥମ ପର୍ଯ୍ୟାୟ ନିଲାମ ଆହ୍ୱାନ କରାଯିବ। ଏହା କମ୍ପାନୀର ଋଣ ସମାଧାନ ଯୋଜନାର ଏକ ଅଂଶବିଶେଷ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କମ୍ପାନୀକୁ ୮ ହଜାର କୋଟିଟଙ୍କାର ଅକ୍ଷୟ ଶକ୍ତି କାରବାର ଲାଗି ମିଳିଥିବା ନିଲାମ ଆହ୍ୱାନ ଉପରେ ବୋର୍ଡ ପରେ ବିଚାର କରିବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ଦୂର କରିବା ଲାଗି ବିଶିଷ୍ଟ ବ୍ୟାଙ୍କର ଉଦୟ କୋଟାକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାର ଏକ ନୂଆ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡ ଏବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ସମ୍ପତ୍ତିଗୁଡ଼ିକୁ ମୁଦ୍ରାକରଣ ଅର୍ଥାତ ବିକ୍ରି ପ୍ରକ୍ରିୟା ଆରମ୍ଭ କରିଛି। କମ୍ପାନୀ ଉପରେ ଏବେ ୯୪ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଗତ ବର୍ଷ ନଭେମ୍ବରରେ କମ୍ପାନୀ ନିଜର ସଡ଼କ, ଶିକ୍ଷା, ଅକ୍ଷୟଶକ୍ତି ସମେତ କେତେକ କ୍ଷେତ୍ରରେ ହୋଇଥିବା ନିବେଶକୁ ବିକ୍ରି ଲାଗି ନିଷ୍ପତ୍ତି ନେଇଥିଲା।



- ଅର୍ଥନୀତିକୁ ଗତିଶୀଳ କରିବା ଲକ୍ଷ୍ୟ

# ଶିଳ୍ପ ଜଗତକୁ ଭେଟିବେ ଆର୍‌ବିଆଇ ଗଭର୍ନର

ମୁମ୍ବାଇ,୧୭-୩



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଦେଶର ଅର୍ଥନୀତିକୁ ଗତିଶୀଳ କରିବା ତଥା ସୁଧ ହାରକୁ ନେଇ ଆଲୋଚନା କରିବା ଉଦ୍ଦେଶ୍ୟରେ ଏଠାରେ ଆସନ୍ତା ୨୬ରେ ଶିଳ୍ପ ଜଗତ ଓ କ୍ରେଡିଟ ରେଟିଂ ଏଜେନ୍ସି ପ୍ରତିନିଧିଙ୍କୁ ଭେଟିବେ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆର୍‌ବିଆଇ ଏପ୍ରିଲ ୪ରେ ମୁଦ୍ରା ନୀତି ସମୀକ୍ଷା ବୈଠକରେ ବସିବାକୁ ଯାଉଛନ୍ତି। ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କ’ଣ ହେବା ଉଚିତ ସେ ସମ୍ପର୍କରେ ଜାଣିବା ଲାଗି ସେ ଉକ୍ତ ବୈଠକର ଆୟୋଜନ କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇର ମୁଦ୍ରାନୀତି ଏପ୍ରିଲ ୬ରେ ଘୋଷଣା ହେବାକୁ ଯାଉଥିବା ବେଳେ ଏପ୍ରିଲ ୧୧ରୁ ଦେଶରେ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଗଭର୍ନର ଦାସ ଶିଳ୍ପ ଜଗତ, କ୍ରେଡିଟ ରେଟିଂ ଏଜେନ୍ସି ବ୍ୟତୀତ ଅଲ୍ ଇଣ୍ଡିଆ ବ୍ୟାଙ୍କ ଡିପୋଜିଟର୍ସ ଆସୋସିଏଶନର ପ୍ରତିନିଧିଙ୍କୁ ମଧ୍ୟ ଆଲୋଚନା ଲାଗି ଡାକିଛନ୍ତି। ସୂଚନାଥାଉ କି, ଗତବର୍ଷ ଡିସେମ୍ବରରେ ଗଭର୍ନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କେନ୍ଦ୍ର ସରକାର ସମେତ ସମସ୍ତ ହିତାଧିକାରୀଙ୍କୁ ସାଥିରେ ନେଇ ସେ ଚାଲିବେ। ସେ କ୍ରମାଗତ ଶିଳ୍ପ ଜଗତ, ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ଶୀର୍ଷ ବ୍ୟାଙ୍କ ଅଧିକାରୀ, ସରକାରୀ ପ୍ରତିନିଧି ଓ ରେଟି ଏଜେନ୍ସି ଅଧିକାରୀଙ୍କୁ ଭେଟୁଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଦୀର୍ଘ ୧୮ ମାସ ପରେ ଏହାର ଫେବୃଆରୀ ମୁଦ୍ରାନୀତିରେ ରେପୋ ରେଟ୍ ହ୍ରାସ କରିଥିଲେ। ତେବେ ମୁଦ୍ରାସ୍ଫୀତି ନିର୍ଦ୍ଧାରିତ ଲକ୍ଷ୍ୟ ୪% ଠାରୁ ଯଥେଷ୍ଟ ତଳେ ରହିଥିବାରୁ ଆର୍‌ବିଆଇ ପୁନର୍ବାର ରେପୋ ରେଟ୍ ହ୍ରାସ କରନ୍ତୁ ବୋଲି ଶିଳ୍ପ ଜଗତ ଦାବି ଦୋହରାଇ ଆସୁଛି। ଅନ୍ୟପକ୍ଷରେ ରେପୋ ରେଟ୍ ହ୍ରାସର ଫାଇଦା ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଦେଉନାହାନ୍ତି ବୋଲି ଶିଳ୍ପ ଜଗତ ଅଭିଯୋଗ କରିଆସୁଛି।

“ଖେଳ ଅବା ରାଜନୀତି କ୍ଷେତ୍ରରେ ହେଉ କ୍ରୀଡ଼ାବିତ୍‌ମାନଙ୍କର ଦେଶ ପାଇଁ କିଛି କରିଦେଖାଇବା ମନୋବୃତ୍ତି ରହିବା ଉଚିତ୍।
–ରାଜ୍ୟବର୍ଦ୍ଧନ ସିଂ ରାଠୋର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



“ଆମ ବିଶ୍ୱକପ୍ ଦଳରେ ଦକ୍ଷିଣ ଆଫ୍ରିକା ଟୁର୍‌ରୁ ବାଦ୍ ପଡ଼ିଥିବା ଆଞ୍ଜେଲୋ ମାଥ୍ୟୁସ ଓ ଦୀନେଶ ଚାଣ୍ଡିମଲଙ୍କ ଭଳି ଖେଳାଳିଙ୍କୁ ସ୍ଥାନ ମିଳିପାରେ।
–ଲସିଥ୍ ମାଲିଙ୍ଗା, ଶ୍ରୀଲଙ୍କା କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଗୁଜରାଟକୁ ପରାସ୍ତ କଲା ଓଡ଼ିଶା

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ): ସୁରତର ଲାଲ ଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଓଡ଼ିଶା ୩୭ ରନରେ ଘରୋଇ ଗୁଜରାଟକୁ ପରାସ୍ତ କରିଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଓପନର୍ କାଜଲ ଜେନା (୫୧ ରନ, ୪ ଚୌକା)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୧୮୧ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁନମ ନାୟକ ୪୬, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪୦ ଓ ଶେଷ ଭାଗରେ ଇନ୍ଦ୍ରାଣୀ ଛତ୍ରିଆ ୧୬ ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ହୀରାଲବେନ ସୋଲାଙ୍କି ୩ ଓ କୃତିକାବେନ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗୁଜରାଟ ଅଧିନାୟିକା ରେଣୁକା ଚୌଧୁରୀଙ୍କ ୬୬ ରନ ସତ୍ତ୍ୱେ ୪୭.୩ ଓଭରରେ ୧୪୪ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ୮ଜଣ ଖେଳାଳି ୨ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ (୧୦-୩-୧୭-୩) ସୁନ୍ଦର ବୋଲିଂ କରିଥିଲେ। ବର୍ଷାରାଣୀ ସିଂ ମଧ ୩ଟି ଉଇକେଟ୍ ନେଇଥିଲେ। ବିଜୟ ସହ ଓଡ଼ିଶାକୁ ୪ ପଏଣ୍ଟ ଓ ଗୁଜରାଟକୁ କୌଣସି ପଏଣ୍ଟ ମିଳିନାହିଁ।

### ରାମେଶ୍ୱର କପ୍ କ୍ୱାର୍ଟରରେ ପ୍ରଗତି

ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି): ବି.ଏମ୍. ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୃତି ସ୍ପୋର୍ଟିଂ ୩୯.୫ ଓଭରରେ ୧୭୪ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ହରିଚନ୍ଦନ ସର୍ବାଧିକ ୫୭, ଆଶିଷ ଜେନା ୫୦ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ଲିପୁ ନାୟକ ୮ ଓଭରରେ ୨ଟି ମେଡେନ ନେବା ସହ ୨୦ ରନ ଦେଇ ୪ଟି ଉଇକେଟ ନେଇଥିଲେ। ବିକାଶ ନାଏକଙ୍କୁ



୨ଟି ଉଇକେଟ ମିଳିଥିଲା। ଜବାବରେ ପ୍ରଗତି ୪ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରି ନେଇଥିଲା। ସୌଭାଗ୍ୟ ଶଙ୍କର ବେହେରା ୫୦, ଶୁଭମ୍ ନାୟକ ୫୦ ଓ ବିକାଶ ନାଏକ ଦ୍ରୁତ ୩୭* ରନ କରି ଦଳକୁ ବିଜୟୀ କରାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିକାଶ ନାଏକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାଇ କୋଚ୍ ଅଜିତ କୁମାର ମିଶ୍ର, ରାମେଶ୍ୱର ସ୍ପୋର୍ଟିଂ ପରାମର୍ଶଦାତା ରାଧାନାଥ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ଣ୍ଣ ମହାରଣା ଓ ନିହାର ପଟ୍ଟନାୟକ ଅମ୍ପାୟର ଥିଲେ। ବିଶ୍ୱଜିତ ମଲିକ ଓ ବିଶ୍ୱଜିତ ଭୂୟାଁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ପାରାମାଉଣ୍ଟ ଓ ଜୁଭେନାଇଲ ମଧ୍ୟରେ ୩ୟ ପ୍ରି-କ୍ୱାର୍ଟର ଫାଇନାଲ ଖେଳାଯିବ।

# ରଶ୍ମିତା, ଅଶୋକାନନ୍ଦଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ସମ୍ମାନ



କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ବିଜେତା କ୍ରୀଡ଼ାବିତ୍‌ଙ୍କ ସହ ଅତିଥି ଓ ସହିଦ ସ୍ପୋର୍ଟିଂ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ସଙ୍ଗଠନ ସହିଦ୍ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର ସମ୍ମାନଜନକ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସମର୍ପିତ କୋଚ୍ ଓ କ୍ରୀଡ଼ା ପ୍ରଶାସକ, ଯେଉଁମାନଙ୍କ ପରିଶ୍ରମ ବଳରେ ଓଡ଼ିଶା କ୍ରୀଡ଼ା ଶକ୍ତି ହେବାରେ ଅଗ୍ରସର ସେମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ୨୦୧୨ରୁ ଏହି କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇ ଆସୁଛି।

୨୦୧୮-୧୯ ବର୍ଷ ପାଇଁ ମହିଳା କ୍ରିକେଟ୍ କୋଚ୍ ସୁଶ୍ରୀ ରଶ୍ମିତା ମହାନ୍ତିଙ୍କୁ କମଲ ଗାଙ୍ଗୁଲି ସ୍ମାରକୀ କୋଚ୍ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଜ୍ୟ ରଣ୍‌ଜୀ ଦଳର ପ୍ରାକ୍ତନ ଅଧିନାୟକ ଅଶୋକାନନ୍ଦ ଜେନାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। କିଟ୍ କ୍ରୀଡ଼ା ବିଭାଗରେ କାର୍ଯ୍ୟରତ ରଶ୍ମିତା ମହାନ୍ତି ରାଜ୍ୟ ମହିଳା କ୍ରିକେଟ ଦଳର କୋଚ୍ ଦାୟିତ୍ୱ ତୁଲାଉଛନ୍ତି। କ୍ରିକେଟ କୋଚିଂ ତାଲିମ ନେବାରେ ସେ ରାଜ୍ୟର ପ୍ରଥମ ମହିଳା କୋଚ୍ ଥିଲେ। ‘ଏହିଭଳି ଏକ ସମ୍ମାନଜନକ ପୁରସ୍କାର ପାଇଥିବାରୁ ବହୁତ ଖୁସି ଲାଗୁଛି। ଏହା ଆମର ମନୋବଳ ବଢ଼ାଇବା ପାଇଁ ବେଶ୍ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟ ପାଇଁ ଆହୁରି ଅଧିକରୁ ଅଧିକ ଉଦୀୟମାନ ଖେଳାଳି ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବୁ’ ବୋଲି ରଶ୍ମିତା ଏହି ଅବସରରେ କହିଛନ୍ତି। ଏଭଳି ସମ୍ମାନଜନକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବାରୁ ଅଶୋକାନନ୍ଦ ଆୟୋଜକ ସହିଦ୍ ସ୍ପୋର୍ଟିଂ କ୍ଲବକୁ ଧନ୍ୟବାଦ୍ ଦେଇଛନ୍ତି। ଅପରପକ୍ଷରେ ୨୦୧୮-୧୯ ସିଜନରେ ରାଜ୍ୟର ବିଭିନ୍ନ ଦଳ ପକ୍ଷରୁ ଖେଳିଥିବା କିଛି ଯୁବ କ୍ରିକେଟରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରାଜ୍ୟ ୧୯ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଥିବା ଶୁଭମ ଶତ୍ରୁଜିତ୍, ଜ୍ୟୋତିରଞ୍ଜନ ବେହେରା, ମାନସ ରଞ୍ଜନ ବେହେରା, ଆୟୁଷ ନାୟକ, ନିହାର ରଞ୍ଜନ ଭୂୟାଁ, ସନ୍ଦୀପ ଚୌହାନ, ଆର୍ଯ୍ୟ ଜେନା, ଆଶୁତୋଷ ନାୟକ, ରାଜ୍ୟ ୧୬ ବର୍ଷରୁ କମ୍ ଦଳରୁ ଖେଳିଥିବା ଆଶୁତୋଷ ଛୁରିଆ, ଶ୍ରେଷ୍ଠ ସିଂ, ବିଶ୍ୱ ବିଭବ ମୁଦୁଲି, ରାଜଦୀପ ରୋହନ ଦାସ, ପାର୍ଥ ସାରଥି ନାୟକ (ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ୍), ଆଶୁତୋଷ କୁମାର (ସୋଆ ବିଶ୍ୱବିଦ୍ୟାଳୟ), ଆଶୁତୋଷ ଛୁରିଆ ଓ ବାଦଲ ଦାସ (ରାଜ୍ୟ କାଉନସିଲ ଦଳ), ସୁବୁନ ଜେନା ଓ ଶ୍ରେଷ୍ଠ ସିଂ (ଆନ୍ତଃ ଜୋନ ସ୍କୁଲ) ଏବଂ ରୋଶନ ଶର୍ମା (+୨ କାଉନସିଲ୍ ଟିମ୍)। ସେହିଭଳି ଉମାନାଥ ମିଶ୍ରଙ୍କୁ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ଲାଇଫ୍ ମେମ୍ବର କରାଯାଇଥିଲା।

କ୍ଲବ ପରିସରରେ ଆୟୋଜିତ ସ୍ୱତନ୍ତ୍ର କ୍ରୀଡ଼ା ସମ୍ମାନ ଉତ୍ସବରେ ସହିଦ୍ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ବିଧାୟକ ବିଜୟ ମହାନ୍ତି, ମାରୁତି ଇଷ୍ଟେଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, କର୍ପୋରେଟର ଶାଶ୍ୱତୀ ମିଶ୍ର, ଉମାନାଥ ମିଶ୍ର ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ରଣ୍‌ଜୀ ଦଳର ପ୍ରାକ୍ତନ କ୍ରିକେଟର ପି. ଜୟଚନ୍ଦ୍ର, ଦେବାଶିଷ ମହାନ୍ତି, ସୌରଭ ସେହଗଲ, ରଶ୍ମିରଞ୍ଜନ ପରିଡ଼ା, ମନୋଜ ବିଶ୍ୱାଳ, ପ୍ରବୋଧ ଦାସ, ସତ୍ୟବ୍ରତ ଘୋଷ, ସୁବ୍ରତ ଘୋଷଙ୍କୁ ସହିଦ୍ ସ୍ପୋର୍ଟିଂ ପକ୍ଷରୁ ବିଶେଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବାଶିଷ, ସୌରଭ ଓ ରଶ୍ମିରଞ୍ଜନ ଅନୁପସ୍ଥିତ ରହିଥିବାରୁ ପୁରସ୍କାର ଗ୍ରହଣ କରିପାରି ନ ଥିଲେ। ସମ୍ବିତ ମହାପାତ୍ର ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ସହିଦ୍ ସ୍ପୋର୍ଟିଂର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

### ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ

# ଦୂତୀ, ପ୍ରଜ୍ଞା ଫାଇନାଲରେ

ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)

ପଟିଆଲାରେ ଚାଲିଥିବା ୨୩ତମ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ମହିଳା ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଓଡ଼ିଶାର ଦୂତୀ ରବିବାର ୧୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ହିଟ୍ସରେ ୧୧.୬୧ ସେକେଣ୍ଡ ସମୟ ନେଇଥିବା ଦୂତୀ ସେମିଫାଇନାଲରେ ୧୧.୪୮ ସେକେଣ୍ଡ ଟାଇମିଂ ସହ ଏହି ସଫଳତା ପାଇଛନ୍ତି। ଦୂତୀଙ୍କ ସହ ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ ମହାରାଷ୍ଟ୍ରର ରଶ୍ମି ସେରେଗର, ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ, ଭି.ରେବତୀ, ଏସ.ଧନଲକ୍ଷ୍ମୀ, ରାଜସ୍ଥାନର ହିନା, କର୍ନାଟକର ପି.ଜେ. ସ୍ନେହା ଓ କେରଳର କେ. ରଙ୍ଗା। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସିଧା ଫାଇନାଲରେ ପହଞ୍ଚିଛନ୍ତି। ହେପ୍‌ଟାଥଲନରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ପ୍ରଥମ ଦିବସ ଶେଷ ସୁଦ୍ଧା ପଏଣ୍ଟ ଟେବୁଲରେ ସ୍ୱପ୍ନା ବର୍ମନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସୋମବାର ତାଙ୍କର ଆଉ ୩ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଅମିୟ କୁମାର ମଲିକ ପୁରୁଷ ୧୦୦ ମିଟର ରେସ୍ ଏବଂ ଜଉନା ମୁର୍ମୁ ମହିଳା ୪୦୦ ମିଟର ରେସ୍‌ରେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି। ହିଟ୍ସରେ ୧୧.୦୯ ସେକେଣ୍ଡ ସମୟ ନେଇଥିବା ଅମିୟ ସେମିଫାଇନାଲରେ ୧୧.୧୮ ସେକେଣ୍ଡ ସହ ବିଦା ହୋଇଥିଲେ। ଜଉନା ହିଟ୍ସରେ ୫୪.୬୨ ଓ ସେମିଫାଇନାଲରେ ୫୪.୭୯ ସେକେଣ୍ଡ ସମୟ ନେଇଥିଲେ।

### ଇଲେଭେନ ଷ୍ଟାର ଚାମ୍ପିୟନ

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ଶ୍ରାବଣୀ ଇଲେଭେନ ସିଙ୍ଗପୁରକୁ ହରାଇ ଯାଜପୁରର ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଲେଭେନ ଷ୍ଟାର ଧାର୍ଯ୍ୟ ୩୦ ଓଭରରେ ୭ ଉଇକେଟ ହରାଇ ୨୩୦ ରନ୍ କରିଥିଲା। ଦଳ ପାଇଁ ସ୍ୱପ୍ନେଶ ବିଶ୍ୱାଳ ୧୦୦ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ୩୫ ରନ୍ କରିଥିଲେ। ଜବାବରେ ସାହିଲ ଖାଁ ୯୩ ଓ ବିଶ୍ୱ ଭୂଷଣ ବିହାରୀଙ୍କ ୬୫ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ସିଙ୍ଗପୁର ଦଳ ସମସ୍ତ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୨୧୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳ ପାଇଁ ଶତକୀୟ ଇନିଂସ ଖେଳିଥିବା ସ୍ୱପ୍ନେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଅଂଶୁମାନ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ସତ୍ୟବ୍ରତ ସ୍ୱାଇଁଙ୍କୁ ବେଷ୍ଟ ବୋଲର ଓ ଅଭିଷେକ ଦାସଙ୍କୁ ବେଷ୍ଟ ଫିଲ୍ଡର ଭାବେ ବିବେଚିତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଚିତ୍ରପୁର ସରପଞ୍ଚ ନାରାୟଣ ସାହୁ ଓ ଦେବାଶିଷ ପଣ୍ଡା ଯୋଗଦେଇଥିଲେ।

### ଆଇପିଏଲ: ସ୍ମିଥ୍ ରାଜସ୍ଥାନ କ୍ୟାମ୍ପ୍‌ରେ ଯୋଗଦେଲେ

ନୂଆଦିଲ୍ଲୀ, ୧୭।୩(ପି.ଟି.)

ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଜୟପୁରରେ ପହଞ୍ଚି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ କ୍ୟାମ୍ପ୍‌ରେ ଯୋଗଦେଇଛନ୍ତି। ଏହାପୂର୍ବରୁ ଅନ୍ୟ ଅଷ୍ଟ୍ରେଲୀୟ କ୍ରିକେଟରମାନେ ଦୁବାଇରେ ତାଙ୍କୁ ସ୍ୱାଗତ କରିଥିଲେ। ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ସେ ରାଜସ୍ଥାନ ତରଫରୁ ପ୍ରତିନିଧିତ୍ୱ କରିବେ। ଇଂଲଣ୍ଡରେ ଆସନ୍ତା ମେ’୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ସେ ଅଷ୍ଟ୍ରେଲିଆ ଦଳରେ ସାମିଲ ହେବା ଲକ୍ଷ୍ୟରେ ରହିଛନ୍ତି। ରାଜସ୍ଥାନ ବ୍ରାଣ୍ଡ ଆମ୍ବାସାଡର ତଥା କିମ୍ବଦନ୍ତୀ ସ୍ପିନର ସେନ୍ ୱାର୍ନ ମଧ୍ୟ ସ୍ମିଥ୍‌ଙ୍କୁ ସ୍ୱାଗତ କରିଛନ୍ତି। ଦଳରେ ସ୍ମିଥ୍ ଯୋଗଦେବା ପରେ ରାଜସ୍ଥାନ ଦଳ ଆହୁରି ଶକ୍ତିଶାଳୀ ହୋଇପାରିବ ବୋଲି ସେ କହିଛନ୍ତି। ସ୍ମିଥ୍ ଏବେ କ୍ରିକେଟ ଖେଳିବାକୁ ଓ ସଫଳତା ହାସଲ କରିବାକୁ ବ୍ୟଗ୍ର ବୋଲି ୱାର୍ନ କହିଛନ୍ତି। ସ୍ମିଥ୍ ଓ ଡେଭିଡ ୱାର୍ନର ହେଉଛନ୍ତି ଆଧୁନିକ କ୍ରିକେଟର ଦୁଇ ଶ୍ରେଷ୍ଠ ଖେଳାଳି।

# ସୌମ୍ୟଙ୍କୁ ୫୪ତମ ଟାଇଟଲ

ଭୁବନେଶ୍ୱର, ୧୭।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଏକ ବିରଳ ରେକର୍ଡ ଦିଗରେ ଅଗ୍ରସର ହୋଇଛନ୍ତି। ରବିବାର କ୍ୟାରିୟରର ୫୪ତମ ରାଜ୍ୟସ୍ତରୀୟ ଚେସ୍ ଟାଇଟଲ ହାସଲ କରିଛନ୍ତି ଏହି ତାରକା ଖେଳାଳି। ଜଟଣୀରେ ରବିବାର ଅନୁଷ୍ଠିତ ସତ୍ୟ ସାଇ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଛନ୍ତି ସୌମ୍ୟ। ପ୍ରତିଯୋଗିତାରେ ମୋଟ ୧୦୫ ପ୍ରତିଯୋଗୀ ଥିବାବେଳେ ସେ ସମସ୍ତଙ୍କୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ସେ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରଜତ ସାହୁ ୬.୫ ପଏଣ୍ଟ ପାଇଥିଲେ ହେଁ ବୁକୋଲଜରେ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ସଞ୍ଜୀବନ ନାୟକ, ଅମରେନ୍ଦ୍ର ଖମାରି, ସ୍ୱପ୍ନିଳ ପ୍ରିୟଦର୍ଶୀ(ସମସ୍ତେ ୬ ପଏଣ୍ଟ), ଆଦିତ୍ୟ ଅନୁରକ୍ତ ମହାନ୍ତି, ରବୀନ୍ଦ୍ର ଓଝା, ପ୍ରିୟବ୍ରତ ସିଂ, ମାନସ ପରିଡ଼ା(ସମସ୍ତେ ୫.୫), ମହେଶ ସେଠୀ, ପ୍ରକାଶ ଚନ୍ଦ୍ର ସାହୁ, ଲରେନ୍ସ ପ୍ରଧାନ, ଅନନ୍ୟା ଅନାମିକା, ତନ୍ମୟ କୁମାର ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା



ଟ୍ରଫି ସହ ସୌମ୍ୟ ରଞ୍ଜନ ମିଶ୍ର।

(ସମସ୍ତେ ୫ ପଏଣ୍ଟ ଲେଖାଏ) ଯଥାକ୍ରମେ ୩ୟରୁ ୧୫ତମ ସ୍ଥାନରେ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ୧୦ ସ୍କୁଲ ପିଲାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୪ ଜଣଙ୍କୁ ସାନ୍ତ୍ୱନାମୂଳକ ଏବଂ ୩ ଜଣ ସ୍ଥାନୀୟ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା।




ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ କଟକ କ୍ରୀଡ଼ା ଛାତ୍ରାବାସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# କ୍ରୀଡ଼ା ଛାତ୍ରାବାସ ଜିତିଲା ଭାଗ୍ୟଧର ଟ୍ରଫି

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ସିଟି କ୍ଲବ ଓ ଏସ୍.ଜି.ଓ. କ୍ଲବ ମିଳିତ ଆନୁକୂଲ୍ୟରେ ନୟାପଲ୍ଲୀ ଇନ୍ଦିରା ମଇଦାନଠାରେ ଅନୁଷ୍ଠିତ ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କଟକର କ୍ରୀଡ଼ା ଛାତ୍ରାବାସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କ୍ରୀଡ଼ା ଛାତ୍ରାବାସ ଟାଇବ୍ରେକର ସହାୟତାରେ ୪-୩ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର’ ରହିଥିଲା। ଶେଷରେ ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସ ୪-୩ ଗୋଲରେ ବାଜିମାତ୍ କରିନେଇଥିଲା। ଚାମ୍ପିୟନ କ୍ରୀଡ଼ା ଛାତ୍ରାବାସ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ୍ କିଶୋର କ୍ଲବକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳର ଫଗୁ ବାସ୍କେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜଗନ୍ନାଥ ପ୍ରଧାନ, ନବରଞ୍ଜନ ପଟ୍ଟନାୟକ, ସୌର୍ଯ୍ୟରଞ୍ଜନ ପରିଜା, ଅଶୋକ ମହାନ୍ତି, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସହଦେବ ରାଉତ, ମିଳନ ପାଇକରାୟ, ନବକିଶୋର ବେହେରା, କ୍ଲବର ସଭାପତି ଭାଗ୍ୟଧର ଜଗଦ୍ଦେବ ଓ ତିଳୋତ୍ତମା ଜଗଦ୍ଦେବ, ତ୍ରିନାଥ ମଙ୍ଗରାଜ ଓ ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରସ୍କାର ପ୍ରଦାନ କରିଥିଲେ। ସୁଜିତ କୁମାର ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ଶିବ ପ୍ରଦାସ ଦାସ ଓ ଟି. ମୋହନ ରାଓ ୪ର୍ଥ ରେଫରି ଭାବେ ଦୁର୍ଗା ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ।

# ଫାଇନାଲରେ ଟାଟା ଫୁଟବଲ ଏକାଡେମୀ

ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍ ୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୨୧ତମ ଟାଟା ଉତ୍କଳିକା ଆମନ୍ତ୍ରଣ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଟାଟା ଏକାଡେମୀ ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଜାମଶେଦପୁର ଟାଟା ଏକାଡେମୀ ଟାଇବ୍ରେକର ଜରିଆରେ (୪-୩) କଟକର ସାଇ ହଷ୍ଟେଲକୁ ହରାଇ ଦେଇଛି। ମ୍ୟାଚ୍‌ର ଧାର୍ଯ୍ୟ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା। ଏଥିଲାଗି ଫଳାଫଳ ପାଇଁ ଟାଇବ୍ରେକର ରାଉଣ୍ଡର ବ୍ୟବହାର କରାଯାଇଥିଲା। ଏଥିରେ ଟାଟା ଏକାଡେମୀ ୪-୩ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ରାଜୁ ମହାନ୍ତି, ଅଶୋକ କହଁର, ପ୍ରଦୀପ୍ତ ନାୟକ, ସୁଦୀପ ଦାସ ଓ ମହେଶ୍ୱର ସିଂ ପରିଚାଳନା କରିଥିଲେ। ବିଜୟୀ ଦଳର ଗୋଲକିପର ସୁଦର୍ଶନ ମାହାତେ ଓ ଶିବନନ୍ଦନ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମ୍ୟାଚ୍‌ରେ ମୁଖ୍ୟ ଅତିଥି ସୁବ୍ରତ ଦାସ ଯୋଗଦେଇଥିବାବେଳେ ନନ୍ଦ କିଶୋର ପଟ୍ଟନାୟକ, ଅମିୟକାନ୍ତ ମିଶ୍ର, ନରେନ୍ଦ୍ର ସେଠୀ, ଗିରିଜା ଶଙ୍କର ଦାସ, ଦୀଲିପ କୁମାର ଦାସ ମଞ୍ଚରେ ଉପସ୍ଥିତ ଥିଲେ।

# ଇର୍ଫାନଙ୍କୁ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା

ନାଓମି(ଜାପାନ), ୧୭।୩ (ପି.ଟି.)

ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ଜାତୀୟ ରେକର୍ଡଧାରୀ ଭାରତୀୟ ରେସ୍ ୱାକର ଇର୍ଫାନ କେ.ଟି. ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ଚାଲିଥିବା ଏସିଆନ୍ ରେସ୍ ୱାକିଙ୍ଗ୍ ଚାମ୍ପିୟନଶିପ୍‌ରେ ଇର୍ଫାନ ରବିବାର ଚତୁର୍ଥ ସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ୨୦ କି.ମି. ଚାଲିରେ ଇର୍ଫାନ ୧ ଘଣ୍ଟା ୨୦ ମିନିଟ ୫୭ ସେକେଣ୍ଡ ସମୟ ନେଇ ଅଲିମ୍ପିକ୍ସ କ୍ୱାଲିଫାଇଂ ମାର୍କ ପାର କରିବାରେ ସଫଳ ହୋଇଥିଲେ। ଅଲିମ୍ପିକ୍ସ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ ୧ ଘଣ୍ଟା ୨୧ ମିନିଟ୍ ଥିବାବେଳେ ଇର୍ଫାନ ଏହାଠାରୁ କମ୍ ସମୟ ନେଇଥିଲେ। ଇର୍ଫାନଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଭାରତୀୟ ଆଥଲେଟ୍ ଏପର୍ଯ୍ୟନ୍ତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିନାହାନ୍ତି।



ଇର୍ଫାନ କେ.ଟି.

ଏଥିସହିତ ସେ ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଆଇଏଏଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି। ଆଉ ଦୁଇ ଭାରତୀୟ ରେସ୍ ୱାକର ଦେବୀନ୍ଦର ସିଂ (୧: ୨୧.୨୨) ଓ କେ. ଗଣପତି (୧: ୨୨. ୧୨) ମଧ ବିଶ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପୂର୍ବରୁ ଇର୍ଫାନ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ଗତବର୍ଷ ଅନୁଷ୍ଠିତ ହୋଇଥିବା ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇର୍ଫାନ ‘ନୋ ନିଡଲ ପଲିସ୍’ ପାଳନ ନ କରିବାରୁ ତାଙ୍କୁ ଘରକୁ ଫେରାଇ ଦିଆଯାଇଥିଲା। ଇର୍ଫାନଙ୍କ ଘର କେରଳର ମାଲାପୁରମରେ। ସେ ମଧ ରେସ୍ ୱାକିଙ୍ଗ୍ ଟିମ୍ ଇଭେଣ୍ଟରେ ୨୦୧୮ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମହିଳା ୨୦ କି.ମି. ରେସ୍ ୱାକ୍‌ରେ ସୌମ୍ୟା ବେବି ୧ ଘଣ୍ଟା ୩୬ ମିନିଟ ୮ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ମଧ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରି ନାହାନ୍ତି।

# ଉତ୍ତରାଖଣ୍ଡକୁ ହରାଇ ପ୍ରଗତି ସେମିରେ

ବନ୍ତ, ୧୭।୩ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ୪ର୍ଥ ଦିନର ମ୍ୟାଚ୍ ପ୍ରଗତି ସ୍ପୋର୍ଟିଂ ବନାମ ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତରାଖଣ୍ଡକୁ ହରାଇ ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଗତି ସ୍ପୋର୍ଟିଂ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଉତ୍ତରାଖଣ୍ଡ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ଓଭରରେ ଭିକି ଗେରୋଲା ୨୨ ଓ ଫତେସିଂ ରାଣାଙ୍କ ୨୦ ରନ୍ ସହାୟତାରେ ସମସ୍ତ ଉଇକେଟ ହରାଇ ୧୧୫ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ସୁମିତ୍ ମହାରଣା ଓ ସୁକାନ୍ତ ହାତି ୩ଟି ଲେଖାଏ ଉଇକେଟ




ପ୍ରଗତି ସ୍ପୋର୍ଟିଂର ରଘୁନାଥ ମଲ୍ଲ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଅକ୍ତିଆର କରିଥିଲେ। ପ୍ରଗତି ସ୍ପୋର୍ଟିଂ ୧୮.୨ ଓଭରରେ ରଘୁନାଥ ମଲ୍ଲ ୩୮ ଓ ଅଭିନବ ଘୋଷଙ୍କ ୨୮ ରନ୍ ସହାୟତାରେ ୪ ଉଇକେଟ ହରାଇ ୧୧୮ ରନ୍ କରି ବିଜୟ ହାସଲ କରିଥିଲା। ପ୍ରତିପକ୍ଷ ବୋଲର ଆଦିତ୍ୟ ତୋମାର ୨ ଓ ବିକାଶ ରାୱତ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପ୍ରଗତି ସ୍ପୋର୍ଟିଂର ରଘୁନାଥ ମଲ୍ଲଙ୍କୁ ଆଦାନୀ ଧାମରା ପୋର୍ଟ ପ୍ରଦତ୍ତ ପୁରସ୍କାରକୁ ଓଡ଼ିଶା ବାର୍ କାଉନସିଲର ସଭ୍ୟ ପବନ ଶର୍ମା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଭଦ୍ରକ ବାର ଆସୋସିଏଶନର ସମ୍ପାଦକ ବିଜନ ଜେନା, ଆଇନଜୀବୀ ସୌମିତ ଦେ, ଡ.ମନ୍ମଥ କୁମାର ରାଉଳ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଓସିଏ ଅମ୍ପାୟର ସେକ୍ ୟାକତ୍ ଅଲି ଓ ତପନ ମିଶ୍ର ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସୁଧାଂଶୁ ମହାନ୍ତି, ସଞ୍ଜୟ ମଜୁମଦାର, ସୁରେଶ ସାଣ୍ଡିଲ ଏବଂ ସ୍କୋରର ଭାବେ ଶାନ୍ତନୁ ନାୟକ, ଅଜୁ ନାୟକ, ସୁଧାଂଶୁ ନାୟକ ଓ ମିଥୁନ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପ୍ରଗତି ସ୍ପୋର୍ଟିଂ ବନାମ ଆଦ୍ରା ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ।



“ଅନେକଙ୍କ ଧାରଣା ଟପ୍ ଅର୍ଡରେ କେବଳ ପାୱାର ହିଟରମାନେ ସଫଳ ହୁଅନ୍ତି, କିନ୍ତୁ ମୋର ନିଜସ୍ୱ ପଦ୍ଧତି ଉପରେ ବିଶ୍ୱାସ ରହିଛି।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର



“ଏକ ବର୍ଷ ବାସନ୍ଦ ଦଣ୍ଡ ଶେଷ କରି ଫେରିଥିବାରୁ ଷ୍ଟିଭ୍ ସ୍ମିଥ ଆଇପିଏଲରେ ନିଜର ପାରଦର୍ଶିତା ଦେଖାଇବାକୁ ଚାହିଁବେ।

–ଶେନ୍ ୱର୍ନ, ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ

## ସଂକ୍ଷେପରେ

### ବୋଟାସ ଜିତିଲେ ସିଜନ ଆରମ୍ଭ ଫର୍ମୁଲା ୱାନ୍ ଗ୍ରାଁପ୍ରି



**ମେଲବୋର୍ନ,୧୭।୩ (ଏଏଫ୍‌ପି):** ନିଜ ଟିମ୍‌ମେଟ୍ ତଥା ମର୍ସିଡିଜ ୱାର୍ଲ୍ଡ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଭାଲେଟେରୀ ବୋଟାସ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ ମୋଟର ରେସିଂ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ଆଲବର୍ଟ ପାର୍କ ସର୍କିଟଠାରେ ରବିବାର ଅନୁଷ୍ଠିତ ଏହି ରେସ୍‌ରେ ସେ ହାମିଲଟନଙ୍କଠାରୁ ୨୦.୯ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ଏଥିସହିତ ସେ ନୂଆ ବୋନସ ପଏଣ୍ଟ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ ବୋଲି ରେସ୍ ପରେ ବୋଟାସ୍ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ରେସ୍‌ର ମଧଭାଗରେ ଫେରାରିର ସେବାଷ୍ଟିଆନ ଭେଟେଲଙ୍କୁ ପଛରେ ପକାଇ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତୃତୀୟ ହୋଇଥିଲେ। ୪ଥର ବିଶ୍ୱଚାମ୍ପିୟନ ଭେଟେଲ ବୋଟାସଙ୍କଠାରୁ ୫୭.୧ପଏଣ୍ଟ ପଛରେ ରହି ଚତୁର୍ଥ ସ୍ଥାନରେ ରହିଥିବା ବେଳେ ତାଙ୍କ ଫେରାରି ପାର୍ଟନର ଚାର୍ଲ୍ସ ଲେକ୍‌ରେକ୍ ୫ମ ଏବଂ ହାସ୍‌ର କେଭିନ୍ ମାଗ୍ନସେନ ୬ଷ୍ଠ ହୋଇଥିଲେ। ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ନିକୋ ହକେନବର୍ଗ (ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଲାନ୍ସ ଷ୍ଟ୍ରୋଲ (ରେସିଂ ପଏଣ୍ଟ) ଏବଂ ଡାନିଲ କେଭ୍ୟାଟ୍ (ଟୋରୋ ରୋସୋ) ଅଧିକାର କରିଥିଲେ। ପରବର୍ତ୍ତୀ ଗ୍ରାଁ ପ୍ରି ମାର୍ଚ୍ଚ ୩୧ରେ ବାହାରିନ୍‌ରେ ହେବ।

■ ସାଫ୍ ଚାମ୍ପିୟନଶିପ୍

# ଭାରତ ସେମିଫାଇନାଲରେ

**ବିରାଟନଗର (ନେପାଳ), ୧୭।୩ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଶହୀଦ ରଙ୍ଗଶାଳା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚରେ ଦଳ ୫-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହାଦ୍ୱାରା ଭାରତ ପ୍ରତିଯୋଗିତା ଇତିହାସରେ ଖେଳିଥିବା ୨୧ଟି ଗେମ୍‌ରେ ଅପରାଜେୟ ଧାରା ବଜାୟ ରଖିବା ସହ ଗ୍ରୁପ୍ ବି'ରେ ପ୍ରଥମ ସ୍ଥାନ ଅଧିକାର କରିଛି। ବୁଧବାର ସେମିଫାଇନାଲରେ ଭାରତ ଗ୍ରୁପ୍ ଏ' ଦ୍ୱିତୀୟ ବାଂଲାଦେଶ ସହ ମୁକାବିଲା କରିବାକୁ ଥିବାବେଳେ ଅନ୍ୟ ଏକ ମ୍ୟାଚରେ ନେପାଳ ଶ୍ରୀଲଙ୍କାକୁ ଭେଟିବ। ବିଜୟୀ ଦଳ ପକ୍ଷରୁ ୫ଟି ଗୋଲ ଭିନ୍ନ ଭିନ୍ନ ଖେଳାଳି ସ୍କୋର କରିଥିଲେ। ମ୍ୟାଚରେ ସଞ୍ଜୁଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଚାରି ଥର ଚାମ୍ପିୟନ ଭାରତ ତରଫରୁ ପ୍ରଥମ ଗୋଲ୍ ଖେଳର ଚତୁର୍ଥ ମିନିଟ୍‌ରେ ୱାଙ୍ଗର ଗ୍ରେସ୍ ଡାଙ୍ଗମେଇ ସ୍କୋର କରିଥିଲେ। ଏହାର ୩ ମିନିଟ୍ ବ୍ୟବଧାନରେ ସଞ୍ଜୁଙ୍କଠାରୁ ପାସ୍ ପାଇ ସନ୍ଧ୍ୟା ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୧୭ତମ ମିନିଟ୍‌ରେ ଭାରତ ଏକ ସୁଯୋଗ ପାଇଥିଲା। ମାତ୍ର ଅଫ୍ ସାଇଡ୍ ଯୋଗୁ ରତ୍ନବାଳାଙ୍କ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ସଞ୍ଜୁଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପ୍ରଥମ ୪୫ ମିନିଟ ଖେଳରେ ଭାରତ ଆଉ ଦୁଇଟି ଗୋଲ ସ୍କୋର କରିବାରେ ସଫଳ ରହିଥିଲା। ୩୬ତମ ମିନିଟ୍‌ରେ ସଞ୍ଜୁ ଶ୍ରୀଲଙ୍କା ରକ୍ଷଣଭାଗକୁ ଭେଦ କରିବାରେ ସଫଳ ହୋଇଥିଲେ। ତାଙ୍କଠାରୁ ମିଳିଥିବା ପାସ୍‌କୁ ଗୋଲରେ ପରିଣତ କରିବାରେ ଇନ୍ଦୁମତି କୌଣସି ତ୍ରୁଟି କରି ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଅଳ୍ପ ସମୟ ବାକିଥିବା ବେଳେ ସଞ୍ଜୁଙ୍କ ଏକ କ୍ରସ୍ ଶ୍ରୀଲଙ୍କାର ଜଣେ ଡିଫେଣ୍ଡରଙ୍କ ହାତରେ ବାଜିଥିଲା। ରେଫରି ଭାରତ ସପକ୍ଷରେ ସ୍ପଷ୍ଟ କିକ୍ ଦେଇଥିଲେ। ସଙ୍ଗୀତା ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ମଧ୍ୟାନ୍ତର ସୁଦ୍ଧା ଭାରତ ୪-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ମଧ ଭାରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ଓ ଅନେକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। ଯବାମଣି ଟୁଡୁ ଏକ ଫ୍ରି-କିକ୍‌କୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ରବିବାର ଏହି ବିଜୟ ଦ୍ୱାରା ଭାରତ ସହଜରେ ୩ପଏଣ୍ଟ ହାସଲ କରିପାରିଛି।

## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୭।୩ (କ୍ରୀଡ଼ା ପ୍ରତିନିଧି)**

ଉତ୍ତରାଖଣ୍ଡର ରୁଦ୍ରପୁରରେ ରବିବାର ଶେଷ ହୋଇଥିବା ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହା ବ୍ୟତୀତ ସେ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁନୀଲ ପ୍ରଧାନ ପୁରୁଷ ଡବଲ୍ସରେ ରୌପ୍ୟ, ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ଏବଂ ପୂର୍ଣ୍ଣବାସୀ ପ୍ରଧାନ(୧୯ ବର୍ଷରୁ କମ୍) ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।





କଟକରେ ରବିବାର ଉଦ୍‌ଯାପିତ ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍‌ର ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଝାଡ଼ଖଣ୍ଡ ମହିଳା ଓ ପୁରୁଷ ଦଳ ।

## ଆଫଗାନିସ୍ତାନର ଟାର୍ଗେଟ ୧୪୭

**ଡେରାଡୁନ, ୧୭।୩**

ଏଠାରେ ଚାଲିଥିବା ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ତା'ର ସ୍ଥିତି ଦୃଢ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୧୭୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ପ୍ରଥମ ଇନିଂସରେ ୩୧୪ ରନ କରି ଅଲଆଉଟ ହେବା ସହ ୧୩୯ ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରି ଆୟର୍ଲାଣ୍ଡ ୯୩ ଓଭରରେ ୨୮୮ ରନ କରି ଅଲଆଉଟ ହୋଇଛି। ଫଳରେ ଆଫଗାନିସ୍ତାନ ସମ୍ମୁଖରେ ୧୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ରବିବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୧୬ ଓଭରରେ ଗୋଟିଏ ଉଇକେଟ ହରାଇ ୨୯ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ୨ ଦିନ ବାକି ଥିବା ବେଳେ ଆଫଗାନିସ୍ତାନ ବିଜୟ ପାଇଁ ୯ ଉଇକେଟ ହାତରେ ରଖି ଆଉ ୧୧୮ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଇସାନୁଲ୍ଲା ଜନତ ୧୬ ଓ ରହମତ ଶାହ ୧୧ ରନ କରି ଅପରାଜିତ ରହିଛନ୍ତି। ଓପନର ମହମ୍ମଦ ଶାହଜାଦ ୨ ରନ କରି ଆଣ୍ଡି ମାକ୍‌ବ୍ରିନ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

# ଜାତୀୟ ସିନିୟର ତୀରନ୍ଦାଜୀ ଉଦ୍‌ଯାପିତ

**ଭୁବନେଶ୍ୱର, ୧୭।୩(ସ୍ପୋର୍ଟ୍ସ ବ୍ୟୁରୋ)**

**ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡର ବାଜିମାତ୍**

କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩୯ତମ ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆନ ରାଉଣ୍ଡ ଅନ୍ତିମ ତଥା ୨ୟ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ରାଉଣ୍ଡ ଟିମ୍ ଇଭେଣ୍ଟର ୩ଟି (ପୁରୁଷ, ମହିଳା ଓ ମିକ୍ସଡ)ଯାକ ବର୍ଗରେ ଝାଡ଼ଖଣ୍ଡ ଟିମ୍ ସ୍ୱର୍ଣ୍ଣ ପଦକ ଜିତି ବାଜିମାତ୍ କରିନେଇଛି। ଜାଗରଣ ନାଥ ଗାର୍ଗି, ଗୁଣରାମ ପୂର୍ତ୍ତି, ଉମେଶ ମଣ୍ଡଳ ଓ ଅନିଲ ଲୋହାରଙ୍କୁ ନେଇ ଗଠିତ ଝାଡ଼ଖଣ୍ଡ ଟିମ୍ ପୁରୁଷ ଟିମ୍ ଇଭେଣ୍ଟରେ ୪,୨୮ ସ୍କୋର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅରୁଣାଚଳ ପ୍ରଦେଶ ଓ ଉତ୍ତରପ୍ରଦେଶ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ମହିଳା ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଦୀପ୍ତି କୁମାରୀ, ନିକିତା କୁମାରୀ, ହୀରାମୁନି ସିନକୁ ଓ ଆର୍ସିତା ବିରୁଲି ଏହି ଟିମ୍‌ର ସଦସ୍ୟା ରହିଥିଲେ। ଏଥିରେ ମଣିପୁର ଓ ଅଲ୍‌ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ(ଏଆଇପିଏସ୍‌ସିବି) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଇଣ୍ଡିଆନ ରାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଝାଡ଼ଖଣ୍ଡ ୫ ପଏଣ୍ଟ ସ୍କୋର ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ଏଆଇପିଏସ୍‌ସିବି ଓ ମଣିପୁର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ପୁରୁଷ ବ୍ୟକ୍ତିଗତ ଅଲିମ୍ପିକ ରାଉଣ୍ଡରେ ମହାରାଷ୍ଟ୍ର ୨ଟି ପଦକ ଜିତିଛି। ମହାରାଷ୍ଟ୍ରର ଅକ୍ଷୟ ଥେଟେ ଓ ଗୌରବ ଚନ୍ଦନ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିବାବେଳେ ଥିଙ୍ଗୁଜାମ ଲଙ୍ଗମ୍ବା ମେଇଟେଇ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ମହିଳା ବ୍ୟକ୍ତିଗତ ଅଲିମ୍ପିକ ରାଉଣ୍ଡରେ ମଣିପୁରର ଡବ୍ଲ୍ୟୁ. ମାଲେଶ୍ୱରୀ ଦେବୀ, ଆସାମର ପଲ୍ଲବୀ ବୋରୋ ଓ ଏଆଇପିଏସ୍‌ସିବିର ପଲ୍ଲବୀ ଦାସ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

## ଏସିଆନ୍ ଗେମ୍ସ: ଚେସ୍‌ର ପ୍ରତ୍ୟାବର୍ତ୍ତନକୁ ଆନନ୍ଦଙ୍କ ସ୍ୱାଗତ

**ଚେନ୍ନାଇ,୧୭।୩(ପି.ଟି.)**

ଆଗାମୀ ୨୦୨୨ ହାନଝୌ ଏସିଆନ୍ ଗେମ୍ସରେ ଚେସ୍ ସ୍ଥାନ ପାଇଛି। ଫଳରେ ଦୀର୍ଘଦିନ ପରେ ଚେସ୍ ଏହି ମେଗା ଇଭେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସମେତ ଏକାଧିକ ଚେସ୍ ଖେଳାଳି ଏହାକୁ ସ୍ୱାଗତ କରିଛନ୍ତି। ଦେଶର ପ୍ରଥମ ଗ୍ରାଣ୍ଡମାଷ୍ଟର ତଥା ୫ଥର ବିଶ୍ୱ ଚାମ୍ପିୟନ ଆନନ୍ଦ ଏହି ଗେମ୍ସରେ ଦେଶ ପାଇଁ ପଦକ ହାସଲ କରିବେ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଦୋହା ଓ ୨୦୧୦ ଗୁଆଙ୍ଝୌ ଏସିଆନ ଗେମ୍ସରେ ଚେସ୍ ସ୍ଥାନ ପାଇଥିଲା। ଦୋହାରେ ଭାରତ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହିପରି ୨୦୧୦ ସଂସ୍କରଣରେ ଭାରତ ଦୁଇଟି ବ୍ରୋଞ୍ଜ୍ ଜିତିଥିଲା। ଗ୍ରାଣ୍ଡମାଷ୍ଟର ଭାସ୍କରନ ଅଧିବନ ମଧ୍ୟ ଚେସ୍ ଏସିଆନ୍ ଗେମ୍ସରେ ସାମିଲ ହେବା ନେଇ ଖୁସି ଜାହିର କରିଛନ୍ତି। ସେହିପରି ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍ ) ଉପସଭାପତି ଡି.ଭି. ସୁନ୍ଦର ମଧ୍ୟ ଚେସ୍ ସାମିଲ ହେବା ପଦକ୍ଷେପକୁ ସ୍ୱାଗତ କରିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ମାର୍ଚ୍ଚ ୧୮ /୨୦୧୯ Rayagada, Monday, March. 18 / 2019

# ମାଣ୍ଡିଆଭଟ୍ଟାରୁ ଠାକୁର ଯିବେ ମାଆ ମାଉଲିଙ୍କ ମନ୍ଦିର



ବଡ଼ଯାତ୍ରାରେ ଜନସମାଗମ।

**ମାଲକାନଗିରି ବଡ଼ଯାତ୍ରା**

ମାଲକାନଗିରି, ୧୭।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ପ୍ରସିଦ୍ଧ ଗଣପର୍ବ ବଡ଼ଯାତ୍ରା ଦ୍ୱିତୀୟ ଦିବସରେ ପହଞ୍ଚିଛି। ତିନି ଠାକୁର ଶ୍ରୀ କାନାମରାଜ, ବାଲରାଜ, ପୋତରାଜ ଓ ଦେବୀ ମୁତ୍ୟାଲୁମ୍ମା ମାଲକାନଗିରିସ୍ଥିତ କନ୍ୟାମାଝିବନ୍ଧଠାରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା ହୋଇଥିଲା। ପରେ ମାଆ ସେଠାରୁ ମାଣ୍ଡିଆଭଟାକୁ ଆସିଥିଲେ। ରବିବାର ମାଣ୍ଡିଆଭଟାରେ ଦିନତମାମ ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ସନ୍ଧ୍ୟାରେ ତିନିଠାକୁର ଓ ଦେବୀ ମତ୍ୟୋଲାମାଙ୍କୁ ଏକ ଶୋଭାଯାତ୍ରାରେ ମାଣ୍ଡିଆଭଟ୍ଟାରୁ ମାଆ ମାଉଲିଙ୍କ ମନ୍ଦିରକୁ ଯାତ୍ରା କରିଛନ୍ତି। ଯାତ୍ରା ପାଇଁ ଉକ୍ତ ଅଞ୍ଚଳରେ ମୀନା ବଜାର ସହ ବିଭିନ୍ନ ରାଜ୍ୟରୁ ବ୍ୟବସାୟୀମାନେ ଆସି ଦୋକାନ ଖୋଲିଛନ୍ତି। ଯାତ୍ରା ପାଇଁ ସହର ଚଳଚଞ୍ଚଳ ହୋଇଉଠିଛି। ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଅଗ୍ନିଶମ ସେବା କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଜିଲା ସଦର ମହକୁମାକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଛି। ମହେଶ୍ୱରୀ ଯୁବ ସଙ୍ଗଠନ ପକ୍ଷରୁ ସହରରେ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଛି।

# ମା'ଙ୍କ ଚିକିତ୍ସା ପାଇଁ ୧୪ ବର୍ଷର ପୁଅ ସାଜିଛି କୁଲି

ମାଲକାନଗିରି, ୧୭।୩ (ଡି.ଏନ୍.ଏ.)

ଗରିବ ଓ ଅସହାୟ ପରିବାର ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରଣୟନ ହୋଇଛି। ମାତ୍ର ବାସ୍ତବ କ୍ଷେତ୍ରରେ ଏଥିରୁ ଖୁବ୍ କମ୍ ସୁଫଳ ପାଉଛନ୍ତି। ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମର ରୁକ୍ମଣି ଭୂମିଆ(୪୨)ଙ୍କ ପରିବାର ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସ୍ୱାମୀ ଥିବା ବେଳେ କୁଲି ମଜୁରି କରି ଘର ଚଳାଉଥିଲେ। ଏବେ ତାଙ୍କ ସ୍ୱାମୀଙ୍କ ଗତ ୬ ମାସ ତଳେ ମୃତ୍ୟୁ ଘଟିଛି। ପରିବାର କହିଲେ ତାଙ୍କର ଗୋଟିଏ ୧୪ ବର୍ଷର ପୁଅ, ୧୦ ଓ ୬ ବର୍ଷର ୨ଟି ଝିଅ ଅଛନ୍ତି। ଗତ ୨ ବର୍ଷ ହେଲା ରୁକ୍ମଣୀ ପକ୍ଷଘାତ ରୋଗରେ ପିଡ଼ିତ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଭରଣପୋଷଣ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବାଧ୍ୟ ହୋଇ ୧୪ ବର୍ଷର ପୁଅ ପାଠ ପଢ଼ା ଛାଡ଼ି କୁଲି କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଯେଉଁ ବୟସରେ ବହି ବସ୍ତାନି ଧରି ସେ ପାଠ ପଢ଼ିବା ଏବଂ ସାଙ୍ଗସାଥୀଙ୍କ ସହ ଖେଳରେ ସମୟ କାଟିବା କଥା, ସେହି ବୟସରେ ତାଙ୍କୁ ଘରର ବୋଝ ଉଠାଇବାକୁ ପଡୁଛି ମାଆଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ମାଆଙ୍କୁ କୌଣସି ଡାକ୍ତରଖାନା ନେଇ ଚିକିତ୍ସା ମଧ୍ୟ କରିବା ତାଙ୍କ ପାଇଁ ସମ୍ଭବ ହୋଇନି। ଏନେଇ ପୂର୍ବରୁ ବହୁବାର ଗ୍ରାମବାସୀ, ସମ୍ପର୍କୀୟ ଏହି ପରିବାର ସମ୍ପର୍କରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମର ସଞ୍ଜୟ ସୁନାନି ଓ ଶିବ ଭୂମିଆ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ସମ୍ପୃକ୍ତ ଅସହାୟ ପରିବାରକୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଦେବା ଲାଗି ସେ ପଦକ୍ଷେପ ନେବେ।

# ଶରୀର ତୁଳନାରେ ମୁଣ୍ଡ ବଡ଼

ଏମ୍‌ଭି-୭/ ମାଲକାନଗିରି, ୧୭।୩(ସ୍ୱ.ପ୍ର.)

୮ ମାସର ପୁଅ। ନାଁ ତା'ର ଚିକୁ। ରୋଗ ସାଜିଛି ତା'ପାଇଁ ପ୍ରତିବନ୍ଧକ। ଏତେ ଛୋଟ ଛୁଆ ମାତ୍ର ୪ବର୍ଷର ବାଳକ ପରି ଦେଖାଯାଉଛି। ତା' ଶରୀର ତୁଳନାରେ ମୁଣ୍ଡ ଆକୃତି ବଡ। ଏହା ତା'ପାଇଁ ବୋଝ ପାଲଟିଛି। ପୁଅର ଚିକିତ୍ସା ପାଇଁ ମାଆବାପା ବିଭିନ୍ନ ସ୍ଥାନରେ ଦେଖାଇ ନିରାଶ ହୋଇଛନ୍ତି। ବଡଧରଣର

**ଚିକିତ୍ସାରେ ଅର୍ଥ ସାଜିଛି ପ୍ରତିବନ୍ଧକ**

ଅପରେଶନ ପାଇଁ ପାଖରେ ଅର୍ଥ ନାହିଁ। ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମପିଭି- ୭୪ ଗ୍ରାମର ଶଙ୍କର ହାଲଦାର ଓ ମା' ଲକ୍ଷ୍ମୀ ହାଲଦାରଙ୍କ ପୁଅ ଚିକୁ। ମସ୍ତିଷ୍କରେ ପାଣି ଜମି ଯାଇଛି। ସୀମାନ୍ତ ରାଜମହେନ୍ଦ୍ରୀ ଓ ଭଦ୍ରାଚଳମ୍ ନେଇ ମାଆବାପା ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ମୁଣ୍ଡ ଅପରେଶନ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ବ୍ୟୟ ବହୁଳ ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ। ଏପରି ପରିସ୍ଥିତିରେ ଏବେ ରୋଗ ଆଖିକୁ ସଂକ୍ରମିତ ହେଲାଣି। ଆଉ ବିଳମ୍ବ ହେଲେ ଆଗକୁ ସେ ଦୃଷ୍ଟିଶକ୍ତି ହରାଇପାରନ୍ତି। କୁହାଯାଉଛି ତାଙ୍କୁ ହାଇଡ୍ରୋ ଶେଫାଲିସ ରୋଗ ହୋଇଛି, ଯାହା ଶରୀରର ସ୍ନାୟୁକୁ ଦୁର୍ବଳ କରିଦେଉଛି। ଶୀଘ୍ର ଉତ୍ତମ ଚିକିତ୍ସା କରା ନ ଗଲେ ଏହା ଶରୀରର ଅନ୍ୟ ଅଙ୍ଗ ଅଚଳ କରିପାରେ। କେହି ସହୃଦୟ ବ୍ୟକ୍ତି ପିଲାଟିର ଚିକିତ୍ସା ପାଇଁ ସହାୟତାର ହାତ ବଢାଇବାକୁ ମାଆବାପା ନିବେଦନ କରିଛନ୍ତି। ଜିଲା ପ୍ରଶାସନ ମଧ୍ୟ ଶିଶୁଟିର ଉଚ୍ଚ ଚିକିତ୍ସା ଲାଗି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ଏବିଭିପିର ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ

ଗୁଣପୁର,୧୭।୩(ଡି.ଏନ.ଏ): ରାୟଗଡା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ଗୁଣପୁର ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରବିବାର ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ବ୍ୟକ୍ତିତ୍ୱ କିପରି ବିକାଶ ହେବ ଏବଂ ଭବିଷ୍ୟତ ଗଠନ କେମିତି କରିବେ, ସେନେଇ ସୂଚନା ଦିଆଯାଇଥିଲା । ଏଥିରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିଚାଳନା ସମିତି ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଜିଆଇଇଟି ଅଧ୍ୟାପକ ଦେବାଶିଷ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ପିଲାଙ୍କୁ ମାର୍ଗ ଦର୍ଶନ କରିଥିଲେ । ବିଭିନ୍ନ ସୂତ୍ରରେ ଅଧ୍ୟାପକ ଦୁର୍ଗ କରଙ୍କ ସମେତ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଆଶୁତୋଷ ବରାଳ, ଉମାଶଙ୍କର ଦାସ, ଶେଷସାଇ ସେନାପତି, ପ୍ରଶାନ୍ତ ହୋତା , ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ର ଚିନ୍ତନ ଉପରେ ପରୀକ୍ଷା ମଧ୍ୟ କରାଯାଇଥିଲା । ପ୍ରଣବ ପଟ୍ଟନାୟକ, କିରଣ କୁମାର, ଶିବ ଡାକୁଆ, ଏସ.ଶିବାଜୀ, ବି.ସତୀଶ କୁମାର, ସନ୍ତୋଷ ଅଧିକାରୀ, ଦାଉଦ ମାଝି, ଲକ୍ଷ୍ମୀ ମହାଙ୍କୁଡ, ଶ୍ରୀଧର ପାତ୍ର, ବିଶ୍ୱରଞ୍ଜନ, ଟି. ରାଜେଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଆଜିଠୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

କୋରାପୁଟ,୧୭।୩(ସ୍ୱ.ପ୍ର.):କୋରାପୁଟ ଜିଲା ଛାତ୍ର ବିଜେଡି ପକ୍ଷରୁ ସୋମବାରଠାରୁ ଆରମ୍ଭ କରାଯିବ 'ହକ୍ ମାଗେ ଓଡ଼ିଶା କାର୍ଯ୍ୟକ୍ରମ। ସ୍ଥାନୀୟ କୋରାପୁଟ ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଛାତ୍ର ବିଜୁଜନତା ଦଳର ସଭାପତି ଶିବରାଜ କନ୍ଧପାନ ଏହି ସୂଚନା ଦେଇଛନ୍ତି। ଏକମାସ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଜରିଆରେ ଜିଲାର ୨୯ଟି ଜୋନ ସମେତ ୪ଟି ପୌରାଞ୍ଚଳରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପ୍ରତି ଅବହେଳା କରାଯାଇଥିବା ନେଇ ବିଜେଡି ପକ୍ଷରୁ କେନ୍ଦ୍ରକୁ ୯ଟି ପ୍ରଶ୍ନ କରାଯାଇଛି । ବିଗତ ଦିନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ୯ଟି ପ୍ରଶ୍ନ ପଚାରିଥିଲେ । କେନ୍ଦ୍ର ସରକା ବିଆରଜିଏଫ, କେବିକେ ସମେତ ୯ଟି ଯୋଜନାକୁ କାଟି ଓଡ଼ିଶାକୁ ଅବହେଳା କରିଛି । ବିଭିନ୍ନ ଯୋଜନାରେ କେନ୍ଦ୍ର ନିଜ ଅଂଶ ବାବଦକୁ ସଠିକ ଅର୍ଥ ଦେଉ ନଥିବା ସତ୍ତ୍ୱେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଆସୁଛି ବୋଲି ଛାତ୍ର ବିଜୁ ଜନତା କହିଛି। କେନ୍ଦ୍ରର ଅବହେଳା ଓ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ପଚାରିଥିବା ୯ଟି ପ୍ରଶ୍ନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ଜିଲା ଛାତ୍ର ବିଜେଡି। ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟବେକ୍ଷକ ଦିନେଶ ମହାରଣା, କୋରାପୁଟ ବ୍ଲକ ବିଜେଡି ସଭାପତି ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ।

■ ଡାଙ୍ଗସୋରଡା ଯୁଜିଯୁପି ବିଦ୍ୟାଳୟ

# ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ହୋହଲ୍ଲା

ଚନ୍ଦ୍ରପୁର, ୧୭।୩ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ହୋହଲ୍ଲା କରିଛନ୍ତି । ଏଥିସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରିବର୍ତ୍ତନ କରିବା ପାଇଁ ମଧ ଦାବି କରିଥିଲେ। ତୁରନ୍ତ ସମସ୍ୟା ସମାଧାନ କରାଯିବା ନେଇ ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ପାତ୍ର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଉକ୍ତ ବିଦ୍ୟାଳୟରେ ୮ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଅଛନ୍ତି। ଏଠାରୁ ଅଧ କି.ମି. ଦୂରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ଆଇଟିଡିଏରର ୨୦୦ ଛାତ୍ରୀ ରହି ଏଠାରେ ପାଠ ପଢ଼ନ୍ତି। ମଧ୍ୟାହ୍ନଭୋଜନ ଖାଇବା ପାଇଁ ଘରୁ ଥାଳି ଆଣିବା ଲାଗି କହିବା, ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ନ ପଢାଇବା,ବିଦ୍ୟାଳୟ ପରିସର ସଫା ନ ରଖିବା,ସ୍କୁଲ ପରିସରରେ ଫୁଲ,ଫଳ ଗଛ ନ ଲଗାଇବା ଆଦି ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅଭିଭାବକମାନେ ଉକ୍ତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳି ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀଙ୍କୁ ନେଇ ଏକ ଜରୁରୀ ବୈଠକ କରାଯାଇଛି। ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସମୟରେ ଗ୍ରାମବାସୀ ହୋହଲ୍ଲା କରିଥିଲେ। ପରୀକ୍ଷା ପରେ ଅନ୍ୟ ଆଉ ଏକ ବୈଠକ ଡକାଯାଇ ଆଲୋଚନା କରାଯିବ ବୋଲି ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପାତ୍ର କହିଥିଲେ। ଏଥିସହ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନଙ୍କୁ ପଚାରିବାରୁ, ମୁଁ ୧୦ ପ୍ୟାକେଟ ଚାଉଳ ବିଦ୍ୟାଳୟରୁ ନେଇଥିଲି। କିନ୍ତୁ ପରେ ଆଣି ବିଦ୍ୟାଳୟରେ ରଖିଛି। ବିଦ୍ୟାଳୟରୁ ଚାଉଳ କୁଆଡେ ହେରଫେର ହୋଇନାହିଁ ବୋଲି ସେ କହିଛନ୍ତି। ହଷ୍ଟେଲରେ ଚାଉଳ ନିଅଣ୍ଟ ପଡିଲେ ବିଦ୍ୟାଳୟରୁ ଧାର ନେଇ ପୁଣି ଫେରାଇବାକୁ ପଡିଥାଏ ବୋଲି ସେ କହିଛନ୍ତି।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଶିବିରକୁ ଅତିଥି ଶୁଭାରମ୍ଭ କରୁଛନ୍ତି ।

ଚନ୍ଦ୍ରପୁର,୧୭।୩(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର କଟକର ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୩୧ତମ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜ୍ଞାନେନ୍ଦ୍ର କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଶିବିରରେ ବିଭିନ୍ନ ରୋଗର କକ୍ଷ ଖୋଲାଯାଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଚନ୍ଦ୍ରପୁର ବ୍ଲକର ଚନ୍ଦ୍ରପୁର,ମୁନିଗୁଡ଼ା ଓ ବିଷମକଟକ ବ୍ଲକର ବିଭିନ୍ନ ଗ୍ରାମରୁ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇ ସ୍ୱାସ୍ଥ୍ୟ, ରକ୍ତ, ଇଜିସି ପରୀକ୍ଷା କରିଥିଲେ ବୋଲି ଟ୍ରଷ୍ଟର ପରାମର୍ଶଦାତା ଡ଼ାକ୍ତର ଦଣ୍ଡେଶ୍ୱର ହୋତା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ୍ ଶ୍ୟାମଶେଖର ଜେନା, ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଶକ୍ତି ବିଭାଗର ସ୍ୱତନ୍ତ୍ର ସମ୍ପାଦକ ସୁରଜିତ୍ ଦାସ, ବନ ବିଭାଗର ସହକାରୀ ବନ ସଂରକ୍ଷକ ଅନିଲ କୁମାର ରାଏ, ହନୁମନ୍ତପୁର ସରପଞ୍ଚ କାଉ ମୁନି, ବନପାଳ ଜୟଦେବ ନାୟକ, ବେହେରା ଚନ୍ଦ୍ରଶେଖର ସାହୁ, ହରିଶ୍ଚନ୍ଦ୍ର ମାର୍ତ୍ତା, ସନ୍ତୋଷ ସେନାପତି, ଲାବଣ୍ୟ କୁମାର ମାଝି, ଅଶୋକ କୁମାର ଘଡ଼େଇ, ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ଅଧା ଅଣ୍ଡା ବାଟମାରଣା

ବୈପାରୀଗୁଡ଼ା,୧୭।୩(ଡି.ଏନ୍.ଏ.)

ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଓ ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ଯୋଜନାରେ ଅଣ୍ଡା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ବହୁ କେନ୍ଦ୍ରରେ ଅଣ୍ଡା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବୈପାରୀଗୁଡ଼ା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତ ଅନ୍ତର୍ଗତ ମାକଡଡଙ୍ଗର ଗ୍ରାମର ଜଣେ ହିତାଧିକାରୀ ନିୟମିତ ଅଣ୍ଡା ନ ପାଇବା ଅଭିଯୋଗ କରିଛନ୍ତି। ଗ୍ରାମର ଡିଉଡି ଖିଲ ଅଭିଯୋଗ କରିଛନ୍ତି ଯେ ତାଙ୍କ ୨ ବର୍ଷର ନାତି ପୂର୍ଣ୍ଣ ଖିଲଙ୍କ ନାମ ନିକଟସ୍ଥ କଦଳିପଦର ଅଙ୍ଗନୱାଡ଼ି କେନ୍ଦ୍ରରେ ରହିଛି। ନିୟମ ଅନୁସାରେ ୬ ମାସରୁ ୩ ବର୍ଷ ମଧ୍ୟରେ ଘରେ ରହୁଥିବା ଶିଶୁଙ୍କୁ ପ୍ରତି ମାସରେ ଗୋଟିଏ ପ୍ୟାକେଟ ଛତୁଆ ଓ ସପ୍ତାହକୁ ୩ଟି ଲେଖାଏଁ ହିସାବରେ ୧୨ଟି ଅଣ୍ଡା ମିଳିବା କଥା। କିନ୍ତୁ ଡିଉଡି କହିଛନ୍ତି ଯେ, ପ୍ରତି ମାସରେ ୧୨ଟି ବଦଳରେ ୬ଟି ଅଣ୍ଡା ମିଳୁଛି। ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ କେନ୍ଦ୍ରରେ ନରହି ପଣସପୁଟ ଗ୍ରାମରେ ରହୁଛନ୍ତି। ସେଠାରେ ଥିବା ତାଙ୍କ ରାଶନ ଦୋକାନରୁ ଅଣ୍ଡା କାଢ଼ି ଦେଉଛନ୍ତି। ଡିଉଡି ମାସକୁ ଥରେ ପଣସପୁଟ ଆସି ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଛତୁଆ ଓ ଅଣ୍ଡା ସଂଗ୍ରହ କରୁଛନ୍ତି। ଗତ ମାସରେ ଡିଉଡି ଅଣ୍ଡା ପାଇଁ ଉକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ଘରକୁ ଅଣ୍ଡା ପାଇଁ ଯାଇଥିବା ବେଳେ ଦେହ ଭଲ ନ ଥିବାରୁ ଦୋକାନ ଖୋଲି ଅଣ୍ଡା ବାହାର କରି ହେବନାହିଁ ବୋଲି ଆଳ ଦେଖାଇ ଫେରାଇ ଦେଇଥିଲେ ଉକ୍ତ କର୍ମୀ। ଏ ସଂପର୍କରେ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସୁପରଭାଇଜରଙ୍କୁ ଫୋନ୍‌ରେ ଜଣାଇବାରୁ ଉକ୍ତ ଘଟଣାର ଅନୁସନ୍ଧାନ କରି ସେ ପରେ ଜଣାଇବେ ବୋଲି କହିଥିଲେ।



ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

■ କ୍ଷୁଦ୍ର ଔଦ୍ୟୋଗିକ ଶିଳ୍ପ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ପରିଶ୍ରମ କଲେ ସ୍ୱାବଲମ୍ବୀ ହୋଇପାରିବ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଚାଲିଥିବା କ୍ଷୁଦ୍ର ଔଦ୍ୟୋଗିକ ଶିଳ୍ପ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ସଦସ୍ୟ ୧୨ଦିନ ଧରି ତାଲିମ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶିଳ୍ପ ପ୍ରତିଷ୍ଠାନର ସାଧାରଣ ପରିଚାଳକ ବାବୁଲାଲ ଗନ୍ତାୟତ, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗ୍ରସାଣ୍ଡି, ଜିଲା ନାବାର୍ଡ ଅଧିକାରୀ ଏସ୍.ପାଲ ପ୍ରମୁଖ ଯୋଗଦେଇ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କଠିନ ପରିଶ୍ରମ କଲେ ସମସ୍ତେ ସ୍ୱାଧୀନ ଭାବେ ସ୍ୱାବଲମ୍ବୀ ହୋଇ ଚଳିପାରିବେ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ସଂଯୋଜକ ଦିଲୀପ ତନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଟିକେଟ ନ ମିଳିଲେ ସ୍ୱାଧୀନ ଭାବେ ଲଢ଼ିବେ ତ୍ରିନାଥ

ଗୁଣପୁର,୧୭।୩(ଡି.ଏନ.ଏ)



ତ୍ରିନାଥ ଗମାଙ୍ଗ ।

ରାୟଗଡ଼ା ଜିଲାରେ ଆସନ୍ତା ୧୧ ତାରିଖରେ ବିଧାୟକ ଏବଂ ଏମପି ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଦଳର ପ୍ରାର୍ଥୀ ତାଲିକା ପ୍ରକାଶ ପାଇ ନାହିଁ । ଫଳରେ ଆଶାୟୀ ପ୍ରାର୍ଥୀ ଓ ସମର୍ଥକମାନେ ଆଶା ଏବଂ ଆଶଙ୍କାରେ ରହିଛନ୍ତି। କାହାର ଟିକେଟ କଟିବ, କାହାକୁ ମିଳିବ ସେନେଇ ଚାଲିଛି ଛକାପଞ୍ଝା। ଶନିବାର ସମ୍ଭାବ୍ୟ ଏମପି ଏବଂ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ବିଜେଡ଼ି ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ଶକ୍ତି ପ୍ରଦର୍ଶନ କରାଯାଇଥିଲା । ଏଥିରେ ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ଅନୁପସ୍ଥିତିକୁ ନେଇ ଉଠିଥିଲା ନାନା ପ୍ରଶ୍ନ। ଏନେଇ ବିଧାୟକ ଗମାଙ୍ଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯଦି ମୋତେ ଟିକେଟ ନ ମିଳେ , ତେବେ ଦଳରୁ ଇସ୍ତଫା ଦେବାକୁ ମନସ୍ଥ କରିଛି । ସମର୍ଥକଙ୍କ ସହ ଆଲୋଚନା ପରେ ସେମାନଙ୍କ ପ୍ରସ୍ତାବକ୍ରମେ ସ୍ୱାଧୀନ ଭାବେ ଲଢ଼ିବି ବୋଲି କହିଛନ୍ତି ତ୍ରିନାଥ । କେତେକ ନେତାଙ୍କ କଥାକୁ ନ ଶୁଣିଲେ ଟିକେଟ କାଟିବା ପାଇଁ ଷଡଯନ୍ତ୍ର କରାଯାଉଛି । ୨୦୧୪ ସାଧାରଣ ନିର୍ବାଚନରେ ବିଧାୟକ ଥିବା ରାମମୂର୍ତ୍ତି ମୁତ୍ତିକାଙ୍କୁ ଏପରି ବାଦ ଦିଆଯାଇଥିଲା । ବର୍ତ୍ତମାନ ମୋତେ ଟିକେଟ ଦେବାରୁ ବଞ୍ଚିତ କରାଯାଉଛି ବୋଲି ଏପରି ସାଂଘାତିକ ଅଭିଯୋଗ କରିଛନ୍ତି ବିଧାୟକ ତ୍ରିନାଥ । ବିଜେଡିରେ ଯଦି ଏହିପରି ଛକାପଞ୍ଝା ଲାଗି ରହେ, ତେବେ ଦଳ ପାଇଁ ଏହା ଘାତକ ସିଦ୍ଧ ହୋଇପାରେ ବୋଲି ରାଜନୀତିଜ୍ଞମାନେ ମତ ଦେଇଛନ୍ତି ।

# ଅପଚୟ ହେଉଛି ପାନୀୟ ଜଳ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)



ପାଇପ୍ ଫାଟି ପାଣି ନଷ୍ଟ ହେଉଛି ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏବେ ଗ୍ରୀଷ୍ମର ପ୍ରଭାବ ପଡିଲାଣି। ବିଭିନ୍ନ ସ୍ଥାନରେ ପାନୀୟ ଜଳ ଅଭାବ ଦେଖିବାକୁ ମିଳିଲାଣି। ଏପରି ସ୍ଥଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଅପଚୟ ହେଉଛି। ବିଭାଗ ଢେପୁଆ ଅଞ୍ଚଳ ଯଥା ଖଜ୍ଞାସାହି, ଏର୍ଦଲା ସାହି, ଗୋଲାସାହିରେ ଯୋଗାଇ ଦେଉଥିବା ପାନୀୟ ଜଳ ଠିକ ଭାବେ ଲୋକଙ୍କ ନିକଟରେ ପହଞ୍ଚୁନି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର କେତେକ ମୁଖ୍ୟ ସ୍ଥାନରେ ଷ୍ଟାଣ୍ଡପୋଷ୍ଟରେ ଚାବି ନ ଥିବାରୁ ସକାଳ ଏବଂ ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ପାନୀୟ ଜଳ ବୋହି ନଷ୍ଟ ହେଉଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଗ୍ରୀଷ୍ମଦିନେ ଲୋକମାନେ ପାନୀୟ ଜଳ ପାଉ ନ ଥିବା ବେଳେ ପାନୀୟ ଜଳର ଅପଚୟ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ବାଲ୍‌ମୁକୁନ୍ଦ କେନ୍ଦ୍ରରେ ଧ୍ୟାନଯୋଗ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)



ପିଲାଙ୍କୁ ନେଇ ଯୋଗ କାର୍ଯ୍ୟକ୍ରମ ଚାଲିଛି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ରାଜଗୁରୁସାହିସ୍ଥିତ ରସିକରାଜ ମନ୍ଦିର ପ୍ରାଙ୍ଗଣରେ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ଧ୍ୟାନଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ଶିକ୍ଷା ପ୍ରଣାଳୀକୁ ଅନୁସରଣ କରି କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଧ୍ୟାନଯୋଗ ଶିକ୍ଷା ଦେଇଥିଲେ । ସମସ୍ତ ଶିଶୁ ବାଲ୍‌ଗୋପାଳ, ଯୁଗଳ ସରକାର ଏବଂ ଜଗଦ୍‌ଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ଫଟୋ ଚିତ୍ର ସମ୍ମୁଖରେ ଶ୍ରୀରାଧା ଅଲୌକିକ ନାମକୁ ବିଭିନ୍ନ ପ୍ରକାର ଫୁଲରେ ସଜାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ନିମନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ଗୋପୀନାଥ ପରିଚ୍ଛା,ସମ୍ମାନିତ ଅତିଥିରୂପେ ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସାହିତ୍ୟ ଏକାଡେମୀର ଯୁବ ସାହିତି କାର୍ଯ୍ୟକ୍ରମ

ରାୟଗଡା ଅଫିସ୍, ୧୭।୩

ସ୍ଥାନୀୟ ଗାନ୍ଧୀ ଯାନ୍ତ୍ରିକ ଓ ବିଜ୍ଞାନ ମହାବିଦ୍ୟାଳୟ(ଜିଷ୍ଟ) ଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବସାହିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ପରିଷଦ ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶୁତୋଷ ପାତ୍ର ସଂଯୋଜନା କରିଥିଲେ। ୫ଜଣ ନିମନ୍ତ୍ରିତ ଯୁବସ୍ରଷ୍ଟା ଏହି କାର୍ଯ୍ୟକ୍ରମରେ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ଆଶିଷ କୁମାର ମିଶ୍ର, ଡିଲେଶ୍ୱର ରଣା, ନିରଞ୍ଜନ ନାୟକ, ପ୍ରଣବକଳ୍ପ ପଟ୍ଟନାୟକ ଓ ଶୁଭ୍ରାଂଶୁ ବିଶ୍ୱାଳ ଉପସ୍ଥିତ ଥିଲେ । କଣ୍ଠଶିଳ୍ପୀ ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ । ଉମ୍ବରୁଧର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୁମୁଦଚନ୍ଦ୍ର ମିଶ୍ର, ବ୍ରଜସୁନ୍ଦର ନାୟକ, ଗୋପୀନାଥ ସାହୁ, ନିରଞ୍ଜନ ବକ୍ସିପାତ୍ର, ତ୍ରିବେଣୀ ମିଶ୍ର, ଅଖିଳାନନ୍ଦ ବେବର୍ତ୍ତା, ନୀଳାମ୍ବର ମିଶ୍ର, ଅରୁଣ ଲେଙ୍କା, ଅରୁଣ ଚୌଧୁରୀ, ନୀଳମଣି ପାଢୀଯୋଶୀ, କଲ୍ୟାଣୀ ସାଲମଲ, ପଦ୍ମିନୀ ମିଶ୍ର ପ୍ରମୁଖ ବ୍ୟକ୍ତି ଓ କବିବୃନ୍ଦ ଯୋଗ ଦେଇଥିଲେ ।

# ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ପାରଳାଖେମୁଣ୍ଡି, ୧୭।୩ (ସ୍ୱ.ପ୍ର.)



ପୋଲିସ ଫ୍ଲାଗମାର୍ଚ୍ଚ କରୁଛି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପୋଲିସ ପକ୍ଷରୁ ଏକ ଫ୍ଲାଗ୍ ମାର୍ଚ୍ଚର ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଛି । ପାରଳାଖେମୁଣ୍ଡି ଉପଖଣ୍ଡୀୟ ପୋଲିସ ଅଧିକାରୀ ଠାକୁର ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ଜିଲା ପୋଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ ପାରଳାଖେମୁଣ୍ଡି ଥାନା ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଜନସାଧାରଣଙ୍କୁ ନିର୍ଭୀକ ଭାବେ ମତଦାନ ପ୍ରକ୍ରିୟାରେ ସାମିଲ ହେବାକୁ ଏହି ଅବସରରେ ସଚେତନ କରାଯାଇଥିଲା। ଆଗକୁ ନିର୍ବାଚନ ଥିବାରୁ କାହା ଦ୍ୱାରା କୌଣସି ପ୍ରକାର ପ୍ରଲୋଭନରେ ନ ପଡିବା, ନିଜ ଇଚ୍ଛା ମୁତାବକ ଭୋଟଦାନ କରିବା, ଭୋଟଦାନକୁ ଅଗ୍ରାଧିକାର ଦେବା ନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଆଗାମୀ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେଥିପ୍ରତି ଜନସାଧାରଣ ସତର୍କ ରହିବା ସହିତ ପୋଲିସକୁ ସହଯୋଗ କରିବା ପାଇଁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ମନୋରଞ୍ଜନ ଦାସ, ସୁନୀଲ ଦଳେଇ, ଏଏସ୍‌ଆଇ ପୀତବାସ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।